ସମ୍ପୂର୍ଣ୍ଣ ନିରପେକ୍ଷ ସାଧାରଣ ଲୋକଙ୍କ ଖବରକାଗଜ

# ପର୍ଯ୍ୟବେକ୍ଷକ

PARYABEKHYAK ପର୍ଯ୍ୟବେକ୍ଷକ

visit us at www.paryabekhyak.com

FIND US ON facebook.com/paryabekhyak

FOLLOW US ON TWITTER twitter.com/paryabekhyak

Vol.24 . No.297 Bhubaneswar Tuesday, January 18, 2022 ୨୪ତମ ବର୍ଷ ସଂଖ୍ୟା-୨୯୭ ଭୁବନେଶ୍ୱର, ମଙ୍ଗଳବାର, ଜାନୁଆରୀ ୧୮, ୨୦୨୨ (୮ ପୃଷ୍ଠା) ମୂଲ୍ୟ-୧.୫୦ ₹ 1.50 (Air Surcharge - 0.50P) Member-INS


# ଚକଲେଟ୍ ରାପରରେ ଚତୁର୍ଦ୍ଧାମୂର୍ତ୍ତୀ, ବିରୋଧ ପରେ ଚେତିଲା କମ୍ପାନୀ

ଭୁବନେଶ୍ୱର,୧୭।୧(ପି.ଏନ): କୋଟି କୋଟି ଓଡିଆଙ୍କ ଆରାଧ୍ୟ ଦେବତା ହେଉଛନ୍ତି ମହାପ୍ରଭୁ ଜଗନ୍ନାଥ। ପ୍ରତିଟି ଓଡିଆଙ୍କର ହୃଦୟରେ ବାସ କରନ୍ତି ମହାପ୍ରଭୁ ଜଗନ୍ନାଥ। ହେଲେ ଜଗନ୍ନାଥପ୍ରେମୀଙ୍କ ଭାବାବେଗକୁ ଆଘାତ ଦେଇଛି ଜଣାଶୁଣା ଚକଲେଟ୍ କମ୍ପାନୀ ନେସଲେ। ନେସଲେରେ ଚକଲେଟ୍ ପ୍ରଡକ୍ଟ କିଟକାଟ୍ ରାପରରେ ପ୍ରଭୁ ଶ୍ରୀଜଗନ୍ନାଥ, ଭାଇ ବଳଭଦ୍ର ଓ ଭଉଣୀ ଶୁଭଦ୍ରାଙ୍କ ଫଟୋଚିତ୍ର। ଯାହାକୁ ନେଇ ବିବାଦ ଦେଖା ଦେଇଛି। ନେସଲେ କମ୍ପାନୀର କିଟକାଟ୍ ଚକଲେଟ୍‌ର ଏମିତି ଏକ ଉଦ୍ଭଟ ବିଜ୍ଞାପନକୁ ନେଇ ଏବେ ସମଗ୍ର ଜଗନ୍ନାଥ ପ୍ରେମୀ ଖପ୍ପା। ମାର୍କେଟକୁ ଏହି ଚକଲେଟ୍ ଆସିବା ପରେ, ଚକଲେଟ୍ ରାପରକୁ ନେଇ ବିବାଦ ତେଜିବାର ଲାଗିଛି। ତୁରନ୍ତ ଚକଲେଟର ରାପରରୁ ପ୍ରଭୁ ଶ୍ରୀଜଗନ୍ନାଥଙ୍କ ଫଟୋଚିତ୍ର ଉଠାଇବା ପାଇଁ ନେସଲେ କମ୍ପାନୀକୁ ଘନଘନ ଟୁଇଟ କରି ଚାଲିଛନ୍ତି ଭଗବତପ୍ରେମୀ। କାରଣ ଚକଲେଟ୍ ଖାଇବା ପରେ ରାସ୍ତାଘାଟ, ନାଳନର୍ଦ୍ଦମା ଓ




ଡଷ୍ଟବିନ୍‌ରେ ପଡିବ ରାପର। ଯାହାକି କୋଟି କୋଟି ଓଡିଆଙ୍କ ଆରାଧ୍ୟଦେବତାଙ୍କୁ ଅପମାନ ହେବା ସହ ହିନ୍ଦୁଧର୍ମାବଲମ୍ବୀଙ୍କ ଭାବନାକୁ କୁଠାରଘାତ କରିବ। ସାଧାରଣ ଲୋକଙ୍କ ଭାବାବେଗ ଓ ଅଭିଯୋଗ ପରେ କମ୍ପାନୀ ଚେତିଛି। ଜଗନ୍ନାଥଙ୍କ ପ୍ରତିଛବି ଥିବା କିଟକାଟ୍ ରାପର ପ୍ରଡକ୍ସନ୍ ଉପରେ କମ୍ପାନୀ ରୋକ ଲଗାଇଛି। ଏପରିକି ଜଗନ୍ନାଥପ୍ରେମୀଙ୍କୁ ଟ୍ୱିଟ୍ କରି ଭୁଲ ମଧ ମାଗିଛି। ଅଜାଣତରେ ଲୋକଙ୍କ ଭାବାବେଗକୁ ଆଘାତ ପହଞ୍ଚାଇଥିବାରୁ କମ୍ପାନୀ ମର୍ମାହତ ବୋଲି କହିଛି। ମାର୍କେଟରେ ଜଗନ୍ନାଥଙ୍କ ରାପର ସହ ଥିବା ସମସ୍ତ ଚକଲେଟକୁ ଆଉ ବିକ୍ରୀ ନକରି ଫେରାଇ ଆଣିବାକୁ ମଧ ନିର୍ଦ୍ଦେଶ ଦିଆ ସରିଥିବା ନେସଲେ ପକ୍ଷରୁ ସଫେଇ ଦିଆଯାଇଛି।ଓଡିଶାର ହସ୍ତକଳା ପ୍ରତି ପର୍ଯ୍ୟଟକଙ୍କୁ ଆକୃଷ୍ଟ କରିବା ପାଇଁ ଭୁବନେଶ୍ୱର ୟୁନିଟ୍-୩ରେ ଖୋଲାଯାଇଛି ଏକ୍ରାମ ହାଟ। ଆଉ ଏହି ହାଟରେ ବିକ୍ରୀ ହେଉଛି ପ୍ରଭୁ ଶ୍ରୀଜଗନ୍ନାଥଙ୍କ ନାନ୍ନାଦି ପଟ୍ଟଚିତ୍ର। ଏକଚ୍ଛା, କେଟିଲୀ ଉପରେ ପଟ୍ଟଚିତ୍ର ଶୈଳୀରେ ଚତୁର୍ଦ୍ଧାମୂର୍ତ୍ତୀଙ୍କ ପ୍ରତିଛବିକୁ ଆଙ୍କିଛନ୍ତି ଜଣେ କଳାପ୍ରେମୀ। ଯାହାର ଛବିଟିକୁ ନେସଲେ କମ୍ପାନୀ ତାର ଲୋକପ୍ରିୟ ଚକେଲେଟ୍ କିଟକାଟ୍ ରାପରରେ ସ୍ଥାନ ଦେଇଛି। ଗୋଟିଏ ପଟେ ବ୍ୟବସାୟ, ଅନ୍ୟପଟେ ଲୋକଙ୍କୁ ଓଡିଶାର ହସ୍ତକାଳ ବିଷୟରେ ଜଣାଇବା ଉଦ୍ଦେଶ୍ୟରେ ମହାପ୍ରଭୁଙ୍କ ଛବିକୁ ବ୍ୟବହାର କରାଯାଇଥିବା କମ୍ପାନୀ ପକ୍ଷରୁ ଟୁଇଟ୍? କରାଯାଇଛି।ଗତ ତିନି ଦିନ ହେଲା ଏହାକୁ ନେଇ ରାଜ୍ୟ ତଥା ରାଜ୍ୟ ବାହାରେ ଅନେକ ପ୍ରତିକ୍ରିୟା ପ୍ରକାଶ ପାଉଛି। ତେବେ ହିନ୍ଦୁ ଦେବାଦେବୀଙ୍କୁ ନେଇ ବିଜ୍ଞାପନର ନୂଆ ଫଣ୍ଡା ବାହାର କରିବା ଏହା ପ୍ରଥମ ଘଟଣା ନୁହେଁ। କେବେ ଟି-ସାର୍ଟରେ ତ ଆଉ କେବେ ଚପଲରେ ମଧ ହିନ୍ଦୁ ଦେବାଦେବୀଙ୍କ ପ୍ରତିଛବି ରହିଥିବା ଦେଖିବାକୁ ମିଳିଛି। ଏପରିକି ଟଏଲେଟ୍ ସିଟ୍ କଭରରେ ମଧ ଦେବାଦେବୀଙ୍କ ପ୍ରତିଛବି ରଖି ଆମାଜନ୍ ଇ-କମର୍ସ ସଂସ୍ଥାକୁ ଭୁଲ ମାଗିବାକୁ ପଡିଥିଲା। ତେବେ ଦେବାଦେବୀଙ୍କୁ ବିଜ୍ଞାପନରେ କାହିଁକି ବ୍ୟବହାର କରାଯାଉଛି, ତାକୁ ନେଇ ପ୍ରଶ୍ନ ଉଠୁଛି।

# ପଂଚାୟତ ନିର୍ବାଚନ : ପ୍ରଥମ ଦିନରେ ୮୭୭୨ ପ୍ରାର୍ଥୀପତ୍ର ଦାଖଲ

ଭୁବନେଶ୍ୱର,୧୭।୧(ପି.ଏନ): ପଂଚାୟତ ନିର୍ବାଚନ ପାଇଁ ପ୍ରାର୍ଥୀପତ୍ର ଦାଖଲର ପ୍ରଥମ ଦିନରେ ୮୭୭୨ ଜଣଙ୍କ ନାମାଙ୍କନ ଦାଖଲ କରିଛନ୍ତି। ସୋମବାର ଦିନ ଜିଲ୍ଲା ପରିଷଦ ପାଇଁ ମୋଟ ୨୨ ଜଣଙ୍କ ପ୍ରାର୍ଥିପତ୍ର ଦାଖଲ କରିଥିବା ବେଳେ ସମିତି ସଭ୍ୟ ପାଇଁ ୫୧୨, ସରପଂଚ ପାଇଁ ୧୧୨୨ ଜଣଙ୍କ ନାମାଙ୍କନ ଦାଖଲ କରିଛନ୍ତି। ସେହିପରି ୱାର୍ଡ ମେମ୍ବର ପାଇଁ ପ୍ରଥମ ଦିନରେ ୭୧୧୬ଟି ନାମାଙ୍କନ ଦାଖଲ କରାଯାଇଛି। ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ଏହି ସୂଚନା ଦିଆଯାଇଛି। ଉଲ୍ଲେଖନୀୟ ଯେ ରାଜ୍ୟ ନିର୍ବାଚନ କମିଶନଙ୍କ ପକ୍ଷରୁ ନିର୍ଦ୍ଧାରିତ କାର୍ଯ୍ୟ ସୂଚୀ ଅନୁଯାୟୀ ପଂଚାୟତ ନିର୍ବାଚନ ଲାଗି ସୋମବାରଠାରୁ ପ୍ରାର୍ଥିପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି ପ୍ରକ୍ରିୟା ୨୧ ତାରିଖ ପର୍ଯ୍ୟନ୍ତ ଚାଲିବ। କାର୍ଯ୍ୟସୂଚୀ ଅନୁଯାୟୀ ୨୨ ତାରିଖରେ ପ୍ରାର୍ଥିପତ୍ରଗୁଡ଼ିକ ଯାଂଚ୍ ହେବ। ଆଗ୍ରହୀ ପ୍ରାର୍ଥୀମାନେ ୨୩ରୁ ୨୫ ତାରିଖ ପର୍ଯ୍ୟନ୍ତ ପ୍ରାର୍ଥୀପତ୍ର ପ୍ରତ୍ୟାହାର କରିପାରିବେ। ୨୫ ତାରିଖ ଅପରାହ୍ନରେ ଚୂଡ଼ାନ୍ତ ପ୍ରାର୍ଥୀ ତାଲିକା ପ୍ରକାଶ ପାଇବ। ୱାର୍ଡ ମେମ୍ବର, ସରପଂଚ ଓ ସମିତି ସଭ୍ୟ ପାଇଁ ବ୍ଲକ୍ କାର୍ଯ୍ୟାଳୟରେ ଏବଂ ଜିଲ୍ଲା ପରିଷଦ ସଭ୍ୟମାନେ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପ୍ରାର୍ଥିପତ୍ର ଦାଖଲ କରିବେ।

# ବିଜେପିରେ ସାମିଲ ହେଲେ ବିଂଝାରପୁରର ବହୁ କଂଗ୍ରେସ ନେତା

ଭୁବନେଶ୍ୱର, ୧୭।୧(ପି.ଏନ): ଯାଜପୁର ଜିଲ୍ଲା ବିଂଝାରପୁର ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଜରୀ ପଂଚାୟତର ପୂର୍ବତନ ଛାତ୍ର କଂଗ୍ରେସ ସଭାପତି ତଥା ବର୍ତମାନର ସମିତି ସଭ୍ୟ ଭୂବନାନନ୍ଦ ସାମଲ ନିଜ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ଯୋଗଦାନ କରିଛନ୍ତି। ରାଜ୍ୟ କାର୍ଯ୍ୟାଳୟଠାରେ ସୋମବାର ଅନୁଷ୍ଠିତ ଏକ ମିଶ୍ରଣ ପର୍ବରେ ଶ୍ରୀ ସାମଲଙ୍କ ନେତୃତ୍ୱରେ ବିଂଝାରପୁର ନିର୍ବାଚନ ମଣ୍ଡଳୀର କଂଗ୍ରେସ ନେତା ସିମାନ୍ତ ପାତ୍ର, ବିଂଝାରପୁର ବ୍ଲକ ସ୍ୱୟଂସହାୟିକା ଗୋଷ୍ଠୀ ମହାସଂଘ ସଭାପତି ନିର୍ଝରିଣୀ ନାୟକ, ସଦସ୍ୟା ମମିତା ସେଠୀ, ବିଂଝାରପୁର ବ୍ଲକ କଂଗ୍ରେସ ସଭାପତି ସୁଦାମ ସାମଲ, କଂଗ୍ରେସ ନେତା ନବକିଶୋର ଜେନା, ଦୁର୍ଯ୍ୟୋଧନ ମଲ୍ଲିକ, ବାବନ ନାୟକ, ସୁବଳ ମଲ୍ଲିକ, ଅଭିରାମ ନାୟକ, ପ୍ରଫୁଲ୍ଲ ନାୟକ, ଯୁଧିଷ୍ଠିର ନାୟକ, ପରମାନନ୍ଦ ବେହେରା ପ୍ରମୁଖ ନିଜ ନିଜ ସମର୍ଥକଙ୍କ ଗହଣରେ ଆନୁଷ୍ଠାନିକ ଭାବେ ବିଜେପିରେ ସାମିଲ ହୋଇଛନ୍ତି। ରାଜ୍ୟ ସଭାପତି ସମୀର ମହାନ୍ତି ନୂତନ ଭାବେ ବିଜେପିରେ ସାମିଲ ହୋଇଥିବା ସମସ୍ତ ନୂତନ ସଦସ୍ୟଙ୍କୁ ଉତରୀୟ ଓ ଟୋପି ପିନ୍ଧାଇ ସ୍ୱାଗତ ଜଣାଇଥିଲେ। ଭୂବନାନନ୍ଦ ସାମଲଙ୍କ ଯୋଗଦାନ ଫଳରେ ବିଂଝାରପୁର ନିର୍ବାଚନ ମଣ୍ଡଳୀରେ ଦଳୀୟ ସଂଗଠନ ଅଧିକ ମଜବୁତ ହେବ ବୋଲି ରାଜ୍ୟ ସଭାପତି ଶ୍ରୀ ମହାନ୍ତି ଦୃଢୋକ୍ତି ପ୍ରକାଶ କରିଛନ୍ତି। ଏହି ମିଶ୍ରଣ ପର୍ବ ଅବସରରେ ଯାଜପୁର ଜିଲ୍ଲା ସଭାପତି ଗୌତମ ରାୟ, ବିଂଝାରପୁର ବିଧାୟିକା ପ୍ରାର୍ଥୀ ବବିତା ମଲ୍ଲିକ୍, ପୂର୍ବତନ ଜିଲ୍ଲା ସଭାପତି ପବିତ୍ର ଦାସ୍, ରାଜ୍ୟ ମୁଖପାତ୍ର ଠାକୁର ରଞ୍ଜିତ୍ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ଥଣ୍ଡା କାଶ ହେଲେ ନିଜକୁ ଆଇସୋଲେଟ କରି ରଖନ୍ତୁ

ଭୁବନେଶ୍ୱର,୧୭।୧(ପି.ଏନ): କରୋନା ସଂକ୍ରମଣର ଦ୍ୱିଗୁଣିତ ହେବା ସମୟ କମିଛି। ଅଭିବୃଦ୍ଧି ହାର ବି କମିଥିବା କହିଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ ନିରଞ୍ଜନ ମିଶ୍ର। ସେ କହିଛନ୍ତି ଯେ, ବର୍ତମାନ ରାଜ୍ୟରେ ୭୫ ହଜାର ସକ୍ରିୟ ସଂକ୍ରମିତ ଥିବା ବେଳେ ମାତ୍ର ୧୨୦୦ଜଣ ହସ୍ପିଟାଲରେ ଚିକିତ୍ସିତ ହେଉଛନ୍ତି। ବର୍ତ୍ତମାନ ହସ୍ପିଟାଲ ଉପରେ କିଛି ଚାପ ନାହିଁ। ଆଜି ସଂକ୍ରମଣ କମ ଥିଲେ ବି ଏହି ଟ୍ରେଣ୍ଡକୁ ଦେଖି ବର୍ତ୍ତମାନ କିଛି ଆକଳନ କରିହେବନାହିଁ। ଟ୍ରେଣ୍ଡ ଆକଳନ ପାଇଁ ଏହି ମାସ ଶେଷ ପର୍ଯ୍ୟନ୍ତ ଅପେକ୍ଷା କରିବାକୁ ପଡ଼ିବ। ଦ୍ୱିତୀୟ ଲହର ଭଳି ଖୋର୍ଦ୍ଧା ଓ ସୁନ୍ଦରଗଡରେ ସଂକ୍ରମଣ ଅଧିକ ରହୁଛି। ଆରଟି-ପିସିଆର କିଟ୍ ପରି ଓମିକ୍ରନ କିଟ୍ ସବୁ ଜିଲ୍ଲାକୁ ବଂଟାଯିବ। ଔଷଧ ନିଗମ ଏ ନେଇ ତଥ୍ୟ ଦେବା ସହ ଥଣ୍ଡା କାଶ ହେଲେ ନିଜକୁ ଆଇସୋଲେଟ କରି ରଖିବା ସହ ପରୀକ୍ଷା କରିବାକୁ ପରାମର୍ଶ ଦେଇଛନ୍ତି ଜନସ୍ୱାସ୍ଥ୍ୟ ନିର୍ଦ୍ଦେଶକ। ଅଯଥା କୌଣସି ଔଷଧ ନଖାଇ ବିଶେଷଜ୍ଞଙ୍କ ପରାମର୍ଶ କ୍ରମେ ଔଷଧ ଖାଆନ୍ତୁ ବୋଲି ସେ କହିଛନ୍ତି।

## ୨୦ ଯାଏଁ ଘନ କୁହୁଡି ସମ୍ଭାବନା

ଭୁବନେଶ୍ୱର,୧୭।୧(ପି.ଏନ): ଆସନ୍ତା ୨୪ ଘଂଟା ମଧ୍ୟରେ ରାଜ୍ୟର ୯ ଜିଲ୍ଲାକୁ ଘନ କୁହୁଡ଼ି ପାଇଁ ୟେଲୋ ୱାର୍ଣ୍ଣିଂ ଜାରି କରିଛି ଭୁବନେଶ୍ୱର ଆଂଚଳିକ ପାଣିପାଗ କେନ୍ଦ୍ର। ଏହି ଜିଲ୍ଲାଗୁଡ଼ିକ ମଧ୍ୟରେ ସୁନ୍ଦରଗଡ଼, କେନ୍ଦୁଝର, ଅନୁଗୁଳ, ଢ଼େଙ୍କାନାଳ, ବୌଦ୍ଧ, ବଲାଙ୍ଗୀର, କନ୍ଧମାଳ, କଳାହାଣ୍ଡି ଓ ନବରଙ୍ଗପୁର ରହିଛି। ସେହିପରି ଜାନୁଆରୀ ୧୮ରୁ ୧୯ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ,, ରାୟଗଡ଼ା, କଳାହାଣ୍ଡି, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ଢ଼େଙ୍କାନାଳ ଓ କଟକ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ ଘନ କୁହୁଡି ସମ୍ଭାବନା ଥିବାରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ଜାନୁଆରୀ ୧୯ରୁ ୨୦ ତାରିଖ ମଧ୍ୟରେ ମାଲକାନଗିରି, କୋରାପୁଟ, ରାୟଗଡ଼ା, କନ୍ଧମାଳ, ବୌଦ୍ଧ, ଅନୁଗୁଳ, ନୟାଗଡ଼, ଢ଼େଙ୍କାନାଳ, କେନ୍ଦୁଝର, ଯାଜପୁର, ଭଦ୍ରକ, ବାଲେଶ୍ୱର ଓ କଟକ ଆଦି ଜିଲ୍ଲାର ଗୋଟିଏ ଦୁଇଟି ସ୍ଥାନରେ କୁହୁଡି ସମ୍ଭାବନା ରହିଛି।

# ଗୋଟିଏ ଦିନରେ ୧୦୪୮୯ କରୋନା ଆକ୍ରାନ୍ତ ଚିହ୍ନଟ

ଭୁବନେଶ୍ୱର, ୧୭।୧(ପି.ଏନ): ରାଜ୍ୟରେ ଗୋଟିଏ ଦିନରେ ୧୦୪୮୯ ଜଣ ନୂଆ କରୋନା ଆକ୍ରାନ୍ତ ଚିହ୍ନଟ ହେବା ପରେ ମୋଟ କରୋନା ସଂକ୍ରମିତଙ୍କ ସଂଖ୍ୟା ୧୧୪୪୪୦୧ କୁ ବୃଦ୍ଧି ପାଇଛି। ସେହିପରି ୧୮ ବର୍ଷରୁ କମ ୯୮୨ ଓ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ଟ୍ୱିଟ କରି ସୂଚନା ଦିଆ ଯାଇଛି। ସୁସ୍ଥ ହୋଇଥିବା ଆକ୍ରାନ୍ତଙ୍କ ସଂଖ୍ୟା ୧୦ ଲକ୍ଷ ୬୦ ହଜାର ୦୬୭ ହୋଇଛି। ରାଜ୍ୟରେ ବର୍ତମାନ ସୁଦ୍ଧା ସକ୍ରିୟ ରୋଗୀଙ୍କ ସଂଖ୍ୟା ୭୫୭୯୭ ରହିଛି।ଆଜି ଚିହ୍ନଟ ହୋଇଥିବା ୧୦୪୮୯ ଜଣଙ୍କ ମଧ୍ୟରୁ ୬୦୮୨ ଜଣ ସଂଗରୋଧରୁ ହୋଇଥିବା ବେଳେ ୪୪୦୭ ଜଣ ସ୍ଥାନୀୟ ଲୋକ ବୋଲି ସୂଚନା ଓ ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି। ଆଜି ଚିହ୍ନଟ ହୋଇଥିବା କୋରୋନା ଆକ୍ରାନ୍ତ ମାନେ ମୋଟ ୩୦ ଟି ଜିଲ୍ଲାର ହୋଇଥିବା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୂଚନା ଦିଆ ଯାଇଛି।ସ୍ୱାସ୍ଥ୍ୟ ବିଭାଗ ବିଭାଗ ପକ୍ଷରୁ ଦିଆ ଯାଇଥିବା ସୂଚନା ଅନୁସାରେ ଖୋର୍ଧାରୁ ସବୁଠାରୁ ଅଧିକ ୨୯୩୪ ଜଣ କରୋନା ସଂକ୍ରମିତ ହୋଇଥିବା ଜଣା ପଡିଛି।ଗତ ୨୪ ଘଂଟା ମଧ୍ୟରେ ଅନୁଗୁଳରୁ ଜିଲ୍ଲାରୁ ୧୫୮, ବାଲେଶ୍ୱର ଜିଲ୍ଲାରୁ ୪୩୩ ଜଣ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବରଗଡ ଜିଲ୍ଲାରୁ ୧୬୬ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ଭଦ୍ରକ ଜିଲ୍ଲାରୁ ୧୧୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବଲାଙ୍ଗୀର ଜିଲ୍ଲାରୁ ୨୩୮ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ବୌଦ୍ଧ ଜିଲ୍ଲାରୁ ୮୫, କଟକରୁ ୭୮୬ ସଂକ୍ରମିତ ହୋଇଛନ୍ତି। ଦେବଗଡ ଜିଲ୍ଲାରୁ ୪୪ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଢେଙ୍କାନାଳ ଜିଲ୍ଲାରୁ ୭୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଗଜପତି ଜିଲ୍ଲାରୁ ୧୦୯, ଗଂଜାମ ଜିଲ୍ଲାରେ ୯୨ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଜଗତସିଂହପୁର ଜିଲ୍ଲାରୁ ୨୦୭, ଯାଜପୁରରୁ ୧୯୫ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ଝାରସୁଗୁଡ଼ା ଜିଲ୍ଲାରୁ ୨୨୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କଳାହାଣ୍ଡି ଜିଲ୍ଲାରୁ ୧୬୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କନ୍ଧମାଳ ଜିଲ୍ଲାରୁ ୫୬ ,କେନ୍ଦ୍ରାପଡ଼ା ଜିଲ୍ଲାରୁ ୯୦ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କେନ୍ଦୁଝରରୁ ୧୦୫, ଖୋର୍ଦ୍ଧାରୁ ୨୯୩୪ ଜଣ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। କୋରାପୁଟ ଜିଲ୍ଲାରୁ ୧୬୨ ଜଣ ସଂକ୍ରମିତ ହୋଇଥିବା ବେଳେ ମାଲକାନଗିରି ଜିଲ୍ଲାରୁ ୫୫ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ମୟୂରଭଞ୍ଜ ଜିଲ୍ଲାରୁ ୩୮୩ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନବରଙ୍ଗପୁରରୁ ୧୫୯ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ନୟାଗଡ ଜିଲ୍ଲାରୁ ୧୯୩ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ନୂଆପଡା ଜିଲ୍ଲାରୁ ୧୦୮ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ପୁରୀ ଜିଲ୍ଲାରୁ ୧୯୮ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ରାୟଗଡ଼ା ଜିଲ୍ଲାରୁ ୨୫୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସମ୍ବଲପୁରରୁ ୩୮୭ ଜଣ ସଂକ୍ରମିତ ଚିହ୍ନଟ ହୋଇଥିବା ବେଳେ ସୋନପୁର ଜିଲ୍ଲାରୁ ୧୬୩ ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସୁନ୍ଦରଗଡ଼ରୁ ୧୪୪୭, ଷ୍ଟେଟ୍ ପୁଲରୁ ୭୦୭ ଜଣ ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି।

# ଢିଙ୍କିଆରୁ ପୋଲିସ ପ୍ରତ୍ୟାହାର ଦାବିରେ ସିପିଆଇ ଓ ବିକେଏମୟୁର ବିକ୍ଷୋଭ

ଭୁବନେଶ୍ୱର, ୧୭।୧(ପି.ଏନ): ପ୍ରସ୍ତାବିତ ଜିନ୍ଦଲ କମ୍ପାନୀର ଇସ୍ପାତ କାରଖାନା ବିରୋଧରେ ନିଜର ଜୀବିକା ପାନବରଜକୁ ରକ୍ଷା କରିବା ପାଇଁ ଆନ୍ଦୋଳନ ଚଳାଇଥିବା ଢିଙ୍କିଆ ଗାଁରୁ ସମ୍ପୂର୍ଣ୍ଣ ରୂପେ ପୋଲିସ ପ୍ରତ୍ୟାହାର ଏବଂ ଦମନ, ଅତ୍ୟାଚାର ଓ ଗିରଫଦାରୀ ବନ୍ଦ କରିବା ଦାବି କରି ସୋମବାର ରାଜଧାନୀ ଭୁବନେଶ୍ୱରରେ ସିପିଆଇ ଓ ବିକେଏମୟୁ ପକ୍ଷରୁ ଗଣ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଆଜି ପୂର୍ବାହ୍ନରେ ଉଭୟ ସଂଗଠନର କର୍ମୀମାନେ ସିପିଆଇର ରାଜ୍ୟ ଦପ୍ତର ଭଗବତୀ ଭବନଠାରୁ ଏକ ଶୋଭାଯାତ୍ରାରେ ବାହାରି ସମଗ୍ର ଅଶୋକନଗର ଅଂଚଳ ପରିକ୍ରମା ପୂର୍ବକ ରାଜମହଲ ଛକଠାରେ ବିକ୍ଷୋଭ ପ୍ରଦର୍ଶନ କରିଥିଲେ। ସେଠାରେ ବିକେଏମୟୁ ରାଜ୍ୟ ସମ୍ପାଦକ ସୁର ଜେନା ଓ ସିପିଆଇ ରାଜ୍ୟ ପରିଷଦ ସଭ୍ୟ ବିଜୟ ଜେନା ବିକ୍ଷୋଭକାରୀମାନଙ୍କୁ ଉଦ୍‌ବୋଧନ ଦେଇ ଏକ ଗଣତାନ୍ତ୍ରିକ ରାଷ୍ଟ୍ରରେ ନିଜର ଭିଟାମାଟି ଓ ଜୀବିକାକୁ ରକ୍ଷା କରିବା ପାଇଁ ପ୍ରତ୍ୟେକ ମଣିଷର ଅଧିକାର ଥିବାରୁ ଗ୍ରାମବାସୀ ଅନାହାରରେ ଜଙ୍ଗଲରେ ଲୁଚିବା ଓ ସେମାନଙ୍କ ଗାଁରେ ପୋଲିସ କ୍ୟାମ୍ପ ରହିବା ସମ୍ପୂର୍ଣ୍ଣ ବେଆଇନ ଓ ଦମନଲୀଳା ଅମାନବୀୟ ବୋଲି ମତ ପ୍ରକାଶ କରି ପୋଲିସର ସମ୍ପୂର୍ଣ୍ଣ ପ୍ରତ୍ୟାହାର ଦାବି କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ କ୍ଷେତମୂଲିଆ ନେତା ସର୍ବେଶ୍ୱର ମାର୍ଥା, ଶରତ ସ୍ୱାଇଁ, ଲୋକନାଥ ଭୋଇ, ସୁଷମା ଭୋଇ, ଛେଡମ୍ବର ଭୋଇ, ରମେଶ ରାଉତ, ଡାକ ହେମ୍ବ୍ରମ୍, ନାରୀ ନେତ୍ରୀ ପାର୍ବତୀ ଲାଗୁରି ପ୍ରମୁଖ ଏହି ବିକ୍ଷୋଭ ଓ ଶୋଭାଯାତ୍ରାର ନେତୃତ୍ୱ ନେଇଥିଲେ।

# ୪୪ ହଜାର ଟଙ୍କାରେ ନିଲାମ ହେଲା ସରପଞ୍ଚ ପଦ !



ବଲାଙ୍ଗିର,୧୭।୧(ପି.ଏନ): ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଗାଁ ରାଜନୀତି ସରଗରମ ରହିଛି। ଏଥିପାଇଁ ଆଜିଠୁ ନାମାଙ୍କନ ପ୍ରକ୍ରିୟା ଆରମ୍ଭ ହୋଇଛି। ସବୁ ପାର୍ଟିର ପ୍ରାର୍ଥୀ ଆଜି ସେମାନଙ୍କର ନାମାଙ୍କନ ପତ୍ର ଦାଖଲ କରିଛନ୍ତି। କିନ୍ତୁ ବଲାଙ୍ଗିର ଜିଲ୍ଲା ପୁଇଁନ୍ତଲା ବ୍ଲକ୍ ବିଲେଇସର୍ଡା ଗାଁରେ ଭିନ୍ନ ଚିତ୍ର ଦେଖିବାକୁ ମିଳିଛି। ଏଠାରେ ପଞ୍ଚାୟତ ନିର୍ବାଚନରେ କିଏ ହେବ ସରପଞ୍ଚ ପ୍ରାର୍ଥୀ, ସେଥିପାଇଁ ବୈଠକ ଡକାଯାଇଥିଲା। ବୈଠକରେ ଜଣେ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ପ୍ରାର୍ଥୀ ଭାବେ ମନୋନୀତ ହୋଇଛନ୍ତି। ଆଉ ଏଥିପାଇଁ ସରପଞ୍ଚ ପ୍ରାର୍ଥୀ ଦେଇଛନ୍ତି ୪୪ ହଜାର ଟଙ୍କା। ପୂରା ଘଟଣା କ'ଣ, ଆସନ୍ତୁ ଜାଣିବା। ବିଲେଇସର୍ଡା ଗାଁ'ରେ ହେବ ପଞ୍ଚାୟତ ନିର୍ବାଚନ। ଏଠାରେ ତିନୋଟି ଗାଁର ଲୋକେ ବାସ କରନ୍ତି। ତିନି ଗାଁର ମୁରବୀ ମାନଙ୍କୁ ନେଇ ଶୁକ୍ରବାର ବିଲେଇସର୍ଡା ଗାଁରେ ବୈଠକ ବସିଥିଲା। ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ କେବଳ ଜଣେ ସରପଞ୍ଚ ପ୍ରାର୍ଥୀ ହେବେ। ଆଉ ସରପଞ୍ଚ ନିଜ ଖୁସିରେ କିଛି ଯୋଗଦାନ ଯଦି କରିବେ, ତାହେଲେ ତାଙ୍କୁ ନିର୍ଦ୍ୱନ୍ଦ୍ୱରେ ପ୍ରାର୍ଥୀ କରାଯିବ। ଆଉ ବୈଠକରେ ଗାଁର ସୁଶାନ୍ତ ଛତ୍ରିଆଙ୍କୁ ନିର୍ଦ୍ୱନ୍ଦ୍ୱରେ ସରପଞ୍ଚ ପ୍ରାର୍ଥୀ ଭାବେ ମନୋନୀତ କରାଯାଇଥିଲା। ଅର୍ଥାତ୍ ପଞ୍ଚାୟତ ନିର୍ବାଚନରେ ତାଙ୍କ ବିରୋଧରେ କୌଣସି ପ୍ରାର୍ଥୀ ଛିଡା ହେବେନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଥିଲା। ତେବେ ବୈଠକରେ କିଛି ସର୍ତ୍ତ ରଖାଯାଇଥିଲା। ଯିଏ ବି ସରପଞ୍ଚ ହେବେ ସେ ଗାଁରେ ଥିବା ଜଗନ୍ନାଥ ମନ୍ଦିର ପାଇଁ ସ୍ୱଇଚ୍ଛାରେ କିଛି ଦାନ କରିବେ। ସରପଞ୍ଚ ପ୍ରାର୍ଥୀ ଭାବେ ମନୋନୀତ ହେବା ପରେ ସୁଶାନ୍ତ ମନ୍ଦିର ପାଇଁ ୪୪ ହଜାର ଟଙ୍କା ଦାନ କରିବାକୁ ରାଜି ହୋଇଥିଲେ। ଆଉ ୪୪ ହଜାର ଟଙ୍କା ଦେବାର ପ୍ରତିଶ୍ରୁତି ଦେବା ପରେ ସୁଶାନ୍ତଙ୍କୁ ସରପଞ୍ଚ ପାଇଁ ମନୋନୀତ କରିଥିଲେ ପଞ୍ଚାୟତବାସୀ। ତେବେ ସରପଞ୍ଚ ପାଇଁ ଅନ୍ୟ ପ୍ରାର୍ଥୀ ମଧ ଥିଲେ। କିନ୍ତୁ ସୁଶାନ୍ତଙ୍କ ନାଁରେ ପଞ୍ଚାୟତବାସୀ ମୋହର ମାରିଥିଲେ। କାରଣ ଅନ୍ୟ ପ୍ରାର୍ଥୀ ମଧ ସୁଶାନ୍ତଙ୍କ ଚୟନକୁ ସ୍ୱାଗତ କରିଥିଲେ।ଏ ନେଇ ସରପଞ୍ଚ ପ୍ରାର୍ଥୀ ସୁଶାନ୍ତ ଛତ୍ରିଆ କହିଛନ୍ତି, ତିନି ଗାଁ'ର ମୁରବୀଙ୍କୁ ନେଇ ବୈଠକ ବସିଥିଲେ। ବୈଠକରେ ନିଷ୍ପତ୍ତି ହୋଇଥିଲା ଯେ ଯିଏ ବି ସରପଞ୍ଚ ହେବେ, ସେ ଜଗନ୍ନାଥ ମନ୍ଦିର ପାଇଁ ନିଜ ଇଚ୍ଛାରେ କିଛି ଦାନ କରିବେ। ମୁଁ ମନ୍ଦିର ପାଇଁ ୪୪ହଜାର ଟଙ୍କା ଦାନ କରିବାକୁ କହିଥିଲି। ଆଉ ସମସ୍ତ ପଞ୍ଚାୟତବାସୀ ମୋ କଥାରେ ରାଜି ହୋଇଥିଲା। ଏହାସହ ମୁଁ ସର୍ତ୍ତ ରଖିଥିଲି ଯେ ମୋ ବିରୋଧରେ ଆଉ କେହି ପ୍ରାର୍ଥୀ ହେବେନି। ଆଉ ଏହି ସର୍ତ୍ତ ମୁତାବକ ମୁଁ ଟଙ୍କା ଦାନ କରିବାକୁ ରାଜି ହୋଇଥିଲି। ଆଉ ସମସ୍ତେ ମୋତେ ସମର୍ଥନ କରି ସରପଞ୍ଚ ପ୍ରାର୍ଥୀ କରିବାକୁ ସହମତ ହୋଇଥିଲେ। ଅନ୍ୟ ଆଶାୟୀ ସରପଞ୍ଚ ପ୍ରାର୍ଥୀ ମଧ ମୋତେ ସମର୍ଥନ କରିଥିଲେ। ନିର୍ବାଚନ ପାଇଁ ମୁଁ ଏକମାତ୍ର ପ୍ରାର୍ଥୀ ଭାବେ ନାମାଙ୍କନ ପତ୍ର ଦାଖଲ କରିବି ବୋଲି ସୁଶାନ୍ତ କହିଛନ୍ତି।

# ବାଲି ମାଫିଆ - ସରକାର ମଧୁଚନ୍ଦ୍ରିକା ବିରୋଧରେ ରାଜ୍ୟପାଳଙ୍କୁ ଭେଟିଲା ବିଜେପି ନଦୀ ସୁରକ୍ଷା ସମିତି

ଭୁବନେଶ୍ୱର , ୧୭।୧(ପି.ଏନ): ରାଜ୍ୟ ସରକାର ଏବଂ ଶାସକ ଦଳର ମନ୍ତ୍ରୀ, ବିଧାୟକ ତଥା ନେତାମାନଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନ ଓ ପୃଷ୍ଟପୋଷକତାରେ ଅବାଧ ବାଲି ଚୋରୀ ହେଉଛି। ଏହି କାରଣରୁ ପ୍ରତି ବର୍ଷ ପାଖାପାଖି ୧୪ ହଜାର କୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି ରାଜ୍ୟ ସରକାର। ମୁଖ୍ୟତଃ ମହାନଦୀ, ବ୍ରାହ୍ମଣୀ, ବୈତରଣୀ, ସୁବର୍ଣ୍ଣରେଖା, ଋଷିକୁଲ୍ୟା ପ୍ରମୁଖ ସମେତ ରାଜ୍ୟର ପ୍ରମୁଖ ୧୧ଟି ନଦୀରେ ଚୋରା ବାଲି ଚାଲାଣ ବଢିଛି। ନଦୀ ବନ୍ଧ ଗୁଡିକ ଅସୁରକ୍ଷିତ ଓ ଦୁର୍ବଳ ହୋଇପଡୁଛି। ନଦୀ କୂଳରେ ବାସ କରୁଥିବା ଗାଁର ସାଧାରଣ ଲୋକଙ୍କ ଜନଜୀବନ ପ୍ରଭାବିତ ହେଉଛି। ନ୍ୟାସନାଲ ଗ୍ରୀନ ଟ୍ରିବ୍ୟୁନାଲ (ଏନଜିଟି) ଏ ନେଇ ବାରମ୍ବାର ରାଜ୍ୟସରକାରଙ୍କୁ ତାଗିଦ୍ କରିଥିବାବେଳେ ଆଇନ ଖିଲାପକାରୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ବିଜେପି ତରଫରୁ ଦାବୀ କରାଯାଇଛି। ଏଭଳି ସଂଗୀନ ଅଭିଯୋଗ ନେଇ ସୋମବାର ବିଜେପି ନଦୀ ସୁରକ୍ଷା କମିଟି (ନମାମୀ ଗଙ୍ଗେ) ରାଜ୍ୟପାଳଙ୍କ ନିକଟରେ ଫେରାଦ ହୋଇଛି। ବିଜେପି ନଦୀ ସୁରକ୍ଷା କମିଟି (ନମାମୀ ଗଙ୍ଗେ) ରାଜ୍ୟ ସଂଯୋଜକ ମହେଶ୍ୱର ସାହୁଙ୍କ ନେତୃତ୍ୱରେ ବରିଷ୍ଠ ନେତା ସଜ୍ଜନ ଶର୍ମା, ରାଜ୍ୟ ସହ ସଂଯୋଜକ ସର୍ବଶ୍ରୀ ହରିହର ବେହେରା, ଶୁଭ୍ରାଂଶୁ ପାଢୀ, ଦିବ୍ୟ କିଶୋର ଭୋଇ, ଅଜୟ କୁମାର ସାହୁ, ମନୋଜ କୁମାର ବେହେରା, ଅଶୋକ କୁମାର ରଥ, ଶ୍ରୀମତି ନନ୍ଦିନୀ ଶତପଥୀ ପ୍ରମୁଖ ଆଜି ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଙ୍କୁ ଭେଟି ଦାବୀ ପତ୍ର ପ୍ରଦାନ କରିଛନ୍ତି। ବେଆଇନ କାର୍ଯ୍ୟକୁ ବନ୍ଦ କରିବା ପାଇଁ ରାଜ୍ୟ ସରକାରଙ୍କୁ ନିର୍ଦ୍ଦେଶ ଦେବା ସହିତ ଏକ ଉଚ୍ଚ ସ୍ତରୀୟ ତଦନ୍ତ କମିଟି ଦ୍ୱାରା ସାରା ରାଜ୍ୟରେ ହେଉଥିବା ବାଲି ଚୋରିର ତଦନ୍ତ କରିବା ପାଇଁ ମାନ୍ୟବର ରାଜ୍ୟପାଳଙ୍କ ନିକଟରେ ଦାବି କରାଯାଇଛି।

# ୨୬ ଜାନୁଆରୀ ଯାଏଁ ବନ୍ଦ ରହିବ ରାଜ୍ୟ ଗ୍ରନ୍ଥାଗାର

ଭୁବନେଶ୍ୱର,୧୭।୧(ପି.ଏନ): ହରେକୃଷ୍ଣ ମହତାବ ରାଜ୍ୟ ଗ୍ରନ୍ଥାଗାରର ଭାରପ୍ରାପ୍ତ ଅଧିକାରୀଙ୍କ ସମେତ ବର୍ତମାନ ସୁଦ୍ଧା ୧୦ଜଣ କର୍ମଚାରୀ କୋଭିଡ ସଂକ୍ରମିତ ହୋଇଥିବାରୁ ପାଠାଗାର ବିଶୋଧନ ଓ କର୍ମଚାରୀ ଏବଂ ପାଠକମାନଙ୍କ ନିରାପତା ନିମିତ ଗ୍ରନ୍ଥାଗାର ପାଠକମାନଙ୍କ ନିମନ୍ତେ ଆସନ୍ତା ୨୬ ତାରିଖ ପର୍ଯ୍ୟନ୍ତ ବନ୍ଦ ରହିବ। ପୂର୍ବରୁ କେତୋଟି ସଂକ୍ରମଣ ଘଟଣା ନଜରକୁ ଆସିବାରୁ କୋଭିଡ ସର୍ତକତାମୂଳକ ପଦକ୍ଷେପ ଭାବେ ଗ୍ରନ୍ଥାଗାରକୁ ଚଳିତ ମାସ ୩୧ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖିବାକୁ ବିଜ୍ଞପ୍ତି ଜାରି କରାଯାଇଥିଲା। ତେବେ ପାଠକମାନେ ଏହି ନିଷ୍ପତିକୁ ଅମୂଳକ ଦର୍ଶାଇ ପ୍ରତିବାଦ କରିଥିଲେ। କୋଭିଡ ନିୟମ ସେମାନେ ମାନିବେ ବୋଲି ପ୍ରତିଶୃତି ଦେବାରୁ କର୍ତୃପକ୍ଷ ସମୟକୁ ହ୍ରାସ କରି ଗ୍ରନ୍ଥାଗାର ଚାଲୁ ରଖିଥିଲେ। ତେବେ ପାଠକମାନେ କୋଭିଡ ଶୃଙ୍ଖଳା ନ ମାନିବା ଯୋଗୁଁ କର୍ମଚାରୀ ଓ ପାଠକମାନଙ୍କ ମଧ୍ୟରେ କୋଭିଡ ପଜିଟିଭ୍ ବାହାରିଥିବା ନଜରକୁ ଆସିଛି। ତେବେ ଆସନ୍ତା ୨୭ ତାରିଖରେ ଗ୍ରନ୍ଥାଗାର ଖୋଲିଲେ ସପ୍ତାହକ ମଧ୍ୟରେ ପରୀକ୍ଷା କରାଇଥିବା କେବଳ ନେଗେଟିଭ୍ ପ୍ରମାଣ ପତ୍ରଧାରୀଙ୍କୁ ହିଁ ପ୍ରବେଶ ଅନୁମତି ଦିଆଯିବ ବୋଲି କୁହାଯାଇଛି।

# ଟଙ୍କା ଫେରସ୍ତ ଦାବିରେ ରାଜ୍ୟବ୍ୟାପୀ ଚିଟ୍‌ଫଣ୍ଡ ଜମାକାରୀଙ୍କ ସତ୍ୟାଗ୍ରହ

ଭୁବନେଶ୍ୱର , ୧୭।୧(ପି.ଏନ): ତଦନ୍ତ କମିଶନଙ୍କ ୭ମ ପର୍ଯ୍ୟାୟର ସୁପାରିଶରେ ତହସିଲ୍ ଜରିଆରେ ଯାଂଚ ଶେଷ ହୋଇଥିବା ସମସ୍ତ ଜମାକାରୀଙ୍କୁ ଏପର୍ଯ୍ୟନ୍ତ ସରକାର ଟଙ୍କା ନ ଦେଇ ଅଳ୍ପ କେତେକ କ୍ଷୁଦ୍ର ଜମାକାରୀଙ୍କୁ ୨୦୧୯ ମସିହା ନିର୍ବାଚନ ପୂର୍ବରୁ ଟଙ୍କା ଫେରସ୍ତ ପରେ ବି ବାକି ଟଙ୍କା ସରକାର ଖାଇଗଲେଣି। ଯାଂଚ ସରିଥିବା ସମସ୍ତ ଜମାକାରୀଙ୍କୁ ଅବିଳମ୍ବେ ଟଙ୍କା ଫେରସ୍ତ, ବାକି ସମସ୍ତ ଜମାକାରୀଙ୍କୁ ତହସିଲ୍ ଜରିଆରେ ଚିହ୍ନଟ ସହ ଟଙ୍କା ଫେରସ୍ତ ଆଦି ଦାବିରେ ସୋମବାର ରାଜ୍ୟବ୍ୟାପୀ ଜିଲ୍ଲା ସ୍ତରରେ "ଡିଜିଟାଲ୍ ଜମାକାରୀ ଗଣସତ୍ୟାଗ୍ରହ" କୋଭିଡ୍ ସତର୍କତା ମଧ୍ୟରେ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟବ୍ୟାପୀ ପ୍ରତ୍ୟେକ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ମଂଚର ବ୍ୟାନର, ପ୍ଲାକାର୍ଡ ଓ ସ୍ଲୋଗାନ ସହ ଭର୍ଚୁଆଲ୍ ମୋଡରେ ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମଳିତ ମଂଚ ନେତୃତ୍ୱରେ ସତ୍ୟାଗ୍ରହ କରାଯାଇଛି। ସଂକ୍ରମଣ ତଳମୁହାଁ ହେଲେ ସମୂହ ଜମାକାରୀ ଗଣସତ୍ୟାଗ୍ରହରେ ଟଙ୍କା ଫେରସ୍ତ ପର୍ଯ୍ୟନ୍ତ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଦିବାରାତ୍ରି ବସିରହିବେ ବୋଲି ଆର୍ଥିକ ସଂସ୍ଥାମାନଙ୍କ ଦ୍ୱାରା କ୍ଷତିଗ୍ରସ୍ତଙ୍କ ମିଳିତ ମଂଚର ସଭାପତି ଜୟନ୍ତ ଦାସ କହିଛନ୍ତି। ମଂଚ ପକ୍ଷରୁ ଅଭିଯୋଗ କରାଯାଇଛି ଜମାକାରୀ ମିଳିତମଂଚ ନେତୃତ୍ୱରେ ବିଭିନ୍ନ ପର୍ଯ୍ୟାୟରେ ଆନ୍ଦୋଳନ ହେବାରୁ ସରକାର ବିଭିନ୍ନ ପ୍ରକାର ତଦନ୍ତ ଘୋଷଣା କଲେ, ୩୦୦ କୋଟି ଟଙ୍କାର କର୍ପସ୍ ପାଣ୍ଠି ଗଠନ କରି ଟଙ୍କା ଫେରସ୍ତ ପ୍ରତିଶ୍ରୁତି ଦେଲେ। ତଦନ୍ତ କମିଶନ ୭ଟି ପର୍ଯ୍ୟାୟରେ ୪ଲକ୍ଷ ୯୭ ହଜାର କ୍ଷୁଦ୍ର ଜମାକାରୀଙ୍କୁ ଟଙ୍କା ଫେରସ୍ତ ପାଇଁ ସୁପାରିଶ କରିଥିଲେ। ମାତ୍ର ସେଥିମଧ୍ୟରୁ ସ୍ୱଳ୍ପ କିଛି ଜମାକାରୀଙ୍କୁ ସରକାର ୨୦୧୯ ନିର୍ବାଚନ ପୂର୍ବରୁ ଟଙ୍କା ଫେରସ୍ତ ଦେଇ ବାକି ଜମାକାରୀଙ୍କୁ ଟଙ୍କା ଫେରାଉନାହାଁନ୍ତି। ସେହିଭଳି ୨୦୧୮-୧୯ ମସିହାରେ ନେଇଥିବା ଲକ୍ଷଲକ୍ଷ ସତ୍ୟପାଠର ଲଫାପା ଖୋଲିବା ପୂର୍ବରୁ ସରକାର ତଦନ୍ତ କମିଶନ ବନ୍ଦ କରିଦେଲେ। ସରକାର ତାଙ୍କ ତହବିଲ୍‌ରୁ ଟଙ୍କା ଦେଉନାହାନ୍ତି, ଜମାକାରୀଙ୍କ ଜମା ଟଙ୍କାରୁ କମ୍ପାନୀମାନେ କରିଥିବା ବ୍ୟାଙ୍କ ଆକାଉଣ୍ଟ ଜବତ୍ ରୁ ଶହଶହ କୋଟି ଟଙ୍କା, ଶହଶହ କୋଠାବାଡି, ଗାଡ଼ିଘୋଡା ଓ ଶିଳ୍ପ ଜବତ କରି ସେଥିରୁ କିଛି ସମ୍ପତ୍ତି ବିକ୍ରି କରି ନିଜ ପାଖରେ କୋଟି କୋଟି ଟଙ୍କା ରଖିଛନ୍ତି, କିନ୍ତୁ ଜମାକାରୀଙ୍କୁ ଟଙ୍କା ଫେରାଉ ନାହାନ୍ତି। ଶାସକବର୍ଗଙ୍କ ଏହି ଲୁଣ୍ଠନ ବିରୁଦ୍ଧରେ ବ୍ୟାପକ ସତ୍ୟାଗ୍ରହ ମାଧ୍ୟମରେ ଲୋକଲୋଚନକୁ ନେବାପାଇଁ ୫୦ ଲକ୍ଷରୁ ଅଧିକ ଜମାକାରୀ ପରିବାର ସଂକଳ୍ପ ନେଲେଣି ବୋଲି ମଂଚ ପକ୍ଷରୁ କୁହାଯାଇଛି।

# ରାଜଧାନୀରେ ୨୪ ଘଂଟାରେ ୧୩୬୦ ପଜିଟିଭ୍

ଭୁବନେଶ୍ୱର, ୧୭।୧(ପି.ଏନ): ରାଜଧାନୀରେ କରୋନା ସଂକ୍ରମଣ ବଢି ବଢି ଚାଲିଛି। ଭୁବନେଶ୍ୱର ମହାନଗର ନିଗମ(ବିଏମସି) ଅଂଚଳରୁ ସୋମବାର ଆଉ ୧୩୬୦ ଜଣ କରୋନା ସଂକ୍ରମିତ ଚିହ୍ନଟ ହୋଇଛନ୍ତି। ସେମାନଙ୍କ ମଧ୍ୟରୁ ୪୭ ଜଣ କ୍ୱାରେଂଟାଇନ୍ ରୁ ଚିହ୍ନଟ ହୋଇଥିବା ବେଳେ ୧୩୧୩ ଜଣ ଲୋକାଲ କେସ୍ ରହିଛନ୍ତି। ଏଥିସହ ୨୪ ଘଂଟାରେ ଆଉ ୬୮୮ ଜଣ ଆକ୍ରାନ୍ତ ସୁସ୍ଥ ହୋଇ ଘରକୁ ଫେରିଛନ୍ତି। ବିଏମସି ପକ୍ଷରୁ ଟୁଇଟ୍ କରି ଏହି ସୂଚନା ଦିଆଯାଇଛି। ଗତକାଲି ୧୩୨୧ ଆକ୍ରାନ୍ତ ଚିହ୍ନଟ ହୋଇଥିଲେ। ଲୋକାଲ ଆକ୍ରାନ୍ତଙ୍କ ମଧ୍ୟରୁ କେବଳ ଖଣ୍ଡଗିରି ଅଂଚଳରୁ ୧୨୬ ଜଣ ଆକ୍ରାନ୍ତ ରହିଛନ୍ତି। ସେହିପରି ଚନ୍ଦ୍ରଶେଖରପୁରରୁ ୧୦୯, ପଟିଆ ଅଂଚଳରୁ ୧୦୬ ଜଣ, ଓଲ୍‌ଡଟାଉନ୍ ରୁ ୯୪, ନୟାପଲ୍ଲୀରୁ ୮୮, ଆକ୍ରାନ୍ତ ଚିହ୍ନଟ ହୋଇଛନ୍ତି। ଝାରପଡାରୁ ୫୦ ଜଣ, ରସୁଲଗଡରୁ ୪୫ ଜଣ, ଜୟଦେବ ବିହାରରୁ ୪୦ ଜଣ, ବରମୁଣ୍ଡାରୁ ୩୭ ଜଣ, ଟଙ୍କପାଣିରୋଡ୍ ରୁ ୩୫ ଜଣ, ସହୀଦନଗରରୁ ୩୪ ଜଣ ଆକ୍ରାନ୍ତ ରହିଛନ୍ତି। ନୂତନ ଆକ୍ରାନ୍ତଙ୍କୁ ମିଶାଇ ମୋଟ ପଜିଟିଭ୍ ସଂଖ୍ୟା ୧୩୪୮୯୬ କୁ ବୃଦ୍ଧି ପାଇଥିବା ବେଳେ ସେମାନଙ୍କ ମଧ୍ୟରୁ ୧୨୪୯୮୦ ଆକ୍ରାନ୍ତ ସୁସ୍ଥ ହୋଇଛନ୍ତି। ସେହିପରି ମୃତକଙ୍କ ସଂଖ୍ୟା ୧୧୦୫ ରେ ପହଂଚିଛି। ବର୍ତମାନ ଆଉ ୮୭୯୦ ସକ୍ରିୟ ଆକ୍ରାନ୍ତ ଚିକିତ୍ସାଧୀନ ରହିଛନ୍ତି।






# ଟି ଟାଇମ୍

## ଥକ୍କାପଣ ଦୂର କରିବ ପ୍ରୋଟିନ୍ ଖାଦ୍ୟ

ଅଧିକାଂଶ ସମୟ ଲୋକଙ୍କର ଅଭିଯୋଗ ରହିଆସିଛି ଯେ, ସେମାନେ ଅଳ୍ପ କାମ ରେ ଜଲଦି ଥକିପଡ଼ନ୍ତି । କିଛି ବ୍ୟକ୍ତି ଏଭଳି ବି ଅଛନ୍ତି ଯିଏ କିଛି କାମ ନ କରି ମଧ୍ୟ ଥକ୍କା ଅନୁଭବ କରିଥାନ୍ତି । ଶରୀରରେ ଶକ୍ତିର କମି ଫଳରେ ଜଣେ ବ୍ୟକ୍ତି ଥକ୍କା ଅନୁବବ କରିଥାଏ । ତେଣୁ ଶରୀରକୁ ଶକ୍ତିଶାଳୀ ବନାଇବାପାଇଁ ଆପଣ ଆପଣଙ୍କ ଖାଦ୍ୟରେ ଦିନଚର୍ଯ୍ୟାରେ ପ୍ରୋଟିନ୍ ଯୁକ୍ତ ଖାଦ୍ୟ ସାମିଲ କରନ୍ତୁ । ପୂରା ଦିନ ପାଣି କିମ୍ୱା କିଛି ତରଳ ପଦାର୍ଥ ପିଇବା ଉଚିତ୍ । ପାଣି ଶରୀରର ହାନୀକାରକ ତତ୍ତ୍ୱକୁ ବାହାରକୁ ବାହାର କରି ଶାରୀରିକ ପ୍ରଣାଳୀରେ ନୂତନ ଶକ୍ତି ସୃଷ୍ଟି କରିଥାଏ । ସର୍ବତ, ଫଳରସ, ନଡ଼ିଆ ପାଣି ଭଳି ପାଣି ଜିନିଷ ପିଇବା ଉଚିତ୍ । ଶାରୀରିକ ସତେଜ ରହିବା ପାଇଁ ପ୍ରୋଟୀନ୍ ଯୁକ୍ତ ଖାଦ୍ୟ ନିଜ ଖାଦ୍ୟରେ ଗ୍ରହଣ କରିବା ଉଚିତ୍ । କାର୍ବୋହାଇଡ୍ରେଟ୍ରୁ ଶରୀରକୁ ଶକ୍ତି ମିଳିଥାଏ । ଫଳମାନଙ୍କ ମଧ୍ୟରେ କମଳା, ଆତାବି, ଲିଚି ଆଦି ଖାଇବା ଉଚିତ୍ । ଏଥିରେ ପ୍ରଚୁର ମାତ୍ରାରେ ଗ୍ଲୁକୋଜ ରହିଥାଏ । କ୍ଷୀରରେ ମହୁ ମିଶାଇ ଓ କଦଳୀର ସେକ୍ ପିଇଲେ ଶରୀରକୁ ଭଲ ଶକ୍ତି ମିଳିଥାଏ । ସବୁଠାରୁ ମହତ୍ତ୍ୱପୂର୍ଣ୍ଣ କଥା ହେଉଛି ଆପଣ ପୂରା ଦିନ ଯେତେ କାମ କରିଲେ ମଧ୍ୟ ୭ରୁ ୮ ଘଣ୍ଟାର ନୀଦ ପୂରା କରିବା ଉଚିତ୍ । ଏଭଳି କଲେ ପର ଆପଣଙ୍କୁ ସଠିକ୍ ଶକ୍ତି ମିଳିପାରିବ । ଯେବେ ବି ଥକ୍କାପଣ ଅନୁଭବ ହୁଏ ତେବେ ୧୫ କିମ୍ୱା ୨୦ମିନିଟ୍ର ବିଶ୍ରାମ ଯେମିତି ହେଲେ ନେବେ । ନୀଦ ପୂରା ନହେଲେ ଶରୀରର ଓଜନ ମଧ୍ୟ ବଢ଼ିଥାଏ ଓ ଥକ୍କାପଣ ଜଲଦି ଆସିଯାଇଥାଏ ।

## କାଳୀ ଚରଣ ପଟ୍ଟନାୟକ

ଓଡିଆ ନାଟ୍ୟକାର ଓ କବି ଥିଲେ । ସେ ୧୮୯୭ ଡିସେମ୍ବର ୩ ତାରିଖ, ବକୁଳ ଅମାବାସ୍ୟା ଦିନ ବାଙ୍କୀ ସହର ଉପକଣ୍ଠରେ ଥିବା ଖମାରଙ୍ଗା ଗ୍ରାମରେ ପିତା ଦୁର୍ଗାଚରଣ ପଟ୍ଟନାୟକ ଓ ମାତା ରାଧାମାଳୀ ଦେବୀଙ୍କଠାରୁ ଜନ୍ମ ଗ୍ରହଣ କରିଥିଲେ । ସେ ପିତାମାତାଙ୍କର ଦ୍ୱିତୀୟ ସନ୍ତାନ ଥିଲେ । କାଳୀଚରଣଙ୍କ ପିତା ବଡମ୍ବାଗଡର ଦେବାନ ଥିଲେ । କାଳୀଚରଣ ପାରମ୍ପରିକ ଲୀଳା ନାଟକ ପ୍ରଦର୍ଶନ କରି ନିଜର ନାଟ୍ୟକାର ଜୀବନ ଆରମ୍ଭ କରିଥିଲେ ୪ର୍ଥ ଦଶକ ଦେବଲକୁ ସେ ଆଧୁନିକ ମଞ୍ଚ ନାଟକ ଲେଖି ତାହାର ବିପଣନ କରିବା ଆରମ୍ଭ କରିଥିଲେ । ସେଥି ପାଇଁ ୧୯୨୯ ମସିହାରେ "ସାକ୍ଷୀଗୋପାଳନାଟକ ସଂଘ" ଓ ୧୯୩୯ରେ "ଓଡିଶା ଥିଏଟର୍ସ" ନାମରେ ଏକ ରଙ୍ଗମଂଚ ଗଠନ କରି ଓଡିଶା ନାଟକାଭିନୟ ଜଗତର ପ୍ରସାର ଓ ଉନ୍ନତି କରିଥିଲେ । ତାଙ୍କର ଜନପ୍ରିୟ ନଟକ ଗାର୍ଲ ସ୍କୁଲ (୧୯୩୯) ଓଡିଆ ମଞ୍ଚାଭିନୟରେ ନୂତନ ଯୁଗର ଆରମ୍ଭ କରିଥିଲେ । ତାଙ୍କୁ ଆଧୁନିକ ଓଡଆ ନାଟ୍ୟଶାସ୍ତ୍ରର 'ଭରତ ମୁନି' ବୋଲି ମଧ୍ୟ କୁହାଯାଏ । ତାଙ୍କ ପ୍ରଚେଷ୍ଟାରୁ ୧୯୫୮ ମସିହାରେ ଓଡିଶୀ ନୃତ୍ୟ ଶାସ୍ତ୍ରୀୟ ମର୍ଯ୍ୟାଦା ପାଇଥିଲେ । ସେଥି ପାଇଁ ସମସ୍ତ ଓଡିଶୀ ନାଟ୍ୟଗୁରୁ ଓ ନୃତ୍ୟଶିଳ୍ପୀମାନେ ତାଙ୍କୁ ମନେ ରଖିଛନ୍ତି । କାଳୀଚରଣ ତାଙ୍କର ପ୍ରାଥମିକ ଶିକ୍ଷା ଚର୍ଚ୍ଚିକା ପ୍ରାଥମିକ ବିଦ୍ୟାଳୟରେ ସମ୍ପନ୍ନ କରି ଖୋର୍ଦ୍ଧା ଉଚ୍ଚବିଦ୍ୟାଳୟରେ ମାଟ୍ରିକ ପଢ଼ିଥିଲେ । କଟକର ରେଭେନ୍ସା କଲେଜରୁ ସେ ଉଚ୍ଚତର ଶିକ୍ଷା ଗ୍ରହଣ କରିଥିଲେ । ଖୋର୍ଦ୍ଧା ସ୍କୁଲରେ ପଢୁଥିବା ସମୟରେ ସଙ୍ଗୀତ ନାଟକ ପ୍ରତି ଆସକ୍ତ କଳୀଚରଣ ପ୍ରଥମ ସଙ୍ଗୀତଜ୍ଞ ବାସୁଦେବ ମହାପାତ୍ର ଓ ପରେ ଓସ୍ତାଦ୍ ଖାନୁ ଖାଁ, ବନଓ୍ୱାରୀ ମିଶ୍ରଙ୍କ ଭଳି ବିଶାରଦଙ୍କଠାରୁ ଶାସ୍ତ୍ରୀୟ ସଂଗୀତ ଶିକ୍ଷା କରିଥିଲେ । ବାଙ୍କୀର ମହାପର୍ବତ ଦେଖି ମହାପର୍ବତ ନାମକ ଖଣ୍ଡକାବ୍ୟ ଓ କଳଙ୍କ ଭଂଜନମାଳା ନାଟକ ରଚନା କରିବା ପରେ ଶିକ୍ଷକ ପଣ୍ଡିତ କୃପାସିନ୍ଧୁ ହୋତାଙ୍କ ପ୍ରକୃତି ବର୍ଣ୍ଣନା ପାଇଁ ଉପଦେଶ ତାଙ୍କର ରଚନାତ୍ମକ ଦୃଷ୍ଟିଭଙ୍ଗୀରେ ଏକ ଉଲ୍ଲେଖନୀୟ ପରିବର୍ତ୍ତନ ଆଣିଥିଲା । ଗୋବିନ୍ଦଚନ୍ଦ୍ର ଶୂଦଦେଓଙ୍କ ସମ୍ପର୍କରେ ଆସି ତାଙ୍କର ନାଟକ ସୁଲଭତା ବିକଶିତ ହୋଇଥିଲା । ୧୯୧୮ ମସିହାରେ ଆଇ.ଏ ପଢ଼ିବାବେଳେ ସେ ପ୍ରଥମ ନାଟକ ଧ୍ରୁବ ରଚନା କରିଥିଲେ ମଧ୍ୟ ତାଙ୍କର ପ୍ରଥମ ସାମାଜିକ ନାଟକ ଥିଲା ୧୯୩୪ ମସିହାରେ ରଚିତ ପ୍ରତିଶେଶଧ । ପ୍ରାୟ ୪୦ ଟି ପୂର୍ଣ୍ଣାଙ୍ଗ ନାଟକ ସହିତ ସେ ରଚନା କରିଯାଇଛନ୍ତି ବହୁ ନୃତ ନାଟିକା, କାବ୍ୟ ନାଟିକା, ଗଳ୍ପ, ଉପନ୍ୟାସ, କବିତା ଆଦି ଅନେକ ଅନବଦ୍ୟ କୃତି ।

## ଦେବୀ ରାଧାଙ୍କ ଜନ୍ମ ରହସ୍ୟ

ବ୍ରହ୍ମବୈବର୍ତ୍ତ ପୁରାଣରେ ଦେବୀ ରାଧାଙ୍କ ଜନ୍ମ ରହସ୍ୟ କଥା ଉଲ୍ଲେଖ କରାଯାଇଛି । ଦେବୀ ରାଧା ଭଗବାନ୍ ଶ୍ରୀକୃଷ୍ଣଙ୍କ ସହ ଗୋଲକରେ ନିବାସ କରୁଥାନ୍ତି । ଥରେ ଗୋଲକରେ ଦେବୀ ସୀତା ନଥିଲେ । ଶ୍ରୀକୃଷ୍ଣ ବିରଜା ନାମକ ପତ୍ନୀଙ୍କ ସହ ବିବାହ କରୁଥିଲେ । କୃଷ୍ଣ ଓ ବିରଜାଙ୍କ ବିବାହର କଥା ରାଧାଙ୍କୁ ସୂଚନା ମିଳିବା ମାତ୍ରେ ସେ ଗୋଲକକୁ ଆସିଲେ । ସେ କୃଷ୍ଣ ଓ ବିରଜାଙ୍କୁ ଦେଖି ରାଗିଯାଇ ଶ୍ରୀକୃଷ୍ଣଙ୍କୁ ଅନେକ କଥା ଶୁଣାଇଲେ । ଯାହାଫଳରେ ଶ୍ରୀକୃଷ୍ଣଙ୍କ ମିତ୍ର ସୁଦାମାଙ୍କୁ କ୍ରୋଧ ଆସିଲା । ସେ କ୍ରୋଧିତ ହୋଇ ଦେବୀ ରାଧାଙ୍କୁ ଅପମାନ କଲେ । ଯାହାଫଳରେ ଦେବୀ ରାଧା ଓ ସୁଦାମା ପରସ୍ପରକୁ ଅଭିଶାପ ଦେଲେ । ସୁଦାମାଙ୍କ ଅଭିଶାପ କଥା ରାଧା ଶ୍ରୀକୃଷ୍ଣଙ୍କୁ କହିଥିଲେ । ଶ୍ରୀକୃଷ୍ଣ ଦେବୀ ରାଧାଙ୍କୁ କହିଥିଲେ ଯେ ପୃଥିବୀରେ ତୁମେ ଗୋକୁଳରେ ଦେବୀ କୀର୍ତ୍ତି ଏବଂ ବୃଷଭାନୁଙ୍କ କନ୍ୟାରୂପେ ଜନ୍ମଗ୍ରହଣ କରିବ । ସେଠାରେ ତୁମର ବିବାହ ରାୟାଣ ନାମକ ଏକ ବୈଶ୍ୟ ସହ ହେବ ଏବଂ ସାଂସାରିକ ଭାବେ ତୁମେ ରାୟାଣଙ୍କ ପତ୍ନୀ ବୋଲି କୁହାଯିବ । ରାୟାଣ ହେଉଛି ମୋର ଏକ ଅଂଶ । ରାଧା ରୂପରେ ତୁମର ମୋର ପ୍ରିୟା ହୋଇ ରହିବ ଏବଂ କିଛି ସମୟ ପାଇଁ ଆମ ମଧ୍ୟରେ ବିଚ୍ଛେଦ ହେବ । ସୁଦାମାଙ୍କ ଅଭିଶାପରେ ଗୋକୁଳରେ ଦେବୀ ରାଧା କୀର୍ତ୍ତି ଏବଂ ବୃଷଭାନୁଙ୍କୁ କନ୍ୟା ରୂପରେ ଜନ୍ମଗ୍ରହଣ କଲେ ।

# ପୁରାଣ କାହାଣୀ

## ପଂଚବଟୀ ରେ ରାମଚନ୍ଦ୍ର

ଭାରତ ରାମଙ୍କୁ ବହୁତ ଅନୁନୟ ବିନୟ ପୂର୍ବକ ଫେରିଆସିବାକୁ ଏବଂ ରାଜ୍ୟ ଭାର ଗ୍ରହଣ କରିବାକୁ ଆକୁଳ ପ୍ରାର୍ଥନା କଲେ । ମାତ୍ର ରାମ ଭରତଙ୍କ ଅନୁରୋଧ ପ୍ରତ୍ୟାଖାନା କରିଥିଲେ । ରାମ, ସୀତା ଏବଂ ଲକ୍ଷ୍ମଣ ଏହି ବନବାସ ସମୟରେ ଗୋଦାବରୀ ନାଦୀ ତଟରେ ଗମନ କରି ପଞ୍ଚବଟୀ ଠାରେ ଏକ କୁଟୁର ନିର୍ମାଣ କରି ଅବସ୍ଥାନ କଲେ । ସେହି ସମୟରେ ଋଷିମୁନିମାନଙ୍କର ଅନୁରୋଧ କ୍ରମେ ସେମାନେ ଅନେକ ରାକ୍ଷ କୁ ବଧ କରିଥିଲେ । ବିରାଧ ରାକ୍ଷସ ଏମାନଙ୍କ ମଧ୍ୟରେ ପ୍ରଥମ ଥିଲା ।



## ଶୀତ ଋତୁରେ ରୋଗ ବେଶୀ

ଶୀତଋତୁ ଆସିଲେ ବିଭିନ୍ନ ପ୍ରକାର ରୋଗ ମଧ୍ୟ ସାଙ୍ଗରେ ଆଣି ଆସିଥାଏ । ଯେପରି ଥଣ୍ଡା, ସଂକ୍ରମଣ, ତ୍ୱଚ୍ଚ ଫାଟିବା ଇତ୍ୟାଦି । କେତେକ ଲୋକଙ୍କର ଭାବନା ରହିଥାଏ କି ସନସ୍କ୍ରିନ୍‌ର ପ୍ରୟୋଗ କେବଳ ଗ୍ରୀଷ୍ମ ଦିନମାନଙ୍କରେ କରାଯାଇଥାଏ କିନ୍ତୁ ଏପରି ଭାବିବା ସମ୍ପୂର୍ଣ୍ଣ ରୂପେ ଭୁଲ୍ । ଥଣ୍ଡା ଦିନମାନଙ୍କରେ ସୂର୍ଯ୍ୟ ଭୂପୃଷ୍ଠର ସବୁଠାରୁ ନିକଟତର ହୋଇଥାନ୍ତି । ଏଥିପାଇଁ



ସୂର୍ଯ୍ୟଙ୍କ କିରଣ ଅଧିକ କ୍ଷତି ପହଞ୍ଚାଇଥାଏ । ଥଣ୍ଡା ଦିନମାନଙ୍କରେ କସରତ କରିବା କ୍ଷତିକାର ହୋଇପାରେ । ଏପରି ଭାବିବା ବିଲ୍‌କୁଲ୍ ଭୁଲ୍ । ବାସ୍ ଏହି କଥାର ଧ୍ୟାନ ରଖନ୍ତୁ କି ବାହାରକୁ ବାହାରିବା ପୂର୍ବରୁ ନିଜକୁ ଥଣ୍ଡାରୁ ବଞ୍ଚେଇବାର ସମସ୍ତ ଉପାୟକୁ ସାଙ୍ଗରେ ଧରି ଯାଆନ୍ତୁ । ଥଣ୍ଡା ଦିନମାନଙ୍କରେ ମଦ୍ୟପାନ କରିବା ଦ୍ୱାରା ଶରୀର ଗରମ ପହଞ୍ଚାଇଥାଏ ବୋଲି ଅନେକଙ୍କର ଭାବନା ରହିଥାଏ । କିନ୍ତୁ ବାସ୍ତବରେ ଏହା ଅଳ୍ପ କିଛି ସମୟ ପାଇଁ ଆପଣଙ୍କ ଶରୀରକୁ ଗରମ ରଖିଥାଏ । ଲମ୍ୱା ସମୟ ପର୍ଯ୍ୟନ୍ତ ଏହା କାମ କରିନଥାଏ । ଅଧିକ ସମୟ ପର୍ଯ୍ୟନ୍ତ ଥଣ୍ଡାରେ ଘରଠୁ ବାହାରେ ରହିବା ଦ୍ୱାରା ରୋଗ ଆକ୍ରାନ୍ତ ହେବାର ଆଶଙ୍କା ଅଧିକ ରହିଥାଏ । ଏପରି ବିଲ୍‌କୁଲ୍ ନୁହେଁ । ଏହି ମୌସୁମୀରେ ଥଣ୍ଡା, କାଶ, କେବଳ ବ୍ୟାକ୍ଟେରିୟା ଏବଂ ସଂକ୍ରମଣ କାରଣରୁ ହିଁ ହୋଇଥାଏ । ଥଣ୍ଡା ମୌସୁମିରେ ଅଧିକ ଚିନ୍ତା ରହିଥାଏ । ଭିଟାମିନ୍ ସି ଇମ୍ୟୁନିଟିକୁ ବଢେଇଥାଏ ଏବଂ ଥଣ୍ଡା ଦିନମାନଙ୍କରେ ହେଉଥିବା ରୋଗ ମାନଙ୍କଠାରୁ ବଞ୍ଚେଇଥାଏ ।

## ସଉକ ପୂରା କରିବା ପାଇଁ ବିକିଦେଲେ ସମସ୍ତ ସମ୍ପତି

ଟେକ୍ସାସ୍ ସାଧାରଣତଃ ନିଜ ଘର ଓ ପରିବାରର ଆବଶ୍ୟକତା ପାଇଁ ଲୋକେ ଅର୍ଥ ସଂଚୟ କରିଥାନ୍ତି । ହେଲେ ଟେକସାସ୍‌ରେ ରହୁଥିବା ଜଣେ ଦମ୍ପତି ନିଜର ଭ୍ରମଣ ସଉକ ପୂରା କରିବା ପାଇଁ ନିଜ ଘର ସହ ସମସ୍ତ ସମ୍ପତ୍ତିକୁ ବିକ୍ରି କରିଦେଇଛନ୍ତି । ଏହି ଦମ୍ପତ୍ତିଙ୍କର ମଧ୍ୟ ୫ଟି ସନ୍ତାନ ଅଛି । ଏହି ସ୍ୱାମୀ ସ୍ତ୍ରୀ ଜଣଙ୍କ ହେଉଛନ୍ତି ଷ୍ଟିଫେନ୍ ଏବଂ ଜୋର୍ଡାନ୍ । ବର୍ତ୍ତମାନ ସେମାନେ ତୁର୍କୀ ଓ ଅଷ୍ଟ୍ରେଲିଆ ଟୁର୍



କରି ଫେରିଥିଲା ବେଳେ ଖୁବ୍ ଶୀଘ୍ର ଆଣ୍ଟାର୍କଟିକା, ନ୍ୟୁଜଲାଣ୍ଡ ଗସ୍ତରେ ଯିବାର ଯୋଜନାରେ ଅଛନ୍ତି । ପେଶାରେ ଓ୍ୱେବ ଡିଜାଇନର ଥିବା ଷ୍ଟିଫେନ୍ କୁହନ୍ତି ଯେ ମୋ ସ୍ୱାମୀ ଜୋଡାନ୍‌ଙ୍କର ଭ୍ରମଣ କରିବାର ବଡ଼ ସଉକ ରହିଛି । ସେ ମୋ ସହ ପିଲାମାନଙ୍କୁ ନେଇ ବିଭିନ୍ନ ଦେଶ ଭ୍ରମଣ କରୁଛନ୍ତି । ଏଥିପାଇଁ ଆମେ ଆମର ଘର ଓ ସମସ୍ତ ସମ୍ପତ୍ତି ବିକ୍ରି କରିଦେଇଛୁ । ତେବେ ଭ୍ରମଣ ପରେ ପୁଣି ଥରେ ନୂଆ ଘର ବସାଇବା ଯଦିଓ କଷ୍ଟକର ତଥାପି ଭ୍ରମଣ ସାରିବା ପରେ ହିଁ ଆମେ ଏ ସମ୍ପର୍କରେ ନିଷ୍ପତ୍ତି ନେଉ । ବିଶ୍ୱ ଭ୍ରମଣ ଦ୍ୱାରା ନୂଆ ଭାଷା, ନୂଆ ସଂସ୍କୃତି ସହ ଆମେ ଅବଗତ ହୋଇପାରୁଛୁ ।

## ମହିଳା ଚପଲ ଉଠାଇବାରୁ ପଳାଇଲା କୁମ୍ଭୀର

ସିଡନୀ କୁମ୍ଭୀରଟିଏ ଦେଖିଲେ ଯେକୌଣସି ବ୍ୟକ୍ତିର ମନରେ ଭୟ ସୃଷ୍ଟି ହେବା ସ୍ୱାଭାବିକ । ହେଲେ ଅଷ୍ଟ୍ରେଲିଆର କକାଡୁ ନ୍ୟାସନାଲ ପାର୍କରେ ଏକ ଭିନ୍ନ ଘଟଣା ଦେଖିବାକୁ ମିଳିଛି । ଯେତେବେଳେ ଜଣେ ମହିଳା ଆକ୍ରମଣାତ୍ମକ ଆଭିମୁଖ୍ୟ ରଖିଥିବା ଏକ କୁମ୍ଭୀରକୁ ଚପଲ ଦେଖାଇଲେ ସେତେବେଳେ କୁମ୍ଭୀରଟି ହ୍ରଦ ଭିତରକୁ ପଳାଇଥିଲା । ମହିଳା ଜଣଙ୍କ ପାର୍କରେ ନିଜ କୁକୁର ସହ ବୁଲୁଥିଲା ବେଳେ ପାଖରେ ଥିବା



ଏକ ହ୍ରଦରୁ କିଛି କୁମ୍ଭୀର ତାଙ୍କୁ ଦେଖିବା ସହ ଆକ୍ରମଣ କରିବାର ପରିସ୍ଥିତିକୁ ଆସିଥିଲେ । ଏହାଦେଖି ମହିଳା ଜଣଙ୍କ ବିନା ଡରରେ ଚପଲ ଉଠାଇ ମାରିବାକୁ ଗୋଡାଇଥିଲେ କୁମ୍ଭୀରମାନଙ୍କୁ । ଆଉ କୁମ୍ଭୀରମାନେ ପଳାଇଥିଲେ ହ୍ରଦ ଭିତରକୁ । ଏହି ଘଟଣାଟି ପାର୍କରେ ଲାଗିଥିବା ସିସି ଟିଭି କ୍ୟାମେରାରେ କଏଦ ହୋଇଯାଇଥିଲା । ବର୍ତ୍ତମାନ ଏହି ଭିଡିଓ ସୋସିଆଲ ମିଡିଆରେ ବଡ଼ ଭାଇରାଲ ହୋଇଛି ।

## ଚା'ପତି ବଦଳରେ କୀଟନାଶକ, ୨ମୃତ



ଭଭୁଆ ବିହାରର କେମୁ ଜିଲା କୁଡନି ଥାନାରେ ବିଷାକ୍ତ ଚା' ପିଇ ଦୁଇ ମହିଳାଙ୍କ ମୃତ୍ୟୁ ସହ ୬ଜଣ ଗୁରୁତର ଅବସ୍ଥାରେ ଡାକ୍ତରଖାନାରେ ଚିକିତ୍ସିତ ହେବା ଘଟଣାରେ ପ୍ରକୃତ ତଥ୍ୟ ପଦାକୁ ଆସିଛି । ଚା' ତିଆରି ସମୟରେ ଭୁଲ ବଶତଃ ଚା' ପତି ବଦଳରେ ପକାଯାଇଥିଲା କୀଟନାଶକ । ପୁଲିସର କହିବା ଅନୁସାରେ ସୋତବା ଗ୍ରାମର ଦଶବନ୍ତି ଦେବୀଙ୍କ ଘରକୁ ସୋମବାର କିଛି ଅତିଥି ଆସିଥିଲେ । ରାତ୍ର ଭୋଜନ ସରିବା ପରେ ସମସ୍ତଙ୍କ ପାଇଁ ଚା' ତିଆରି ହୋଇଥିଲା । ହେଲେ ରୋଷେଇ ଘରେ ଥିବା କୀଟନାଶକକୁ ଚା' ପତି ଭାବି ଜଣେ ମହିଳା ପକାଇ ଦେଇଥିଲେ । ଆଉ ଏହା ପିଇବା ପରେ ବିଳମ୍ବିତ ରାତିରେ ଦଶବନ୍ତି ଓ ତାଙ୍କ ଝିଅ ସୀତା କୁଅଁରଙ୍କ ମୃତ୍ୟୁ ହୋଇଥିଲା ।

# ଆଜିର ଭାଗ୍ୟ

| | |
|---|---|
| ମେଷ | ସେବା ମନୋଭାବ ଯୋଗୁଁ କର୍ମକ୍ଷେତ୍ରରେ ସମ୍ମାନୀୟ ବ୍ୟକ୍ତି ବିଶେଷଙ୍କଠାରୁ ସାହାଯ୍ୟ ସହଯୋଗ ପାଇବେ । ବ୍ୟବସାୟ ଓ ନିର୍ମାଣ କ୍ଷେତ୍ରରେ ସମସ୍ୟର ସମାଧାନ ହେବ । ଶତୃ ବୃଦ୍ଧି ହୋଇପରେ । ମହିଳାମାନେ ମାନସିକ ଚିନ୍ତାର ଶିକାର ହେବେ । |
| ବୃଷ | ନିଜ ଲୋକମାନେ ଇର୍ଷା ପରାୟଣ ହୋଇ ପରିସ୍ଥିତିକୁ ଭିନ୍ନ ରୂପ ଦେଲେ ମଧ୍ୟ ଆପଣ ନିଜର କଳା କୌଶଳ ପ୍ରୟୋଗ କରି ଜୟ ଯୁକ୍ତ ହେବେ । ଅର୍ଥ ସଂଗ୍ରହ କରିବାରେ ତତ୍ପରତା ପ୍ରକାଶ କରିବେ । ମହିଳାମାନେ ଅପମାନିତ ହୋଇପରନ୍ତି । |
| ମିଥୁନ | ସମସ୍ୟା ଉପରେ ସମସ୍ୟାର ସମାଧାନ କରି ବ୍ୟସ୍ତ ବିବ୍ରତ ହୋଇ ପଡିବେ । ସାଧାରଣ କଥାକୁ କେନ୍ଦ୍ର କରି ମନରେ ବିରକ୍ତି ଭାବ ସୃଷ୍ଟି ହୋଇପାରେ । ଆର୍ଥିକ ସ୍ୱଚ୍ଛଳତା ଓ ବନ୍ଧୁଙ୍କର ସାନ୍ନିଧ ଲାଭରୁ ଖୁସି ହେବେ । |
| କର୍କଟ | ପ୍ରତ୍ୟେକ କ୍ଷେତ୍ରରେ ସମସ୍ୟା ଆସିବାରୁ ମନ ଭାରାକ୍ରାନ୍ତ ରହିବ । ସ୍ତ୍ରୀଙ୍କ ସ୍ୱାସ୍ଥ୍ୟ ସକାଶେ ଚିନ୍ତା କରିପାରନ୍ତି । ରାଜନୀତି କ୍ଷେତ୍ରରେ ପଦ ମର୍ଯ୍ୟାଦ ବୃଦ୍ଧି ପାଇବ । ଆଗାମୀ ମାଙ୍ଗଳିକ କାର୍ଯ୍ୟ ସକାଶେ ତତ୍ପରତା ପ୍ରକାଶ ପାଇବ । |
| ସିଂହ | ପ୍ରତ୍ୟେକ କ୍ଷେତ୍ରରେ ସଫଳତା ମିଳିବ । ସାମ୍ପତ୍ୟ ଜୀବନରେ ବୁଝାମଣା ନେଇ ତିକ୍ତତା ଦେଖା ଦେଇପାରେ । ନିର୍ମାଣ କ୍ଷେତ୍ରରେ ପ୍ରତିବନ୍ଧକ ସୃଷ୍ଟି ହୋଇପରେ । ଯେତେ ଭଲ କାମ କଲେ ମଧ୍ୟ ପ୍ରଶଂସା ବଦଳରେ ଅଭିଯୋଗ ପାଇବେ । |
| କନ୍ୟା | ପ୍ରତ୍ୟେକ କ୍ଷେତ୍ରରେ ଖର୍ଚ୍ଚାନ୍ତ ହୋଇ ଆଶା ପୂରଣ କରିବେ । କର୍ମକ୍ଷେତ୍ରରେ ସଙ୍କଟର ସମ୍ମୁଖୀନ ହେଲେ ମଧ୍ୟ କାର୍ଯ୍ୟକ୍ଷେତ୍ରରେ ସଫଳତା ହାସଲ କରିବେ । ଆନୁଷ୍ଠାନିକ କାମରେ ମହିଳାମାନେ ସମସ୍ୟାର ଦୃଢ଼ ମୁକାବିଲା କରିବେ । |
| ତୁଳା | ସ୍ତ୍ରୀଙ୍କର ପ୍ରେରଣା ଓ ସହଯୋଗରୁ ଉପକୃତ ହେବେ । କର୍ମକ୍ଷେତ୍ରରେ ଅତ୍ୟଧିକ ଖର୍ଚ୍ଚ କରିବାକୁବାଧ ହେବେ । ଆଶା କରୁଥିବା ଦିଗରୁ ଶୁଭ ଖବର ପାଇବେ । ମୋଟା ଅଙ୍କର ଅର୍ଥ ଖର୍ଚ୍ଚ କରି ସ୍ଥଗିତ କାମକୁ ତ୍ୱରାନିତ୍ୱ କରିବେ । |
| ବିଛା | ଚୁରତାର ସହ ବନ୍ଧୁଙ୍କ ମନରେ ବିଶ୍ୱାସ ଜନ୍ମାଇ କାର୍ଯ୍ୟ ହାସଲ କରିବାରେ ସମର୍ଥ ହେବେ । ମାଙ୍ଗଳିକ କାର୍ଯ୍ୟ ସକାଶେ ଆଲୋଚନାରେ ବ୍ୟସ୍ତ ରହିବେ । ମନୋରଞ୍ଜନ କାର୍ଯ୍ୟକ୍ରମରେ ନିଜକୁ ନିୟୋଜିତ କରି ସାମୟିକ ଆନନ୍ଦ ପ୍ରାପ୍ତ କରିବେ । |
| ଧନୁ | ପାରିବାରିକ ଅସ୍ଥିରତା ଲାଗି ରହିଥିଲେ ମଧ୍ୟ ପ୍ରତିକୂଳ ପରିସ୍ଥିତିର ଚାପ କ୍ରମଶଃ କମ୍ ହେବ । ବନ୍ଧୁମାନଙ୍କ ଦ୍ୱାରା ସମସ୍ୟାର ସରଳ ସମାଧାନ ହେବ । ରାଜନୀତିକ ସ୍ତରରେ ଉନ୍ନତି କରିବେ । ମହିଳାମାନେ ପରିବାରର କଥାକୁ ଚିନ୍ତା କରି ଅସ୍ଥିର ହେବେ । |
| ମକର | କର୍ମକ୍ଷେତ୍ରରେ ଧୀରେ ସୁସ୍ଥେ ଗତି କରିବେ । ବ୍ୟବସାୟକୁ ଆଗକୁ ବଢ଼ାଇବା ପାଇଁ ପଦକ୍ଷେପ ଗ୍ରହଣ କରିବେ । ନିଜ ଦୋଷରୁ ନିଜ ପାଇଁ ଅସୁବିଧା ସୃଷ୍ଟି କରିବେ । ମହିଳାମାନେ ଗଠନ ମୂଳକ ପରାମର୍ଶ ପାଇ ଖୁସି ହେବେ । |
| କୁମ୍ଭ | ସନ୍ତାନମାନଙ୍କ ସ୍ୱାସ୍ଥ୍ୟ ଓ ସ୍ୱଭାବ ଯୋଗୁଁ ବିଚଳିତ ରହିବେ । ସମସ୍ୟାର ସମାଧାନ ପାଇଁ ବନ୍ଧୁଙ୍କର ସାହାଯ୍ୟ ଲୋଡିବେ । ବ୍ୟବସାୟ କ୍ଷେତ୍ରରେ ଆଶାନୁରୂପକ ଲାଭବାନ ହେବେ । ମହିଳାମାନଙ୍କର ସ୍ୱାସ୍ଥ୍ୟହାନୀ ଘଟିପାରେ । |
| ମୀନ | ଦୁଃସାହସିକ ପଦକ୍ଷେପ ନେଇ କର୍ମକ୍ଷେତ୍ରରେ ପ୍ରଶଂସିତ ହେବେ । ମଜଳିଆ କଥା କହି ବନ୍ଧୁଙ୍କୁ ଆକର୍ଷିତ କରିବେ । କେତେକ କ୍ଷେତ୍ରରେ ଚାପରୁ ସମ୍ମୁଖୀନ ହୋଇପାରନ୍ତି । ସନ୍ତାନଙ୍କ ପାଇଁ ଗୌରାବାନିତ୍ୱ ମନେ କରିବେ । |

## କୃତ୍ରିମ ଜଳପ୍ରପାତ



ଚାଇନା ଅନ୍ତର୍ଗତ ୟୁନାନ ପ୍ରଦେଶର କୁନମିଂରେ ପର୍ଯ୍ୟଟକଙ୍କ ମନୋରଞ୍ଜନ ପାଇଁ ଏକ କୃତ୍ରିମ ଜଳ ପ୍ରପାତ ସୃଷ୍ଟି କରାଯାଇଛି । ଏହାର ଉଚ୍ଚତା ସାଢ଼େ ୧୨ ମିଟର । ଚଉଡା ଚାରି ଶହ ମିଟର । ନିଉଲାନ୍ ନଦୀରେ ପ୍ରବାହିତ ଜଳକୁ ୟୁନାନର ବୃହତ୍ତମ ମଧୁର ଜଳ ହ୍ରଦ ଡିଆନସି ମଧ୍ୟରେ ପ୍ରବେଶ କରାଇ ଏହି ପ୍ରପାତ ସୃଷ୍ଟି କରାଯାଇଛି । ଏହାଦ୍ୱାରା ବନ୍ୟା ବିପ୍ୱାତରୁ ରକ୍ଷା ମିଳିବା ସହ ସହରର ପାନୀୟ ଜଳ ଯୋଗାଣ ବ୍ୟବସ୍ଥାରେ ଉନ୍ନତି ଆସି ପାରିବ । କୃତ୍ରିମ ଜଳ ପ୍ରପାତ ଚାରିପଟେ ଉଦ୍ୟାନ ରହିଛି । ଦୁଇ ବର୍ଷ ତଳେ ଉଭୟ ପ୍ରପାତ ଓ ଉଦ୍ୟାନ ବିକଶିତ କରାଯାଇଛି । ଉକ୍ତ ପ୍ରକଳ୍ପରେ ସତର କୋଟି ମାର୍କିନ୍ ଡଲାର ବ୍ୟୟ ହୋଇଥିବା ପ୍ରକାଶ ।




# ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ



ବାଲେଶ୍ୱର (ପିଏନ୍)- ଜିଲ୍ଲା ସଡକ ସୁରକ୍ଷା କମିଟି ବୈଠକ ସ୍ଥାନୀୟ ସଦଭାବନା ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି । ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ କୁମାର ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରା, ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା ଦୁଲାଲ ସେନ ଜଗଦେବଙ୍କ ସମେତ ଜାତୀୟ ରାଜପଥ କର୍ତ୍ତୃପକ୍ଷ ଅଧିକାରୀ, ଜିଲ୍ଲା ସଡକ ସୁରକ୍ଷା ସମିତିର ସଦସ୍ୟ, ପୋଲିସ୍ ଅଧିକାରୀ, ବିଭିନ୍ନ ପରିବହନ ସଙ୍ଗଠନର କର୍ମକର୍ତ୍ତା ଓ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଉପସ୍ଥିତ ରହି ସଡକ ସୁରକ୍ଷା ସମ୍ପର୍କିତ ବିଭିନ୍ନ ପ୍ରସଙ୍ଗ ଉପରେ ଆଲୋଚନା କରିଥିଲେ । ବୈଠକର ଆବାହକ ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମି ରଞ୍ଜିତ ଦଳବେହେରା ଗତ ଅକ୍ଟୋବର ମାସ ବୈଠକରେ ନିଆଯାଇଥିବା ନିଷ୍ପତିର କାର୍ଯ୍ୟକାରିତା ସମ୍ପର୍କରେ ଗୃହକୁ ସୂଚନା ଦେଇଥିଲେ । ଜରୁରୀକାଳୀନ ଭିତିରେ କିଛି ରାସ୍ତା ମରାମତି ପାଇଁ ଗତ ବୈଠକରେ ନିଷ୍ପତି ନିଆଯାଇଥିବା ବେଳେ ତାହା ସମ୍ପୂର୍ଣ୍ଣ ହୋଇ ନ ଥିବାରୁ ଉପସ୍ଥିତ ସଦସ୍ୟମାନେ ଅସନ୍ତୋଷ ପ୍ରକାଶ କରିଥିଲେ । ଏହାର ମିଳିତ ଯାଂଚ କରାଯାଇ ତୁରନ୍ତ ପଦକ୍ଷେପ ନେବାକୁ ବିଭାଗୀୟ ଅଧିକାରୀଙ୍କୁ ବୈଠକରେ ନିର୍ଦ୍ଦେଶ ଦିଆଯାଇଥିଲା । ଦୁର୍ଘଟଣା ଘଟିବାର ୨୪ଘଂଟା ମଧ୍ୟରେ ମିଳିତ ସରଜମିନ୍ ତଦନ୍ତ କରି ରିପୋର୍ଟ ପ୍ରଦାନ ପାଇଁ ପ୍ରାବଧାନ ରହିଥିଲେ ହେଁ ଏଥିରେ ବ୍ୟତିକ୍ରମ ହେଉଥିବାରୁ ଏହାକୁ ସୁବ୍ୟବସ୍ଥିତ ଢଙ୍ଗରେ ସମ୍ପନ୍ନ କରିବା ଏବଂ ସଡକ ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ପାଇଁ ବିଭିନ୍ନ ସ୍ତରରେ ଦିଆଯାଇଥିବା ନିର୍ଦ୍ଦେଶନାମାର କଡାକଡି ଅନୁପାଳନ ପାଇଁ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା । ଜାତୀୟ ରାଜପଥରୁ ବାଲେଶ୍ୱରକୁ ରହିଥିବା ପ୍ରବେଶ ପଥରେ ଉପଯୁକ୍ତ ସାଇନେଜ ନ ଥିବାରୁ ଗାଡି ଚାଳକ ବିଶେଷ ଅସୁବିଧାର ସମ୍ମୁଖୀନ ହେଉଛନ୍ତି । ଏଣୁ ପ୍ରବେଶ ପଥରେ ସାଇନେଜ ବ୍ୟବସ୍ଥା ସହ ବାମପଡା ଛକ ଠାରେ ଉଜ୍ଜ୍ୱଳ ଆଲୋକ ବ୍ୟବସ୍ଥା କରିବାକୁ ଜାତୀୟ ରାଜପଥ କର୍ତ୍ତୃପକ୍ଷଙ୍କୁ କୁହାଯାଇଥିଲା । ଖାଲ ଡିପ ଥିବା ସର୍ଭିସ ରୋଡ ଗୁଡିକର ଯଥାଶୀଘ୍ର ମରାମତି କରାଯିବା, ବିନା ହେଲମେଟ ବାଇକ୍ ଚାଳକଙ୍କ ଡ୍ରାଇଭିଂ ଲାଇସେନ୍ସକୁ ବାତିଲ କରିବା, ନାବାଳକ ଗାଡି ଚାଳନା ଉପରେ ରୋକ୍ ଲଗାଇବା ପାଇଁ ପଦକ୍ଷେପ ନେବା ଏବଂ ବ୍ୟାରିକେଡିଂ ବ୍ୟବସ୍ଥା କରିବା ଉପରେ ସଡକ ସୁରକ୍ଷା ସମିତିର ସଦସ୍ୟମାନେ ଗୁରୁତ୍ୱାରୋପ କରିଥିଲେ । ବାଲେଶ୍ୱର ସହରରେ ଯଥାଶୀଘ୍ର ସିସିଟିଭି ବ୍ୟବସ୍ଥାକୁ କାର୍ଯ୍ୟକ୍ଷମ କରିବା, ବାଇକ ଚାଳକଙ୍କ ପାଇଁ "ନୋ ହେଲମେଟ୍, ନୋ ପେଟ୍ରୋଲ" ନୀତିକୁ ଲାଗୁ କରିବା, ଜାତୀୟ ରାଜପଥରେ ଟ୍ରକ୍ ପାର୍କିଂ ସମସ୍ୟାକୁ ଏଡାଇବା ପାଇଁ ଟ୍ରକ୍ ଟର୍ମିନାଲ ନିର୍ମାଣ କାର୍ଯ୍ୟ ତୁରନ୍ତ ଆରମ୍ଭ କରିବା ଇତ୍ୟାଦି ଉପରେ ବୈଠକରେ ମତପ୍ରକାଶ ପାଇଥିଲା । ସେହିପରି ବାଲେଶ୍ୱର ସହର ମଧ୍ୟରେ ଥିବା ଫ୍ଲାଇ ଓଭର ମରାମତି କାର୍ଯ୍ୟ ଶେଷ ନ ହେବା ପର୍ଯ୍ୟନ୍ତ ଏହା ଉପରେ ଭାରୀଯାନ ଚଳାଚଳକୁ ଅନୁମତି ନ ଦେବା ପାଇଁ ଏଥିରେ ଆଲୋଚନା ହୋଇଥିଲା । ଅଧିକ ବେଗ, ଅଧିକ ବୋଝେଇ, ମାଲ ପରିବହନ ଯାନରେ ଯାତ୍ରୀ ପରିବହନ, ଯାନ ଚାଳନା ସମୟରେ ମୋବାଇଲ ଫୋନର ବ୍ୟବହାର, ନିଶା ସେବନ କରି ଗାଡି ଚାଳନା, ବିନା ହେଲମେଟରେ ଗାଡି ଚାଳନା ଆଦି ଅପରାଧ ଆଧାରରେ ଆର.ଟି.ଓ.ଙ୍କ ଦ୍ୱାରା ଜାନୁଆରୀ, ୨୦୨୧ରୁ ଡିସେମ୍ବର ୨୦୨୧ ମଧ୍ୟରେ ୫୦୮୯ଜଣ ଆଇନ ଉଲ୍ଲଂଘନକାରୀଙ୍କୁ ଚିହ୍ନଟ କରାଯାଇଥିବା ବେଳେ ମୋଟ ୨୧୬୮ଜଣଙ୍କର ଡ୍ରାଇଭିଂ ଲାଇସେନ୍ସକୁ ବାତିଲ୍ କରାଯାଇଛି । ଦୁର୍ଘଟଣା ରିପୋର୍ଟ ଅନୁଯାୟୀ ୨୦୨୧ ମସିହା ଜାନୁଆରୀ ରୁ ଡିସେମ୍ବର ମଧ୍ୟରେ ସମୁଦାୟ ୪୩୦ଟି ଦୁର୍ଘଟଣା ଘଟିଛି ଏବଂ ଏହି ସମୟ ମଧ୍ୟରେ ୨୨୪ ଜୀବନହାନୀ ହୋଇଛି । ସେହିପରି ୧୯୦ଜଣ ଗୁରୁତର ଆହତ ହୋଇଥିବା ବେଳେ ୬୬ଜଣ ସାମାନ୍ୟ ଆହତ ହୋଇଛନ୍ତି । ଦୁର୍ଘଟଣା ଓ ଜୀବନହାନୀ ହ୍ରାସ ଲାଗି ସମସ୍ତ ପ୍ରକାର ପଦକ୍ଷେପ ଗ୍ରହଣ କରିବା ସହିତ ଦୁର୍ଘଟଣାର ଶିକାର ହେଉଥିବା ଲୋକଙ୍କୁ ଡାକ୍ତରଖାନା ଆଣିଥିବା ବ୍ୟକ୍ତିଙ୍କୁ ପ୍ରୋତ୍ସାହିତ କରିବା ପାଇଁ ରହିଥିବା ଗୁଡ୍ ସାମାରିଟାନ୍ ବ୍ୟବସ୍ଥାକୁ ଅଧିକା ସୁଦୃଢ କରିବାକୁ ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ଭବେଶ ନାୟକ ପରାମର୍ଶ ଦେଇଥିଲେ । ଏହି ଅବସରରେ ଜିଲ୍ଲା ସଡକ ସୁରକ୍ଷା ସମିତି ତରଫରୁ ଦୁର୍ଘଟଣାରେ ଆହତ ବ୍ୟକ୍ତିଙ୍କୁ ହସପିଟାଲ ପହଂଚାଇବାରେ ସହାୟତା କରିଥିବା ୬ଜଣ ଗୁଡ୍ ସାମାରିଟାନ(ଭଲ ସାହାଯ୍ୟକାରୀ)ଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ଏହି ୬ଜଣ ହେଲେ ଶ୍ରୀ ହୃଷିକେଶ ତରେଇ, ଶ୍ରୀ ଜିତେନ୍ଦ୍ର ପ୍ରାମାଣିକ, ଶ୍ରୀ ଜିତେନ୍ଦ୍ର କୁମାର ପଣ୍ଡା, ଶ୍ରୀ ଶଶିକାନ୍ତ ନାୟକ, ଶ୍ରୀ ଆର୍ଯ୍ୟବ୍ରତ ଭୂୟାଁ ଓ ଶ୍ରୀ ନନ୍ଦନ କୁମାର ଜେନା । ଏହି ଛଅ ଜଣଙ୍କୁ ମାନପତ୍ର ଏବଂ ୨ହଜାର ଟଙ୍କା ଲେଖାଏଁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା । ସେମାନଙ୍କ ଏଭଳି କାର୍ଯ୍ୟ ଆମ ସମସ୍ତଙ୍କ ପାଇଁ ପ୍ରେରଣା ବୋଲି ଅତିରିକ୍ତ ଜିଲ୍ଲାପାଳ ଶ୍ରୀ ନାୟକ କହିଥିଲେ । ଆଂଚଳିକ ପରିବହନ ଅଧିକାରୀ ଶ୍ରୀ ରଶ୍ମିରଂଜିତ ଦଳବେହେରା ବୈଠକ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ ।

# ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁଙ୍କ ପରଲୋକ



କେନ୍ଦ୍ରାପଡ଼ା (ପିଏନ୍): ପ୍ରାକ୍ତନ ପ୍ରଶାସନିକ ଅଧିକାରୀ ନିରଞ୍ଜନ ସାହୁଙ୍କ ୮୫ବର୍ଷ ବୟସରେ ତାଙ୍କ କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ବଗଡାସ୍ଥିତ ବାସଭବନରେ ହୃଦଘାତରେ ପରଲୋକ ହୋଇଯାଇଛି। ରାଜ୍ୟ ସରକାରଙ୍କ ଶକ୍ତି ବିଭାଗର ଯୁଗ୍ମ ଶାସନ ସଚିବ ଭାବେ ସ୍ୱର୍ଗତଃ ସାହୁ ଅବସରଗ୍ରହଣ କରିବା ପରେ ଜିଲ୍ଲାର ବିକାଶ ନିମନ୍ତେ ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟରେ ନିଜକୁ ନିୟୋଜିତ କରିଥିଲେ। ଗତ ୨୦୦୨ ମସିହାରୁ ସଖୀବଟ ଉନ୍ନୟନ ପରିଷଦ ଗଠନ କରି ଗୁପ୍ତକ୍ଷେତ୍ର ସଖୀବଟର ସଭାପତି ଭାବେ ଦାୟୀତ୍ୱ ନିର୍ବାହ କରି ଆସୁଥିଲେ। ସେ ଦାୟୀତ୍ୱ ନେବା ପରେ ସଖୀବଟକୁ ରାଜ୍ୟ ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇବା ଠାରୁ ଆରମ୍ଭ କରି ଏହି କ୍ଷେତ୍ରର ବହୁବିଧ ଉନ୍ନତିରେ ସେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ। ଏତଦବ୍ୟତିତ ସ୍ଥାନୀୟ ବଗଡା ହାଇସ୍କୁଲର ପ୍ରତିଷ୍ଠା ଓ ଲୁଣା ନଦୀବନ୍ଧ ସୁରକ୍ଷା ମ□ର ସଭାପତି ଭାବେ ଅ□ଳର ବହୁ ଉନ୍ନତିମୂଳକ କାର୍ଯ୍ୟରେ ନିଜକୁ ସେ ଶେଷ ପର୍ଯ୍ୟନ୍ତ ସାମିଲ ରଖିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅ□ଳରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତ୍ୟୁଶଯ୍ୟା ନିକଟରେ ୨ପୁଅ ନାଟ୍ୟ ନିର୍ଦ୍ଦେଶକ ଦିଲ୍ଲିପ, ଅଧ୍ୟାପକ ସୁଧାଂଶୁ, ଝିଅ ଅରୁନ୍ଧତୀ, ନାତି, ନାତୁଣୀ ଓ ଆତ୍ମୀୟ ସ୍ୱଜନମାନେ ଉପସ୍ଥିତ ଥିଲେ। ସେ ଜଣେ ମିଷ୍ଟଭାଷୀ, ପରୋପକାରୀ ଓ ବନ୍ଧୁବତ୍ସଳ ବ୍ୟକ୍ତି ଭାବରେ ସାଧାରଣରେ ପରିଚିତ ଥିଲେ। ତାଙ୍କ ବିୟୋଗ ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଜନପ୍ରତିନିଧିଙ୍କ ସମେତ ଜିଲ୍ଲା ବିକାଶ ସାମ୍ମୁଖ୍ୟ ସମ୍ପାଦକ ଅଧାପକ ଅଜୟ ସାମଲ, ପ୍ରାକ୍ତନ ପ୍ରଧାନ ଶିକ୍ଷକ ବ୍ରଜକିଶୋର ବିଶ୍ୱାଳ, ଦିବାକର ଜେନା, ଅଧାପକ ଅଜୟ ରାଉତ, ଡା. ବିଶ୍ୱ ପ୍ରକାଶ କାନୁନଗୋ, ଗରାପୁର ଶିବାନନ୍ଦ ଆଶ୍ରମର ଶ୍ରୀମା ଚୈତନ୍ୟ ସ୍ୱାମୀ ଦିବ୍ୟ ସୁରୂପାନନ୍ଦ ସରସ୍ୱତୀ, ଡା. ପ୍ରଫୁଲ୍ଲ ସାମଲ, ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ମେଜର ଭରତ ଚନ୍ଦ୍ର ଜେନା, ଜାହିଦ ଖାନ, ଗାୟକ ଭୂଷଣ ଗୋପବନ୍ଧୁ ନାଥ, ହେମନ୍ତ ଜେନା, ଶ୍ରୀଚରଣ ସାମଲ,କୈଳାସ ପ୍ରଧାନ, ରଞ୍ଜନ ଜେନା, ପ୍ରତାପ ନାୟକ, ଉମାକାନ୍ତ ପତି, ପଣ୍ଡିତ ପ୍ରତାପ ପତି, ଅକ୍ଷୟ ପାଣି, ସୁବନୀ ସାହୁ, ବୈଷ୍ଣବ ସ୍ୱାଇଁ, ଶ୍ରୀବତ୍ସ ନାୟକ, ସୀତାକାନ୍ତ ନାୟକ ପ୍ରମୁଖ ବହୁ ବିଶିଷ୍ଟ ବ୍ୟକ୍ତି ତାଙ୍କ ବଗଡାସ୍ଥିତ ବାସଭବନରେ ପହ□ ଶେଷ ଦର୍ଶନ କରିବା ସହ ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ତାଙ୍କ ବିୟୋଗରେ କେନ୍ଦ୍ରାପଡା ବିଧାୟକ ଶଶିଭୂଷଣ ବେହେରା, ପୂର୍ବତନ ମନ୍ତ୍ରୀ ଗଣେଶ୍ୱର ବେହେରା, ପୂର୍ବତନ ବିଧାୟକ କିଶୋର ଚନ୍ଦ୍ର ତରାଇ, ଡଃ. ସିପ୍ରା ମଲ୍ଲିକ, ଉତ୍କଳ କେଶରୀ ପରିଡା, ଜିଲ୍ଲା ପରିଷଦ ସଭାପତି ମାନସ କୁମାର ପରିଡା, ବ୍ଲକ ଅଧକ୍ଷ ଶିବ ପ୍ରସାଦ ଭଳ, ବିଜେଡି ରାଜ୍ୟ ଯୁଗ୍ମ ସମ୍ପାଦକ ରାଜେଶ ପଣ୍ଡା, ଜିଲ୍ଲା ପ୍ରତିଭା ପୂଜା ସଂସଦ ସଭାପତି ପ୍ରଦିପ କୁମାର ମହାନ୍ତି, ବରିଷ୍ଠ ବିଜେଡି ନେତା ଭଜକୃଷ୍ଣ ରାଉତ ପ୍ରମୁଖ ଶୋକବ୍ୟକ୍ତ କରିବା ସହ ତାଙ୍କ ପରିବାରବର୍ଗଙ୍କୁ ସମବେଦନା ଜଣାଇଛନ୍ତି। କୋଭିଡ ନିୟମ ଅନୁପାଳନ ପୂର୍ବକ ତାଙ୍କ ମରଶରୀରକୁ ବଗଡା, ତୁଣ୍ଡପୁର, କଚେରିପଡା, ବିଲବଳରାମପୁର ପ୍ରଭୃତି ଗ୍ରାମ ପରିକ୍ରମା କରାଇବା ପରେ ଗ୍ରାମ୍ୟ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଥିଲା। ଜ୍ୟେଷ୍ଟପୁତ୍ର ଦିଲ୍ଲିପ ମୁଖାଗ୍ନି ଦେଇଥିଲେ।

# ତୀର୍ଥରାଜ ରାମେଶ୍ୱର

ଭାରତର ଦକ୍ଷିଣ ସୀମାରେ ବଙ୍ଗୋପସାଗର, ଭାରତ ମହାସାଗର ଓ ଆରବ ସାଗରର ମିଳନ ସ୍ଥାନରେ, ପାମ୍ବନ ନାମକ କ୍ଷୁଦ୍ର ଦ୍ୱୀପ ମଧ୍ୟରେ ଏହି ପ୍ରସିଦ୍ଧ ଶୈବ କ୍ଷେତ୍ର ରହିଅଛି । ଏହା ଭାରତରେ ଥିବା ପ୍ରସିଦ୍ଧ ଦ୍ୱାଦଶ ଜ୍ୟୋତିର୍ଲିଙ୍ଗ ମଧ୍ୟରୁ ଗୋଟିଏ । ଏହି କ୍ଷେତ୍ର ପ୍ରଭୁ ରାମଚନ୍ଦ୍ରଙ୍କ ସହ ଜଡିତ ହେତୁ ବିଷ୍ଣୁ ଭକ୍ତଙ୍କ ପାଇଁ ମଧ୍ୟ ପବିତ୍ର । ଭାରତର ମୋକ୍ଷଦାୟୀ ଚାରିଧାମ ଯଥା ପୁରୀ, ଦ୍ୱାରୀକା, ବଦ୍ରିନାଥ ସହ ଏହା ଗୋଟିଏ ମୋକ୍ଷ କ୍ଷେତ୍ର ଅଟେ । ଏଠାରେ ଶିବ ରାମେଶ୍ୱର ବା ରାମନାଥ ନାମରେ ପୂଜା ପାଆନ୍ତି । ଚେନାଇଠାରୁ ୫୫୯ କିମି, ମଦୁରାଇ ଠାରୁ ୧୭୩ କିମି ଓ କନ୍ୟାକୁମାରୀଠାରୁ ୧୩୦ କିମି ଦୂରରେ ଏହା ରହିଅଛି । କିମ୍ବଦନ୍ତୀ କୁହେ, ରାବଣକୁ ମାରିବା ପରେ ବିଚଳିତ ରାମ ବ୍ରହ୍ମହତ୍ୟା ପାପରୁ ମୁକ୍ତି ପାଇଁ ସମୁଦ୍ର କୂଳରେ ଏକ ଶିବ ଲିଙ୍ଗ ପ୍ରତିଷ୍ଠା ଇଚ୍ଛା କଲେ । ଏକ ଉପଯୁକ୍ତ ଲିଙ୍ଗ ପାଇଁ ହନୁମାନ ହିମାଳୟକୁ ଯାତ୍ରା କଲା । ତାର ଫେରିବାରେ ବିଳମ୍ବ ଯୋଗୁ ସୀତା ବାଲୁକାର ଲିଙ୍ଗ ପ୍ରତିଷ୍ଠା କଲେ, ତାହା ହେଲା ରାମେଶ୍ୱର । ପରେ ହନୁମାନ ଲିଙ୍ଗ ଆଣିବାରୁ ତାହା ବିଶେଶ୍ୱର ନାମରେ ପ୍ରତିଷ୍ଠା ହେଲା । ଉଭୟ ଲିଙ୍ଗ ଦକ୍ଷିଣ ଓ ଉତ୍ତର କଡରେ ରହି ପୂଜା ପାଉଛନ୍ତି ।

ଏହି ତୀର୍ଥ ପାମ୍ବନ ନାମକ ଏକ କ୍ଷୁଦ୍ର ଦ୍ୱୀପରେ ତାମିଲନାଡୁ ରାଜ୍ୟର ରାମନାଥ ଜିଲ୍ଲାରେ ଅବସ୍ଥିତ । ସ୍ଥଳ ଭାଗ ସହିତ ଏହା ୨ମାଇଲ ଲମ୍ବର ରେଳପଥ ଓ ସେତୁ ସଡକ ଦ୍ୱାରା ସଂଯୁକ୍ତ । ଚେନାଇ, ମଦୁରା ଓ ତ୍ରିଚିରୁ ଏଠାକୁ ରେଳରେ ଯାଇହେବ । ୧୯୧୪ ମସିହାରୁ ରେଳପଥ ଯାଇ ପାମ୍ବାନ ରେଳଜଙ୍କସନରୁ ଦୁଇଭାଗ ହୋଇ ୬ ମାଇଲ ଦୂର ରାମେଶ୍ୱର ଷ୍ଟେସନ ଓ ୨୨ ମାଇଲ ଦୂର ଧନୁଷ୍କୋଡିକୁ ସଂଯୋଗ କରୁଥିଲା । ଧନୁଷ୍କୋଡିରୁ ସିଲୋନର ତଳ ମାନାରକୁ ପୋଲ-ବ୍ୟବସ୍ଥା ରହିଥିଲା । ୧୯୬୪ ବାତ୍ୟା ଓ ଜୁଆରରେ ଧନୁଷ୍କୋଡି ଧ୍ୱଂସ ଓ ପରିତ୍ୟକ୍ତ ହୋଇଗଲା । ପାମ୍ବନ ମୋଟର ଝୁଲା ପୋଲ ୨୦୦୭ ମସିହାରେ ସଂପୂର୍ଣ୍ଣ ହେଲା । ମୁମ୍ବାଇ ରବାନ୍ଦ୍ରା- ଓର୍ଲି ପୋଲ ହେବା ଆଗରୁ ଏହା ଭାରତରେ ବଡ ପୋଲ ଥିଲା । ଏସବୁ ସେତୁରେ ତଳେ ଜାହାଜ ଯିବା ପାଇଁ ଉଠା ବ୍ୟବସ୍ଥା ଅଛି ।



ରାମେଶ୍ୱରଠାରୁ ଶ୍ରୀଲଙ୍କା ଉପକୂଳ ପର୍ଯ୍ୟନ୍ତ ଅନେକ ଛୋଟ ଦ୍ୱୀପ ଅଛି । ଏହାକୁ ରାମସେତୁ ବା ଆଡାମବ୍ରିଜ କୁହାଯାଏ । ଏହାର ଲମ୍ବ ପ୍ରାୟ ତିରିଶ କିଲୋମିଟର । ଏହି ସେତୁ ରାମ ତିଆରି କରି ଲଙ୍କାକୁ ସୈନ୍ୟମାନଙ୍କ ସହ ଯାଇ ରାବଣକୁ ମାରି ସୀତାଙ୍କୁ ଉଦ୍ଧାର କରିଥିଲେ ବୋଲି ରାମାୟଣରେ ଉଲ୍ଲେଖ ଅଛି । କୁହାଯାଏ ୧୪୮୦ ମସିହା ପର୍ଯ୍ୟନ୍ତ ଚାଲି ଚାଲି ସିଲୋନକୁ ଭାରତରୁ ଯିବା ସମ୍ଭବ ଥିଲା । ସେହି ବର୍ଷ ବାତ୍ୟାରେ ସେତୁ ଧ୍ୱଂସ ହେଲେ ମଧ୍ୟ ଅଗଭୀର ସମୁଦ୍ର ତଳେ ତାହାର କିଛି ଅଂଶ ରହିଛି, ଯାହା ସାଟେଲାଇଟ ଚିତ୍ରରୁ ଜଣାପଡିଛି । ଏହି ପ୍ରଣାଳୀକୁ ଖୋଳି ଜାହାଜ ଯିବା ପାଇଁ ଏକ ଚାନେଲ ତିଆରି (ସେତୁ ସମୁଦ୍ର କେନାଲ) ପ୍ରସ୍ତାବ ଲୋକଙ୍କ ବିରୋଧ ଯୋଗୁ ବନ୍ଦ ହୋଇଯାଇଛି । ପାମ୍ବନ ଦ୍ୱୀପଟିର କ୍ଷେତ୍ରଫଳ ୫୩ ବର୍ଗ କିମି । ସହରର ଲୋକସଂଖ୍ୟା ୪୪ ହଜାର । ଅନେକ ମତ୍ସ୍ୟଜୀବୀ ଏଠାରେ ବାସ କରନ୍ତି । ଏଠାରୁ ଅନତିଦୂରରେ ଶ୍ରୀଲଙ୍କା ଅଧିନରେ କଚତିଭୁ କ୍ଷୁଦ୍ର ଦ୍ୱୀପ ରହିଚି । ଉଭୟ ଦେଶର ଧିବରମାନେ ସେଠାରେ ବିଶ୍ରାମ ନିଅନ୍ତି । ଅନେକ ଧିବର ଖ୍ରୀଷ୍ଟଧର୍ମ ଗ୍ରହଣ କରିଥିବାରୁ ସେଞ୍ଚ ଆନ୍ଥୋନି ଫିଷ୍ଟ ପର୍ବ ପାଳନରେ ଉଭୟ ଦେଶର ଲୋକମାନେ ସେଠାରେ ଏକତ୍ରିତ ହୁଅନ୍ତି । ରାମେଶ୍ୱର ଠାରେ ଶ୍ରୀଲଙ୍କା ଗୃହ ଯୁଦ୍ଧ ବେଳେ ଅନେକ ତାମିଲ ଉଗ୍ରପନ୍ଥୀ ଓ ସାଧାରଣ ଲୋକ ଆଶ୍ରୟ ନେଇଥିଲେ । ରାଜୀବ ଗାନ୍ଧୀଙ୍କୁ ହତ୍ୟା କରିଥିବା ଶିବ ରାଜନ ସେଠାରେ ଜଣେ ଶରଣାର୍ଥୀ ଥିଲା ।




ରାମେଶ୍ୱର ମନ୍ଦିରରେ ୧୬୦ ଫୁଟ ଉଚ୍ଚର ଦୁଇଟି କାରୁକାର୍ଯ୍ୟପୂର୍ଣ୍ଣ ଗୋପୁର ପୂର୍ବ ଓ ପଶ୍ଚିମ ଦିଗରେ ରହିଚି । ଉତ୍ତର ଦକ୍ଷିଣରେ ପ୍ରବେଶ ପାଇଁ ସୁଦୃଶ୍ୟ ଦ୍ୱାର ରହିଛି । ମନ୍ଦିରକୁ ଚାରିକଡରେ ୮୫୦,୬୪୦ ଫୁଟର ଲମ୍ବ ଓ ୩୦ ଫୁଟ ଉଚ୍ଚ ପ୍ରାଚୀର ଘେରିଅଛି । ମନ୍ଦିର ମଧ୍ୟରେ ୪୪୦୦ ଫୁଟର କରିଡର ଅଛି ଯାହା ପୃଥିବୀରେ ଦୀର୍ଘତମ । ଏହା ବାହାର, ଭିତର କରିଡର ଓ ତୃତୀୟ କରିଡର ହୋଇ ବୁଲିଚି । ଏହା ୩୦ ଫୁଟ ଉଚ୍ଚ ଓ ୧୭ରୁ ୨୪ ଫୁଟ ଚଉଡା । କାରୁକାର୍ଯ୍ୟ ଖଚିତ ଖିଲାଣ (୧୨୨୦ ଟି) ଓ ଚିତ୍ରିତ ଛାତ ଏହାକୁ ଆକର୍ଷଣୀୟ କରିଛି । ଖଣ୍ଡା ଧରିଥିବା ଶହ ଶହ ବିରଭଦ୍ର ମୂର୍ତ୍ତି ଖିଲାଣମାନଙ୍କରେ ଖୋଦେଇ ହୋଇଛି । ମନ୍ଦିରରେ ପାର୍ବତୀ ପର୍ବତନନ୍ଦିନୀ ରୂପେ, ବିଷ୍ଣୁ, ଗଣେଶ ରାମ, ସୀତା, ହନୁମାନଙ୍କ ମୂର୍ତ୍ତି ଅଛି । ଏହି ଦ୍ୱୀପରେ ୬୪ଟି ଜଳାଶୟ ଅଛି । ସେଗୁଡିକରେ ସ୍ନାନ ମୁକ୍ତିଦାୟକ ବୋଲି କୁହାଯାଏ । ସେଥିରୁ ମନ୍ଦିର ଭିତରେ ୧୪ଟି ରହିଛି । ସବୁଠାରୁ ପବିତ୍ର ଅଗ୍ନି କ୍ଷେତ୍ରଠାରେ ଜଟାୟୁ ପ୍ରାଣ ବିସର୍ଜନ କରିଥିଲା ।

ରାମେଶ୍ୱରଠାରେ ସମୁଦ୍ର ନଦୀ ଜଳ ଭଳି ସ୍ଥିର, ବଡ ଲହଡି କି ଜୁଆର ଦେଖାଯାଏ ନାହିଁ । ଏହି ମନ୍ଦିର ନିର୍ମାଣ ପାଇଁ ଅନେକ ପ୍ରାଚୀନ ଶାସକ ଅକାତରେ ଦାନ କରିଛନ୍ତି । ପାଣ୍ଡ୍ୟ ଶାସକ ଆଜିର ମନ୍ଦିର ତିଆରି ମିନାକ୍ଷୀ ମନ୍ଦିର ଶୈଳୀରେ କରିଥିଲେ । ବିଜୟ ନଗର, ମଦୁରାଇ, ଚୋଳ ରାଜା, ଜାଫାନାର ଶାସକ ମନ୍ଦିରକୁ ଅନେକ ଦାନ ଦେଇଛନ୍ତି । ମନ୍ଦିରଟି ସେତୁପତି ନାମକ ଶାସକଙ୍କ ଇଲାକାରେ ରହିଚି । ଆଜିର ମନ୍ଦିରର କରିଡର ଅନେକ ଅର୍ଥ ବ୍ୟୟ କରି ସେତୁପତି ରାଜା ଓ ତାଙ୍କ ମନ୍ତ୍ରୀମାନେ କରିଛନ୍ତି । ସେମାନଙ୍କର ମୂର୍ତ୍ତି ପୀଠରେ ରହିଚି । ତାଂଜୋରର ମରହଟା ଶାସକ ଅନେକ ଧର୍ମଶାଳା ଓ ଯାତ୍ରୀ ନିବାସ କରିଛନ୍ତି । ମନ୍ଦିର ପରିସରରେ ଅନେକ ସୁଦୃଶ୍ୟ ମଣ୍ଡପ ରହିଛି । ଅତୀତ ଭାରତର ସଂହତି, ଧର୍ମବିଶ୍ୱାସ ଓ ବିଭିନ୍ନ ଧର୍ମପୀଠ ଯୋଗୁ ବଜାୟ ରହିଥିଲା । ହିମାଳୟରୁ କୁମାରିକା ଯାକେ ଲୋକଙ୍କୁ ଏହି ବିଶ୍ୱାସର ବନ୍ଧନ ହିଁ ଏକ କରି ରଖିଥିଲା ।





**ଡାଃ ସୁରେନ୍ଦ୍ର ନାଥ ଦାଶ**
**ଉମରକୋଟ, ନବରଙ୍ଗପୁର,**
**ମୋ : ୯୪୩୭୨୩୫୩୮**

# ଯାଜପୁର ସହରର ସୁପର୍ ସ୍ପେଶାଲିଷ୍ଟ, ଆୟୁର୍ବେଦିକ ହସ୍ପିଟାଲ୍ ଉଦ୍‌ଘାଟନ



ଯାଜପୁର ଟାଉନ୍ (ପିଏନ୍)- ଯାଜପୁର ସହରର କିଆନୀଳ କୂଳ ଠାରେ ସୁପର୍ ସ୍ପେଶାଲିଷ୍ଟ, ଆର୍ୟୁବେଦିକ ହସ୍ପିଟାଲ୍ ସ୍ୱାମୀ ତ୍ୟାଗ ସ୍ୱରୁପାନନ୍ଦଜୀଙ୍କ ଦ୍ୱାରା ଉଦ୍‌ଘାଟନ ହୋଇଯାଇଛି। ଯାଜପୁରର ସୁନାମଧନ୍ୟ ତଥା ବିଶିଷ୍ଟ ସମାଜସେବୀ ସନ୍ତୋଷ କୁମାର ନନ୍ଦ, ବିଶିଷ୍ଟ ଆର୍ୟୁବେଦିକ୍ ଚିକିତ୍ସକ ଡାଃ ସୁରେନ୍ଦ୍ର ନାଥ ଶର୍ମା, ଡ଼ା ପ୍ରାର୍ଥନା ପଣ୍ଡା ଓ ସମାଜସେବୀ ବିଭୂତି ମହାପାତ୍ରଙ୍କ ବଳିଷ୍ଠ ଉଦ୍ୟମରେ ଏହି ଆୟୁବେଦିକ୍ ଚିକିତ୍ସାଳୟର ଜନସାଧାରଣଙ୍କ ସ୍ୱାସ୍ଥ୍ୟ ସେବାରେ ଏକ ନୂତନ ଆଶା ଓ ଭରସାର କେନ୍ଦ୍ର ହେବ ବୋଲି ଉଦ୍‌ଘାଟକ ସ୍ୱାମୀଜି ମତବ୍ୟକ୍ତ କରିଥିଲେ। ଅନ୍ୟତମ ସମ୍ମାନୀୟ ତଥା ବରିଷ୍ଠ ନାଗରିକ ସଂଘର ପୂର୍ବତନ ସଭାପତି ପ୍ରଫୁଲ୍ଲ ଚନ୍ଦ୍ର ସାମଲ କହିଥିଲେ ଯେ ଏହା ଯାଜପୁର ସହରର ନୂତନ ବ୍ୟବସ୍ଥା ବୋଲି ପ୍ରକାଶ କରିଥିଲେ। ଯାଜପୁର ସହରର କେନ୍ଦ୍ର ସ୍ଥଳୀରେ ପ୍ରତିଷ୍ଠା କରାଯାଇଥିବା ଏହି ଆର୍ୟୁବେଦିକ୍ ଚିକିତ୍ସାଳୟରେ ଆଣ୍ଠୁଗଣ୍ଠି , ବାତ, ସ୍ନାୟୁ ରୋଗ, ବାତପିତ, ଶୂଳ, ଧମନୀ, ସନ୍ଧୀବାତ, ପକ୍ଷାଘାତ, ମଧୁମେହ, ପଥୁରି, ସୋରିୟାସିସ୍, ଯୌନ ସଂକ୍ରମିତ ରୋଗ, ଶ୍ୱାସ ରୋଗ, ମେଦ ବହୁଳତା, କ୍ୟାନସର, ହୃଦ୍ ରୋଗ, ଅମ୍ଳ ପିତ୍ତ ଏବଂ ସମସ୍ତ ପୁରୁଣା ରୋଗର ଚିକିତ୍ସା ଓ ଉପସମ ହୋଇପାରିବ ବୋଲି କ୍ଲିନିକାଲ୍ ଆଣ୍ଡ ଆର୍ୟୁବେଦିକ ସ୍ପେଷାଲିଷ୍ଟ ଡ଼ଃ ଏସ୍.ଏନ୍. ଶର୍ମା ପ୍ରକାଶ କରିଛନ୍ତି। ଏହି ଆର୍ୟୁବେଦିକ୍ ଚିକିତ୍ସାଳୟରେ ରୋଗୀ ଆଡ଼ମିଶନ୍ ହୋଇ ଚିକିତ୍ସିତ ହେବାର ସମସ୍ତ ସୁ ବନ୍ଦୋବସ୍ତ କରାଯିବା ସହ ଅତ୍ୟାଧୁନିକ ଆୟୁବେଦିକ ଔଷଧ ଉପଲବ୍ଧ କରାଯାଇଛି। ଯାଜପୁର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଏବଂ ଜନସାଧାରଣ ଉଦ୍‌ଘାଟନୀ ଉତ୍ସବରେ ଯୋଗଦେଇ ଆର୍ୟୁବେଦ ଚିକିତ୍ସା ପାଇଁ ନୂତନ ଭାବେ ପ୍ରତିଷ୍ଠା କରାଯାଇଥିବା ଏହି ଚିକିତ୍ସାଳୟକୁ ଭୂୟସୀ ପ୍ରଶଂସା କରିଥିଲେ। ଏହି ଉଦ୍‌ଘାଟନୀ ଉତ୍ସବରେ ସମାଜସେବୀ ନାରାୟଣ ଚନ୍ଦ୍ର ସାମନ୍ତ, ପୂର୍ବତନ ଏମ୍.ପି ଅଂଚଳ ଦାସ, ପୂର୍ଣ୍ଣଚନ୍ଦ ଯେନା, ରଞ୍ଜିତା ରାଉତ, ଶ୍ୟାମାନନ୍ଦ ମହାରାଜ, ପ୍ରଶାନ୍ତ କୁମାର ସାହୁ, ହୃଷୀକେଶ ପତି, ନବ କିଶୋର ଦାସ, ନକୁଳଦେବ ସାହୁ, ଧନଞ୍ଜୟ ପୃଷ୍ଟି, ତରୁଣ ନନ୍ଦ, ବୃନ୍ଦାବନ ମିଶ୍ର, ଅଭିମନ୍ୟୁ ମିଶ୍ର, ପ୍ରଭୃତି ଯୋଗଦେଇ ହସ୍ପିଟାଲ୍‌ର ଉତ୍ତରୋତ୍ତର ଉନ୍ନତି କାମନା କରିଥିଲେ। ଏହି ହସ୍ପିଟାଲ୍‌ରେ ବିଭିନ୍ନ ବିଭାଗରେ ନିୟୋଜିତ ହୋଇଥିବା ଉତ୍କଳ କେଶାରୀ ପାଣିଗ୍ରାହୀ, ସ୍ମିତା ରାଉତ, କିରଣଜ୍ୟୋତି ମିଶ୍ର, କେଦାର ସ୍ୱାଇଁ, ନଗେନ କୁମାର ନାଥ, ସାଗରିକା ପରିଡ଼ା ପ୍ରମୁଖଙ୍କୁ ପରିଚାଳନାର ଦାୟିତ୍ୱ ଅର୍ପଣ କରିଯିବା ସହିତ ୨୪ଘଣ୍ଟିଆ ଡ଼ାକ୍ତରଙ୍କ ଦ୍ୱାରା ସ୍ୱାସ୍ଥ୍ୟ ପରାମର୍ଶର ସୁବିଧା ଏଠାରେ ଉପଲବ୍ଧ ବୋଲି ଚିଫ୍ ମ୍ୟାନେଜିଂ ଡ଼ାଇରେକ୍ଟର ଡ଼ଃ ଶର୍ମା ଜଣାଇଛନ୍ତି।

## ଶ୍ରୀହରିଲାଲ୍ ଶର୍ମାଙ୍କ ବିୟୋଗ

ଭୁବନେଶ୍ୱର (ପିଏନ୍): ଓଡ଼ିଶା ରାଜ୍ୟ ଭାରତ ସ୍କାଉଟସ୍ ଏବଂ ଗାଇଡସ୍ ସଂସ୍ଥାର ପୂର୍ବତନ ରାଜ୍ୟ ସଭାପତି ଶ୍ରୀଯୁକ୍ତ ଶ୍ରୀହରିଲାଲ୍ ଶର୍ମା, ପୂର୍ବତନ କମାଣ୍ଡ ଇନ୍ ଚିଫ୍, ଭାରତୀୟ ନାଭିଙ୍କର ୮ନମ୍ବର, ଭୁବନେଶ୍ୱରସ୍ଥିତ ନିଜ ବାସଭବନରେ ଦେହାନ୍ତ ଘଟିଛି । ମୃତ୍ୟୁ ବେଳକୁ ତାଙ୍କୁ ୧୦୦ ବର୍ଷ ହୋଇଥିଲା । ଏହି ଦୁଃଖଦ ଘଟଣାରେ ଭାରତୀୟ ନାଭି ଏବଂ ସ୍କାଉଟସ୍ ଏବଂ ଗାଇଡସ୍ ପରିବାରର ସମସ୍ତେ ମର୍ମାହତ ହୋଇଛନ୍ତି । ସେ ଦୀର୍ଘବର୍ଷ ଧରି ସ୍କାଉଟିଂ ସହିତ ଯୋଡି ହୋଇ ରହିଥିଲେ। ତାଙ୍କର ପାର୍ଥିବ ଶରୀରକୁ ତାଙ୍କର ବାସଭବନରେ ଶେଷ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ମରଶରୀରକୁ ଶେଷଥର ଦର୍ଶନ କରିବାପାଇଁ ରାଜ୍ୟ



ଉପସଭାପତି ଏବଂ ମାନ୍ୟବର ବିଧାୟକ ସୁଶାନ୍ତ କୁମାର ରାଉତ ଏବଂ ଟି.ପ୍ରସାଦ ରାଓ ଦୋରା, ବହୁ ଉଚ୍ଚପଦାଧିକାରୀ ଏବଂ ସ୍କାଉଟ ଗାଇଡ୍‌ର ଅଧିକାରୀମାନେ ଯୋଗଦାନ କରିବା ସଙ୍ଗେ ସଙ୍ଗେ ରାଜ୍ୟ ମୁଖ୍ୟ କମିଶନର ଡ. କାଳିପ୍ରସାଦ ମିଶ୍ର (ଯିଏକି ତାଙ୍କର ସାନ ଜ୍ୱାଇଁ) ଉପସ୍ଥିତ ରହିଥିଲେ। ରାଜ୍ୟ ସଂସ୍ଥାର ସଭାପତି ଅତନୁ ସବ୍ୟସାଚୀ ନାୟକ ଏହି ଦୁଃଖଦ ଘଟଣାରେ ଦୁଃଖପ୍ରକାଶ କରିଛନ୍ତି। ୧୨୦ ବାଟାଲିୟନ ତରଫରୁ ମର୍ଯ୍ୟାଦାଜନକ ସମ୍ମାନ ପ୍ରଦର୍ଶନ କରାଯାଇଥିଲା। ତାଙ୍କର ମୃତ୍ୟୁରେ ମାନ୍ୟବର ରାଜ୍ୟପାଳ ପ୍ରଫେସର ଗଣେଶୀ ଲାଲ୍ ଏବଂ ମାନ୍ୟବର ମୁଖ୍ୟମନ୍ତ୍ରୀ ଗଭୀର ଦୁଃଖ ପ୍ରକାଶ କରିଛନ୍ତି। ଏତଦବ୍ୟତୀତ ଦଳଗତ ନିର୍ବିଶେଷରେ ବିଭିନ୍ନ ରାଜନୈତିକ ଦଳର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଆସି ଶେଷ ଦର୍ଶନ କରିଥିଲେ। ପୁରୀ ସ୍ୱର୍ଗଦ୍ୱାରଠାରେ ସ୍କାଉଟ ଗାଇଡ୍‌ର ଶେଷ ସମ୍ମାନ ପ୍ରଦର୍ଶନ କରାଯାଇ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲା। ମୃତ୍ୟୁ ସମୟରେ ତାଙ୍କର ପୁତ୍ର, ପୁତ୍ରବଧୂ, ଝିଅ, ଜ୍ୱାଇଁ ଏବଂ ନାତି ନାତୁଣୀମାନେ ଉପସ୍ଥିତ ଥିଲେ ।

# ସସ୍ କାରଖାନା ଉପରେ ସ୍ପେଶାଲ ସ୍କ୍ୱାର୍ଡର ଚଢାଉ



ଧର୍ମଶାଳା (ପିଏନ୍): ଧର୍ମଶାଳା ଥାନା ଜାରକା ଛକ ନିକଟରେ ଥିବା ଏକ ସସ୍ କାରଖାନା ଉପରେ ଯାଜପୁର ପୁଲିସର ସ୍ୱତନ୍ତ୍ର ସ୍କ୍ୱାର୍ଡ ଓ ଧର୍ମଶାଳା ପୁଲିସ ମିଳିତଭାବେ ଆଜି ପୂର୍ବାହ୍ନରେ ଅଚାନକ ଚଢାଉ କରିଥିଲେ । ସୂଚନା ଅନୁଯାୟୀ ଦୀର୍ଘ ଦିନ ଧରି ଏଠାରେ ଟମାଟୋ, ଚିଲି ସସ ସହ ଆଚାର ଏବଂ ଅନ୍ୟାନ୍ୟ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରାଯାଉଛି। ଆଗ୍ରୋ ଫ୍ରଞ୍ଚ୍ ଅରଗାନିକ ଫୁଡ ନାମକ ଏକ ସଂସ୍ଥା ଏହି ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ କରି ବଜାରକୁ ଛାଡୁଛି। ତେବେ ଏହି ଚଢାଉ ସମୟରେ କାରଖାନାର ମାଲିକ ଦୀପକ ଜେନା ଏଠାରେ ଖାଦ୍ୟ ସାମଗ୍ରୀ ପ୍ରସ୍ତୁତ ହେଉଥିବା ନେଇ ଆବଶ୍ୟକୀୟ କାଗଜପତ୍ର ଦେଖାଇଥିଲେ। ତେବେ ଏଠାରେ ପ୍ରସ୍ତୁତ କରାଯାଉଥିବା ଖାଦ୍ୟ ପ୍ରଣାଳୀ, ଅସ୍ୱାସ୍ଥ୍ୟକର ପରିବେଶ, ନଷ୍ଟ ସାମଗ୍ରୀଗୁଡିକ କାରଖାନା ପରିସରରେ ମହଜୁଦ ରହିଥିବା ଦେଖି ଏହି ଟିମ ଅସଂ୍ତୋଷ ଜାହିର କରିଥିଲେ। ପୂର୍ବରୁ ଦୁଇ ଦୁଇ ଥର ଖାଦ୍ୟ ନିରୀକ୍ଷଣ ବିଭାଗ ଏଠାରେ ପ୍ରସ୍ତୁତ ହେଉଥିବା ଖାଦ୍ୟ ସାମଗ୍ରୀର ନମୂନା ପରୀକ୍ଷା ନିରୀକ୍ଷା କରି ଏହା ସଠିକ ବୋଲି ସଂକେତ ଦେଇଥିଲେ। ତେବେ ଆଜି ସ୍ପେଶାଲ ଟିମ ଏଠାରେ ଚଢାଉ କରି ଜିଲ୍ଲା ଖାଦ୍ୟ ନିରୀକ୍ଷଣ ବିଭାଗକୁ ପୁନଃ ଖାଦ୍ୟର ମାନ ଯାଂଚ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ତଦନୁଯାୟୀ ଜିଲ୍ଲା ଖାଦ୍ୟ ନିରାପତା ବିଭାଗ ଅଧିକାରୀ ଘଟଣାସ୍ଥଳରେ ପହଂଚି ସମସ୍ତ କାଗଜପତ୍ରର ଯାଂଚ କରିଥିଲେ। ସଂପୃକ୍ତ ସଂସ୍ଥା ସମସ୍ତ ନିୟମାବାଳୀକୁ ଅନୁପାଳନ କରି ଏହି ବ୍ୟବସାୟ ଚଳାଉଥିବା ଜିଲ୍ଲା ଖାଦ୍ୟ ନିରାପତା ଅଧିକାରୀ ବିଭୁଦତ ତ୍ରିପାଠୀ କହିଥିଲେ। ତେବେ ଅଭିଯୋଗ ଆସିଥିବାରୁ ପୁନଃ ନମୂନା ସଂଗ୍ରହ କରାଯାଇ ପରୀକ୍ଷା କରିବାକୁ ପଠାଯିବ। ରିପୋର୍ଟ ଆସିବା ପରେ ଆବଶ୍ୟକୀୟ ପଦକ୍ଷେପ ନିଆଯିବ ବୋଲି ସୂଚନା ଦେଇଥିଲେ ।

## ପୂର୍ବତନ କେନ୍ଦ୍ରାପଡା ଏସଡିପିଓ କେଦାରନାଥ ସାହୁଙ୍କ ବିୟୋଗରେ ଶୋକ



କେନ୍ଦ୍ରାପଡ଼ା (ପିଏନ୍): ଭିଜିଲାନ୍ସ ବିଭାଗର ଭାରପ୍ରାପ୍ତ ଏସପି, ଓପିଏସ ସଙ୍ଘର ସଭାପତି ତଥା କେନ୍ଦ୍ରାପଡାର ପୂର୍ବତନ ଏସଡିପିଓ କେଦାରନାଥ ସାହୁଙ୍କ ବିୟୋଗରେ କେନ୍ଦ୍ରାପଡାରେ ଗଭୀର ଶୋକବ୍ୟକ୍ତ କରାଯାଇଛି। ଏହି ଉପଲକ୍ଷେ କେନ୍ଦ୍ରାପଡା ଏସଡିପିଓଙ୍କ କାର୍ଯ୍ୟାଳୟ ପରିସରରେ ଏକ ଶୋକସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କେନ୍ଦ୍ରାପଡା ଏସଡିପିଓ ରାଜୀବ ଲୋଚନ ପଣ୍ଡା, ଟାଉନ ଥାନା ସବଇନସପେକ୍ଟର ସୌମ୍ୟରଞ୍ଜନ ଜାଲି, ସବଇନସପେକ୍ଟର ରତିରଞ୍ଜନ ନାୟକ, ସବଇନସପେକ୍ଟର ସୁଧସ୍ମିତା ପୃଷ୍ଟି, ଆଇନଜୀବୀ ରମଣୀରଞ୍ଜନ ରାଉତରାୟ, ସାମ୍ବାଦିକ ରାଜେଶ ବେହେରା, ଚିତ୍ତରଞ୍ଜନ ଦାସ, ଲକ୍ଷ୍ମୀକାନ୍ତ ନାୟକଙ୍କ ସମେତ ଏସଡିପିଓଙ୍କ କାର୍ଯ୍ୟାଳୟର କର୍ମଚାରୀମାନେ ଯୋଗଦେଇ ସ୍ୱର୍ଗତ ସାହୁଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ପ୍ରଥମେ ତାଙ୍କ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ୨ମିନିଟ ନୀରବ ପ୍ରାର୍ଥନା କରାଯାଇଥିଲା। ସ୍ୱର୍ଗତ ସାହୁ କେନ୍ଦ୍ରାପଡା ଜିଲ୍ଲାର ପଟ୍ଟାମୁଣ୍ଡାଇ ଓ ପରେ କେନ୍ଦ୍ରାପଡାର ଏସଡିପିଓ ଭାବରେ ଅତ୍ୟନ୍ତ ନିଷ୍ଠା, କର୍ତ୍ତବ୍ୟପରାୟଣତା ଓ ଦକ୍ଷତାର ସହ ନିଜ ଦାୟିତ୍ୱ ନିର୍ବାହ କରିଥିବା ବେଳେ ଅନେକ ସମ୍ବେଦନଶୀଳ ମାମଲାକୁ ସଫଳତାର ସହ ପରିଚାଳନା କରିଥିଲେ ବୋଲି ବକ୍ତାମାନେ ମତବ୍ୟକ୍ତ କରିଥିଲେ।

ସଂ ଗଚ୍ଛଧ୍ୱଂ ସଂ ବଦଧ୍ୱଂ ସଂ ବୋ ମନାଂସି ଜାନତାମ୍ ।
ଦେବା ଭାଗଂ ଯଥା ପୂର୍ବେ ସଂଜାନାନା ଉପାସତେ ।।
ସମାନୋ ମନ୍ତ୍ରଃ ସମିତିଃ ସମାନୀ ସମାନମ୍ ମନଃ ସହ ଚିତ୍ତମେଷାମ୍ ।
ସମାନଂ ମନ୍ତ୍ରମଭି ମନ୍ତ୍ରୟେ ବଃ ସମାନେନ ବୋ ହବିଷା ଜୁହୋମି ।।
ସମାନୀ ବ ଆକୂତିଃ ସମାନା ହୃଦୟାନି ବଃ ।
ସମାନମସ୍ତୁ ବୋ ମନୋ ଯଥା ବଃ ସୁସହାସତି ...

ଋଗ୍ ବେଦ ୧୦/୧୯୧-୨-୪

ପର୍ଯ୍ୟବେକ୍ଷକ

ସମ୍ପାଦକୀୟ

ଭୁବନେଶ୍ୱର, ୨୦୨୨, ଜାନୁଆରୀ ୧୮

# ମଦମୁକ୍ତ ନିର୍ବାଚନ !



ସକାଳୁ ସକାଳୁ ଦଣ୍ଡଧାରୀବାବୁ ହାଇଟେକ ବାବାଙ୍କୁ ସାକ୍ଷାତ ପାଇଁ ଆସି ପହଞ୍ଚିଗଲେ । ବାବା ଜାଣିଲେ କ'ଣ ଗୋଟାଏ ଜବର ଖବର ଅଛି । ସେ ଖବରଟା ବାନ୍ତି ନ କଲାଯାକେ ବାବୁ ଆଉ ଥୟ ଧରିବେନି । ଜୁହାରଟି ଫିଙ୍ଗିଦେଇ ଦଣ୍ଡଧାରୀବାବୁ କହିଲେ, "ଆଜ୍ଞା ଜାଣିଲେଣି ନା, ସତ୍ୟ ଯୁଗ ଆସିଗଲା, ଗାନ୍ଧି କଳ୍ପନା କରିଥିବା ରାମରାଜ୍ୟ ଆସିବାର ସମ୍ଭାବନା ଉଜ୍ଜ୍ୱଳ ହୋଇଗଲା । ଏଣିକି ନିର୍ବାଚନ ବେଳେ ମଦ ମିଳିବ ନାହିଁ । ସରକାର ଅଧ୍ୟାଦେଶ ଆଣିଲେଣି । ମଦ ତ' ସକଳ ହିଂସାର ଆଧାର । ଏଥରକ ନିର୍ବାଚନ ବେଶ ଶାନ୍ତିପୂର୍ଣ୍ଣ ହେବ; ଲୋକମାନେ ଆଶ୍ୱସ୍ତ ହେବେ । ତା' ସହିତ ପୁଣି ଗୁଣ୍ଡା ନିରୋଧ ଆଇନ । ଆମ ଦେଶ ମହାନ ବୋଲି, ଛାତିରେ ହାତ ବାଡେଇ ଆମେ ଏଣିକି କହିପାରିବା ।"

ହାଇଟେକ ବାବା ମନଦେଇ କଥା ଶୁଣିଲେ । କିଛି ସମୟ କ'ଣ ଭାବିଲେ । କୋଉ ପୁରୁଣା କଥା ବୋଧେ ମନେପକାଉଥିଲେ । କହିଲେ, "ଏସବୁ ଭାନୁମତି ପେଡି କୁହୁକ । ପ୍ରତି ନିର୍ବାଚନ ପୂର୍ବରୁ ରାଜନିତିଆ ଏମତି ଭେଲିକି ଦେଖାନ୍ତି । ପୂରା ନିରାମିଷାଶି ବୈଷ୍ଣବ ବୋଲି ଘୋଷଣା କରନ୍ତି । ଏ ବିଷୟରେ ଗୋଟେ ପୁରୁଣା କଥା କହିବି । ନୂଆ ସ୍ୱାଧୀନତା ଆସିଥାଏ । ଗାଁଗାଁରେ ଗାନ୍ଧିଟୋପି ପିନ୍ଧି କର୍ମୀମାନେ ତଥାପି ଗାନ୍ଧିବାଣୀ ପ୍ରଚାର କରୁଥାଆନ୍ତି । ଅବଶ୍ୟ ଗାନ୍ଧୀଙ୍କ ଦେହାନ୍ତ ହୋଇଯାଇଥାଏ । କୋରାପୁଟ ଜିଲ୍ଲାରେ ଗାନ୍ଧୀ ନୀତି ବେଶ ସୁଦୃଢ଼ ଥାଏ । ଆସିଲା ନିର୍ବାଚନ । ଗାଁ ଗାଁରେ ପ୍ରଚାର ଚାଲିଲା । କଂଗ୍ରେସକୁ ରାଜାରାଜୁଡାଙ୍କ ଗଣତନ୍ତ୍ର ପରିଷଦ ଦଳ ଟାଣୁଆ ଆହ୍ୱାନ ଦେଉଥାଏ । ସରଳ ଆଦିବାସୀମାନେ ଅତ୍ୟନ୍ତ ରାଜଭକ୍ତ ଥିଲେ । ତେଣୁ କଂଗ୍ରେସ ନେତାମାନେ ଏକ ବିଚିତ୍ର ନିଷ୍ପତ୍ତି ନେଲେ । ଭୋଟ ଦିନ ଗାଁ ଲୋକମାନଙ୍କୁ ମଦ ପିଇବାକୁ କିଛି ଟଙ୍କା ଦିଆଯିବ । ଗାନ୍ଧୀଙ୍କ ଗୁମାସ୍ତା ବୋଲି ଦାବି କରୁଥିବା ସେକାଳର



ପୁରୁଣା ନେତାମାନେ ଏହା ଗ୍ରହଣ କଲେ । ଏକମାତ୍ର ମହମ୍ମଦ ବାଜି ସାହେବ ଏହାକୁ ବିରୋଧ କଲେ ଓ ସବୁଦିନ ପାଇଁ କଂଗ୍ରେସ ଦଳ ପରିତ୍ୟାଗ କରି ବିନୋବାଜୀଙ୍କ ପ୍ରଦର୍ଶିତ ସର୍ବୋଦୟ ଆନ୍ଦୋଳନରେ ଯୋଗଦେଲେ । ସେବେଠାରୁ ସମସ୍ତ ରାଜନୈତିକ ଦଳମାନେ ନିର୍ବାଚନ ବୈତରଣୀ ନଦୀ ପାର ପାଇଁ ଅର୍ଥ ଓ ମଦକୁ ଶ୍ରେଷ୍ଠଅସ୍ତ୍ର ରୂପେ ବ୍ୟବହାର କରିଆସୁଛନ୍ତି ।

ନିର୍ବାଚନ ପରେ ନିର୍ବାଚନ ଆସିଛି । ନେହେରୁଙ୍କର କଳାବଜାରୀଙ୍କୁ ବତୀଖୁଣ୍ଟରେ ଫାସି ଦିଅ, ଜୟପ୍ରକାଶଙ୍କ ସଂପୂର୍ଣ୍ଣ କ୍ରାନ୍ତି ଡାକରା, ମୋଦୀଙ୍କର ସ୍ୱାଭିମାନ ଭାରତ ଆହ୍ୱାନ ଧୂଆଁବାଣରେ ପରିଣତ ହୋଇଛି । ଯୁଦ୍ଧରେ ମରିଥିବା ଶହୀଦଙ୍କ କଫିନ କିଣାରେ ଆମେ ଦୁର୍ନୀତି କରିଛୁ । ଆଜି ଖବରକାଗଜରେ କିଭଳି ଜଣେ ସରକାରୀ କର୍ମଚାରୀ ଭିଜିଲାନ୍‌ସ ହାତରୁ ରକ୍ଷାପାଇବା ପାଇଁ ବିଡା ବିଡା ଟଙ୍କା କୋଠା ଉପରୁ ଫିଙ୍ଗିଛନ୍ତି, ତାହା ସମସ୍ତେ ଦେଖିଛନ୍ତ । ଏହା ଜଣକ କଥା ନୁହେଁ, ଅଧିକାଂଶ ସରକାରୀବାବୁ ନିଧଡକରେ ଗରିବଙ୍କ ଅର୍ଥ ହଡପ କରି ଆମ ସ୍ୱଚ୍ଛ ଶାସନରେ କୋଟିପତି ପାଲଟୁଛନ୍ତି । ଅନ୍ୟାୟକୁ ନ୍ୟାୟର ରଙ୍ଗ ଦେଇ ନିଜ କାମକୁ ଯଥାର୍ଥ ବୋଲି ଦାବି କରିବା ଆମ ଦେଶରେ ମହାଭାରତ ଯୁଗରୁ ଚାଲି ଆସିଛି ।

ଆଗେ ସହର ମଝିରେ ମଦ ଦୋକାନ ଥିଲା । ମଦୁଆଙ୍କୁ କାଳେ କିଏ ଦେଖିଦେବ, ସେହି ଲାଜରେ ଲୁଚିଛପି ମଦ କିଣୁଥିଲେ । ଏବେ ସହରଠାରୁ ଦୂରରେ ନିକା-ଞ୍ଚନ ଜାଗାରେ ମଦ ଦୋକାନ ଖୋଲିଲା । ମଦୁଆ ନିଧଡକରେ ମଦ କିଣି ପାଖ ଜଙ୍ଗଲରେ ବିଛଣା ପାରି ଶୋଉଛନ୍ତି । ସାତଦିନ ଆଗରୁ କାଟୁନ କାଟୁନ ମଦ ଯାଇ ମହଜୁଦ ହେବ । ଆଇନ ତା' ବାଟରେ ଆଖି ବୁଜି ଯିବ । ଯିଏ ଆଇନକୁ ଫାଙ୍କିବାକୁ ଚାହିଁବ, ତାକୁ ଶହେ ଉପାୟ ମିଳିବ । ଏ ଦେଶରେ ନ୍ୟାୟ ବା ସତ୍ୟ ଖୋଜିବା, ମରୁର ମରୀଚିକା ଭଳି ।

ପୁଣି ଗୋଟାଏ ଗୁଣ୍ଡା ଆଇନ ଆସୁଛି । ଗୁଣ୍ଡାମାନେ ସାବାଡ ହେବେ । ଗୁଣ୍ଡା ତ' ନେତାମାନେ ପୋଷୁଛନ୍ତି । ତାଙ୍କ ହାତପାଣ୍ଠିରୁ ଏକ ବଡ ଅଂଶ ଗୁଣ୍ଡାଙ୍କୁ ଖାଦ୍ୟ ଯୋଗାଏ । କରୋନା ନିୟମକୁ ଯଦି କିଏ ଭାଙ୍ଗିଥାଏ, ତାହା ଆମର ନେତାମାନେ । ତଥାପି ସବୁଦିନ ରଡି, "ଅମାନିଆଙ୍କୁ ଧର ।" "ମନରେ ଆଶା ଧର । ବେଳେବେଳେ ଅସମ୍ଭବ ବି ଘଟିଥାଏ । ଆମ ଦେଶରେ ଯଦି ମଦ ବା ଗୁଣ୍ଡା ବିନା ନିର୍ବାଚନ ହେବ, ତାହା ସତରେ ସତ୍ୟ ଯୁଗ ଆସିଲା ଭଳି ହେବ ।"

"ସବୁବେଳେ ସୂତାରୁ ଖିଅ କାଢିବା ଆପଣଙ୍କ ଅଭ୍ୟାସ । କେତେ ଆଶାରେ ଆସିଥିଲି, ମନଟା ଉଣା କରିଦେଲ"-ଦଣ୍ଡଧାରୀବାବୁ କହିଲେ ।

"ଫଳେନ ପରିଚୟେତ ।"

"ଅପେକ୍ଷା କର, କ'ଣ ଆଗକୁ ଘଟୁଚି, ଯୁଗକୁ ଯୁଗ ଏହି ମତ, ନେତାଙ୍କ ମାୟା ପରକଟ"-ହାଇଟେକ ବାବା ଏହା କହି ଦଣ୍ଡଧାରୀଙ୍କୁ ବିଦାୟ ଦେଲେ ।

**ଡାଃ ସୁରେନ୍ଦ୍ରନାଥ ଦାଶ**, ଉମରକୋଟ, ନବରଙ୍ଗପୁର, ମୋ: ୯୪୩୭୨୩୫୩୮୬

## ଆଜିର ଅନୁଚିନ୍ତା

*ମହାଦେବ (ଶିବ)ଙ୍କ ଭଳି ତ୍ୟାଗୀ ହୁଅ ।*

*ପାଠକୀୟ ମତାମତ ଓ ପରାମର୍ଶ 'ପର୍ଯ୍ୟବେକ୍ଷକ' ସମ୍ପାଦକଙ୍କ ପାଇଁ ବେଶ୍ ମହତ୍ତ୍ୱପୂର୍ଣ୍ଣ । ତା' ବ୍ୟତୀତ ଆପଣଙ୍କ ଅଞ୍ଚଳର ବିକାଶ କ୍ଷେତ୍ରରେ ଥିବା ସମସ୍ୟା, ଆପଣମାନଙ୍କ ଅଭିଯୋଗ, ଆଶଙ୍କା ଓ ଉଦ୍‌ବେଗ ଆଦି ବିଷୟରେ ଜାଣିବାକୁ ଆମେ ଉଦ୍‌ଗ୍ରୀବ । ଇ-ମେଲ୍ କିମ୍ବା ଫାକ୍ସ ଜରିଆରେ ଆପଣମାନେ ସିଧାସଳଖ ସମ୍ପାଦକଙ୍କ ସହ ଯୋଗାଯୋଗ କରିପାରିବେ ।*

**E-mail: editorpbkc@gmail.com**
**9853400829 (M), Fax: 0674-2550504**

# ଆନ୍ଦୋଳନ ଚାଲୁରଖ !

...............ମାୟାଧର ନାୟକ...............



ସମ୍ବାଦପତ୍ର ପୃଷ୍ଠା ଖୋଲିଲେ କି ଟିଭି ଦେଖିଲେ ସଭାସମିତି, ଘେରାଉ, ଆନ୍ଦୋଳନ, ବିକ୍ଷୋଭ ପଢୁପଢୁ ଦେଖୁଦେଖୁ ଦଫା ଶେଷ । ୟା-ବାଦେ ପୁଣି ସେକ୍ସ, ରେପ୍, ମର୍ଡର, ଚୋରୀ, ଡକାୟତୀ, ରାହାଜାନୀ, ଅପହରଣ, ଘୋଟେଲା, ଖେଳ, ବ୍ୟବସାୟ, ସିନେମା, କଳା, ସଂସ୍କୃତି ସମ୍ବାଦ ଅଛି । କିନ୍ତୁ ଅସଲୀ ସମ୍ବାଦ ଦୃଶ୍ୟମାନ ହୁଏନା, ଚାଷୀ ଶ୍ରମିକ, ମୂଲିଆ ଗାଁଗଣ୍ଡାର ଅପନ୍ତରାରେ ରହୁଥିବା – ଜୀବନ ବଂଚାଇବା ପାଇଁ ସଂଗ୍ରାମ କରୁଥିବା ଅଗଣିତ ଜନଗଣଙ୍କ କଥା । କାଁ ଭାଁ ଉପରଠାଉରିଆ ଭାବରେ କଦବା କେଉଁଠି ଖୁଚୁରା ଖବର ହୋଇ ପ୍ରକାଶିତ ହୋଇଥାଏ ।

ଯେଉଁମାନେ ପେଟକୁ ଦାନା ଦେଲେ, ଦେହକୁ କନା ଦେଲେ, ସେମାନେ ଅଦୃଶ୍ୟରେ ଆଉ ଯେଉଁମାନେ ଦାନାକନା ଛଡେଇ ନେଲେ ସେମାନେ ଦୃଶ୍ୟମାନ । ଯୁଗ ଆରମ୍ଭରୁ ପ୍ରତିବାଦ-ପ୍ରତିରୋଧ, ପ୍ରତିକାର ବିଭିନ୍ନ ଉପାୟରେ ଚାଲିଛି- ଯୁଗ ବଦଳିବା ସଂଗେସଂଗେ ତରିକା ମଧ୍ୟ ବଦଳିଯାଉଛି । ପୂର୍ବରୁ ଯେଉଁ ଅସଲି ତରିକା ଥିଲା ଏବେ ସବୁ ନକଲି ତରିକାରେ ରୂପାନ୍ତରିତ କେବେଠୁ ହୋଇସାରିଲାଣି ।

ମୋର ଦୀର୍ଘବର୍ଷର ସ୍ମୃତି ମନେପଡୁଛି । ସୁକିନ୍ଦା, ଭୁବନେଶ୍ୱର, ସାରା ଓଡିଶା, ଦିଲ୍ଲୀରେ ସଭାସମିତି ବିକ୍ଷୋଭ, ଧାରଣା, ଶୋଭାଯାତ୍ରା, ଘେରାଉ କଲାବେଳେ ଦର୍ଶକ କିମ୍ବା ବିକ୍ଷୋଭ-ପ୍ରଦର୍ଶନକାରୀମାନେ ଆନ୍ତରିକ ଭାବେ ସବୁ କରୁଥିଲେ । ଅଧିକାଂଶ ନେତା ଯେଉଁମାନେ ଏସବୁ ପରିଚାଳନା କରୁଥିଲେ-ସେମାନଙ୍କ ଆଚାର ବ୍ୟବହାର ଉଚ୍ଚାରଣରେ କିଛିଟା ସତ୍ୟ ଥିଲା । ସେତେବେଳେ ବି ବହୁନେତା ଯାହା କୁହନ୍ତି ଓଲଟା କାମ କରନ୍ତି ।

ସେତେବେଳେ ଆଜିକାଭଳି ଏତେ ବହୁମୁଖୀ ଗଣମାଧ୍ୟମ ନଥିଲା । ହାତଗଣତି ସମ୍ବାଦପତ୍ର, ନ୍ୟାସ୍‌ନାଲ ଦୂରଦର୍ଶନ ପ୍ରମୁଖରେ ସମ୍ବାଦ ଫଟୋ ପ୍ରକାଶିତ ହେଲେ ସମଗ୍ର ଦେଶରେ ଦୃଶ୍ୟମାନ ହେଉଥିଲା ଏବଂ ଲୋକ ଜାଣୁଥିଲେ । ଆଜି କିନ୍ତୁ ସବୁ ଓଲଟପାଲଟ ହୋଇଯାଇଛି । ଦେଶୀୟ ଓ ରାଜ୍ୟସ୍ତରୀୟ ସମ୍ବାଦପତ୍ର ହାଉଜାଉ; ଅଥଚ ଗୋଟିଏ ଅଂଚଳର ଖବର ଅନ୍ୟ ଅଂଚଳ ଲୋକ ଜାଣିପାରୁନାହାନ୍ତି ।

ଉଦାହରଣସ୍ୱରୂପ-ଓଡିଶାରେ ସମାଜ, ପ୍ରଜାତନ୍ତ୍ର, ମାତୃଭୂମି, ଆଶା ପ୍ରମୁଖ ସମ୍ବାଦପତ୍ରଗୁଡିକର ସଂଧ୍ୟାରେ ଗୋଟିଏ ସଂସ୍କରଣ ପ୍ରକାଶ ପାଇବା ଦ୍ୱାରା ସାରା ଓଡିଶାର ଲୋକମାନେ ସକାଳୁ ରାଜ୍ୟର ବିଭିନ୍ନ କୋଣଅନୁକୋଣର ସମ୍ବାଦ ପାଇପାରୁ ନ ଥିଲେ । ଏବେ ପାଖାପାଖି ୪୧ଟି ଦୈନିକ, ୪୦ଟି ସାପ୍ତାହିକ, ପାକ୍ଷିକ ଓ ଅସଂଖ୍ୟ ମାସିକ, ତ୍ରୟୋମାସିକ, ବାର୍ଷିକ ସମ୍ବାଦପତ୍ର ପତ୍ରିକା ଏବଂ ଇଂରାଜୀ, ହିନ୍ଦୀ ସମ୍ବାଦପତ୍ର ସଂଖ୍ୟା ମଧ୍ୟ କମ୍ ନୁହେଁ । ଜାତୀୟ ସମ୍ବାଦପତ୍ରର କିଛି ସଂସ୍କରଣ ମଧ୍ୟ ଓଡିଶାରୁ ପ୍ରକାଶ ପାଉଛି । ବହୁ ଟିଭି ଚାନେଲ୍ ରାତିଦିନ ୨୪ ଘଂଟା ଚାଲିଛି । ଲୋକେ କ'ଣ ଦେଖିବେ କ'ଣ ପଢିବେ- ବଡ ଦ୍ୱନ୍ଦ୍ୱରେ ପଡିଯାଇଛନ୍ତି ।

ଖବର ଅଖବର, ରେପମର୍ଡର, ଖେଳ, ସିରିଏଲ୍, ସିନେମା ଏତେମାତ୍ରାରେ ଟିଭି, ସମ୍ବାଦପତ୍ରରେ ପ୍ରକାଶ ପାଉଛି- ଜଣେ ସବୁ ପଢିଦେଖି ପାରିବ ନାହିଁ । ପୁଣି ଟିଭି ଖବରକାଗଜରେ ବିଜ୍ଞାପନ ଭର୍ତି ହୋଇଯାଉଛି । ସବୁ ଗଣମାଧ୍ୟମ ବ୍ୟବସାୟରେ ମାତିଛନ୍ତି । ଯଦି ଏତେ ଟିଭି, ସମ୍ବାଦପତ୍ର ନଥା'ନ୍ତା ତା'ହେଲେ ଆନ୍ଦୋଳନ ବିକ୍ଷୋଭ, ଶୋଭାଯାତ୍ରା, ସଭାସମିତି ସଂଖ୍ୟା ମଧ୍ୟ କମିଯାଆନ୍ତା । କାରଣ ଲକ୍ଷ୍ୟ ଉଦ୍ଦେଶ୍ୟ ଯାହାହେଉନା କାହିଁକି- ନେତାନେତ୍ରୀ ଓ ଲୋକମାନେ ଦୂରଦର୍ଶନରେ ଦୃଶ୍ୟ ହେଲେ, ସମ୍ବାଦପତ୍ରରେ ଫଟୋ ବାହାରିଲେ କୃତକୃତ୍ୟ ହୋଇଯାଆନ୍ତି । ସେଣିକି ଦାବୀ ପୂରଣ ହେଲା କେତେ ନ ହେଲା କେତେ ?

ବେଳେବେଳେ ବିରାଟ ବିରାଟ ବିକ୍ଷୋଭ, ଧାରଣା, ଶୋଭାଯାତ୍ରା ନେତୃତ୍ୱବିହୀନ ହୋଇଥାଏ । 'ହରିବୋଲିଆ' ଭଳି ଜନତା ମାତିଯାଆନ୍ତି । ନିଜ ଦାବୀ ସଂପର୍କରେ ମଧ୍ୟ ସଂପୂର୍ଣ୍ଣ ସଚେତନ ନଥାଆନ୍ତି । ଦଳେ ନେତା ଅଛନ୍ତି- ନିଜେ କରିପାରିବେ ନାହିଁ କି କାହାରିକୁ ପୂରାଇ ଦେବେନି । ଅଧିକାଂଶ ସମୟରେ ନେତାଙ୍କ ମଧ୍ୟରେ ତାଳମେଳ ରହେନା । ଏପରିକି ଜାତୀୟ ନେତାଙ୍କ ସହ ଫଟୋ ଉଠାଇବା ପାଇଁ ମୁଥା ମରାମରି ହୁଅନ୍ତି । ଫଟୋ ପାଇଁ ମୁଥା ମରାମରି ନହୋଇ ଦାୟିତ୍ୱ ନେବାପାଇଁ ମୁଥା ମରାମରି ହୁଅନ୍ତେ କି- ତା'ହେଲେ ଲୋକଙ୍କର ମଙ୍ଗଳ ହୁଅନ୍ତା ।

ଆନ୍ଦୋଳନରେ ନାଟକବାଜି ବେଶୀ । ଆନ୍ଦୋଳନ ମେଳା ଯେତେବେଳେ ଆରମ୍ଭ ହୁଏ, ବିଶେଷକରି ଶୀତଋତୁରେ ବର୍ଷସାରା ସାଇତି ରଖିଥିବା ଶାଲ, ସୁଇଟର, କୋର୍ଟ ନେହୁରୁ ଜ୍ୟାକେଟ୍, ଅନ୍ୟାନ୍ୟ ହରରଙ୍ଗୀ ଶୀତପୋଷାକ ପିନ୍ଧି ଓଡିଶାର ଗାଁଗଣ୍ଡାରୁ ବହୁ ଆନ୍ଦୋଳନକାରୀ ଏବଂ ଅଣଆନ୍ଦୋଳନକାରୀ ରାଜଧାନୀକୁ ଛୁଟିଆସନ୍ତି । ଆଜିକାଲି ଫ୍ଲେକ୍ସ ମିଟର ୮ ଟଙ୍କାରୁ ୧୦ ଟଙ୍କା ହୋଇଥିବାବେଳେ ଶସ୍ତାରେ ବ୍ୟାନର ଆଣି ଶୋଭାଯାତ୍ରାର ଅଗ୍ରଭାଗରେ ନେତାମାନେ ଧରିଚାଲନ୍ତି । ଟିଭି, ଫଟୋ ସାମ୍ବାଦିକ ଆସିଗଲେ, ପ୍ରାୟ ବହୁଳାଂଶଙ୍କ ସ୍ଲୋଗାନ୍, ଖୁବ୍ ଜୋରରେ ଶୁଣାଯାଏ । ପୋଷାକପତ୍ର ମୁଣ୍ଡବାଳ ଟିକେ ସଜାଡିନିଅନ୍ତି ।

ଏଇ କେତେବର୍ଷ ହେଲା, ବିଶେଷକରି ଶିକ୍ଷୟିତ୍ରୀମାନେ ଆନ୍ଦୋଳନକୁ ଓହ୍ଲାଇଲେ, ସେଦିନ ଯଦି ମାଣବସା ଶେଷ ଗୁରୁବାର ହୋଇଥାଏ, ତା'ହେଲେ ଲୋଏର୍ ପି.ଏମ୍.ଜି. ରାସ୍ତା ମଝିରେ ଲକ୍ଷ୍ମୀ ଠାକୁରାଣୀ ପୂଜା ଆରମ୍ଭ ହୋଇଥାଏ । ସେ ଫଟୋ ସମ୍ବାଦପତ୍ର ଓ ଟେଲିଭିଜନରେ ଦେଖାଯାଏ । ଅଧିକାଂଶ ପାଠକ, ଦର୍ଶକ ମୁରକି ହସନ୍ତି । ଏହାଦ୍ୱାରା ବାସ୍ତବ ଦାବୀପ୍ରତି ଯେଉଁ ଅଙ୍ଗୀକାର ରହିବା କଥା, ତା' ରହେନି । ଆନ୍ଦୋଳନ ପରିହାସରେ ପରିଣତ ହୁଏ ।

ଏହି ଲେଖକ ଆନ୍ଦୋଳନ ସଂପର୍କରେ ଅନେକ କିମ୍ଭୂତକିମାକର ଘଟଣା ଦେଖିଛି । ୧୯୭୧ ମସିହାରେ ସଦ୍ୟ ପାକିସ୍ଥାନ-ପୂର୍ବ ପାକିସ୍ଥାନରେ ଭୟଙ୍କର ଗୃହଯୁଦ୍ଧ ଅବସାନର ୭ଦିନ ପରେ ନୂତନ ବଙ୍ଗଳାଦେଶକୁ ଜଣେ ସାମ୍ବାଦିକ ଭାବେ ଯାଇଛି । ଢାକାର ବିରାଟ ମଇଦାନରେ ବିଜୟୋତ୍ସବ ପାଳିତ ହେଉଥାଏ । ଜଣେ ଛାତ୍ରନେତା ନାଟକୀୟ ଢଙ୍ଗରେ ଭାଷଣ ଦେବାବେଳେ ଘନଘନ କରତାଳି ଶବ୍ଦରେ ସଭାସ୍ଥଳ ଫାଟି ପଡୁଥିଲା । ସେହି ନେତା ସଭାମଂଚ ତଳକୁ ଆସି ଗଦ୍‌ଗଦ୍ ହୋଇ ସାମ୍ବାଦିକମାନଙ୍କ ନିଜ ବାହାଦୂରୀ ବଖାଣିଲେ । ଏଇଭଳି ଅଧିକାଂଶ ନେତା ନାଟକୀୟ ଭଙ୍ଗିମାରେ ଭାଷଣ ଦେଇ ଶ୍ରୋତାଙ୍କଠାରୁ କରତାଳି, ହସ ସିନା ସଂଗ୍ରହ କରନ୍ତି, କିନ୍ତୁ ମଞ୍ଜ କଥା କହିପାରନ୍ତିନି । ଏହାଦ୍ୱାରା କିଛି ଲାଭ ହୁଏନା ।

ଏଇ ଓଡିଶାର ରାଜଧାନୀରେ ବହୁବର୍ଷ ଧରି ଯେତେବେଳେ ଶିକ୍ଷକ ମହାସଂଘର ରାଲି ହୁଏ, ଓଡିଶାର କୋଣଅନୁକୋଣୁ ପାଖାପାଖି ୨୫ ହଜାରରୁ ୩୦ ହଜାର ଶିକ୍ଷକ, ଶିକ୍ଷୟିତ୍ରୀ ଆସନ୍ତି । ଶୃଙ୍ଖଳିତଭାବେ ଦୁଇଧାଡିରେ ଚାଲନ୍ତି । ସର୍ବାଗ୍ରେ ମଧ୍ୟ ବ୍ୟାନର ଧରି ଦୁଇଜଣ ଚାଲନ୍ତି । ଅବଶ୍ୟ ଧାଡି ସରେନା । ଫଟୋ ସମ୍ବାଦପତ୍ରରେ କେବଳ ଆଗଧାଡିରୁ କିଛି ଅଂଶ ଦେଖାଯାଏ; ଟେଲିଭିଜନରେ ମଧ୍ୟ ବେଶୀ ଭିଡ ଦେଖାଯାଏନା ।

ସବୁବେଳେ କିଛିନା କିଛି ନୂଆ ଧାରା ସୃଷ୍ଟି କରିବାର ଇଚ୍ଛାଯୋଗୁ ଥରେ ରାଜଧାନୀରେ ଗଣଅଭିଯାନ ଓଡିଶାର ଏକ ରାଲିରେ ୫ ହଜାର ଆନ୍ଦୋଳନକାରୀ ଯୋଗଦେଇଥିଲେ । ପ୍ରଥମେ ପାଖାପାଖି ୫ ଶହ ଆଗରେ ପୂରାରାସ୍ତା ଜାମ୍ କରି ବିରାଟ ବ୍ୟାନର ଗୋଡଠାରୁ ପେଟପର୍ଯ୍ୟନ୍ତ ଧରି ଶୋଭାଯାତ୍ରା କଲୁ । ସମ୍ବାଦପତ୍ରରେ ଫଟୋ ବିରାଟ ଆକାରରେ ଆସିଲା । ଟେଲିଭିଜନ ମଧ୍ୟ ୫ ହଜାରରୁ ୨୫ ହଜାର ଭଳି ଲୋକ ଦେଖାଇଦେଲେ ।

ଆଉଥରେ ଏଇ ଲେଖକ ନେତୃତ୍ୱରେ ପାଖାପାଖି ୫୦ଜଣ ଗଣଅଭିଯାନ କର୍ମୀନେତା ରାଜଧାନୀରେ ସଂଗ୍ରାମୀ ପାଣ୍ଠି ସଂଗ୍ରହ ପାଇଁ ଘରଘର ବୁଲିଲେ । ୨ ଦିନ ବୁଲିଲା ପରେ ଆଦାୟ କମ୍ ଖର୍ଚ୍ଚ ଅଧିକ ହେବାରୁ କାର୍ଯ୍ୟକ୍ରମ ବାତିଲ କରାଯିବା ପାଇଁ ନିଷ୍ପତି ନିଆଗଲା । ସେଇ ରାତିରେ ଖବର ପ୍ରକାଶ ପାଇଲା ନାଲ୍‌କୋ ପୁଞ୍ଜି ପ୍ରତ୍ୟାହାର ପାଇଁ କେନ୍ଦ୍ର ସରକାର ମସୁଧା କରୁଛନ୍ତି । ରାତିରାତି ଭୁବନେଶ୍ୱର ନାଲ୍‌କୋ ହେଡଅଫିସ୍ ସମ୍ମୁଖରେ ଧାରଣା ଦେବାକୁ ସ୍ଥିରକରି କିଛି ଧଳାକନା ଅଣାଯାଇ ବିଭିନ୍ନ ସ୍ଲୋଗାନ୍ ଲେଖି ମୁଣ୍ଡରେ ଗଳାଇ ଛାତିରେ ପିଠିରେ କର୍ମୀମାନେ ପିନ୍ଧି ସ୍ଲୋଗାନ୍ ଦେଲେ । ସେଦିନ ସଂଗେସଂଗେ ଜାତୀୟ ଟେଲିଭିଜନ୍ ଓ ଜାତୀୟ ସମ୍ବାଦପତ୍ରଠାରୁ ଆରମ୍ଭ କରି ଆଂଚଳିକ ଗଣମାଧ୍ୟମ ଏହି ଅଭିନବ ପ୍ରଦର୍ଶନକୁ ବ୍ୟାପକ ପ୍ରଚାର କଲେ ।

କଥାରେ ଅଛି-ଦେଖା ଶିଖା ଓଡିଶା । ବିଭିନ୍ନ ଦଳ ସଂଗଠନମାନେ ଏଭଳି ଅଭିନବ ଶୋଭାଯାତ୍ରା, ଧାରଣା, ବିକ୍ଷୋଭ ଦେଖି ନିଜର ସଂଗଠନମାନଙ୍କରେ ତାହାକୁ ଅନୁକରଣ କରିବାରେ ଲାଗିଲେ, ଯାହା ଆଜିଯାଏ ବି ଚାଲିଛି । ଏବେ ସଭାସମିତି, ଧାରଣା ବିକ୍ଷୋଭ ଶୋଭାଯାତ୍ରା ଏପରିକି ଘେରାଉ, ମାରପିଟ, ଗଣ୍ଡଗୋଳ ବହୁ ସ୍ଥାନରେ ହେଉଛି । ଲୋକେ ଏସବୁରେ ଭାଗନେଉଛନ୍ତି; କିନ୍ତୁ ଉଦ୍ଦେଶ୍ୟ-ଆଶା-ଆକାଂକ୍ଷା ଲକ୍ଷ୍ୟ ପୂରଣ ହେଉନି । ଆନ୍ଦୋଳନକାରୀଙ୍କ ଅପେକ୍ଷା ଆନ୍ଦୋଳନବିରୋଧୀ ଶକ୍ତି କୌଶଳରେ ଦମନ କରିଦେଉଛି । ତା'ସତ୍ତ୍ୱେ ଜନଗଣଙ୍କ ସହଯୋଗ ଯେତେ ବଢିବ- ସେତେ ଶିକ୍ଷା ପାଇବେ, ସଚେତନ ହେବେ । ଥରେ ଗରିଷ୍ଠ ସଂଖ୍ୟାରେ ଲୋକ ସଚେତନ ହୋଇଗଲେ ଜନବିରୋଧୀ ଶକ୍ତି ସାବାଡ ହୋଇଯିବେ । ଯଦିଓ ବର୍ତମାନ ସର୍ବଗୁଣସଂପନ୍ନ ପରୀକ୍ଷିତ ନେତା ମିଳୁନାହାଁନ୍ତି; ଆନ୍ଦୋଳନ ଲଗାତର ଲାଗିରହିଲେ, ଦମନକୁ ମୁକାବିଲା କରୁକରୁ ନୂଆ ନେତାଙ୍କର ଆବିର୍ଭାବ ହେବ । ଯେଉଁଠି ବିପର୍ଯ୍ୟୟ ସେଇଠି ଜୟଜୟ । ଏ ହେଉଛି ଇତିହାସର ନିୟମ । ତେଣୁ ଧୈର୍ଯ୍ୟ ଧରି ଶେଷପର୍ଯ୍ୟନ୍ତ ଆନ୍ଦୋଳନ ଚାଲୁରଖ !

*-ଯାଜପୁର ରୋଡ, ଯାଜପୁର*
*ମୋ: ୯୮୬୧୦୩୪୧୬୩*

# ଛଦ୍ମନାମ

## ଆଚରଣ ଓ ଉଚ୍ଚାରଣ

•••ଦାସେ•••

ଏବେ କୌଣସି ଏକ ସଭାକୁ ସମାଲୋଚନା କରି ଜଣେ କେହି ଲେଖାଟିଏ ଲେଖିଲେ । ସେ ଲେଖାଟିରେ ଅବଶ୍ୟ ଯେଉଁମାନଙ୍କୁ ସମାଲୋଚନା କରାଯାଇଥିଲା, ସେମାନେ କେହି ସୌଭାଗ୍ୟବଶତଃ ସେହି ଲେଖାଟିକୁ ପଢି ନ ଥିଲେ, ଯେହେତୁ ସେମାନେ ବଡ ପଢିଲାବାଲା ! ତଥାପି କିଛି ଭୁଟୁଭୁଟୁରିଆଙ୍କ ଯୋଗୁ କଥାଟା ଚାରିଆଡେ ଆଲୋଚିତ ହେଲା । ଏକଥାର କିଛି ଟେର ପାଇ ଏ ଅଧମ ଜଣକ ଅନ୍ୟ ଜଣକ ସହ ଆଲୋଚନା କଲା । ଆଲୋଚନାରୁ ଜାଣିଲି ଯେ ଯିଏ ଲେଖିଛି, ସେ ଛଦ୍ମନାମରେ ଲେଖୁଛି । ଲେଖା ସମାଲୋଚନାମୂଳକ । ମାଡ ଖାଇବାର ଡର ବୋଧେ ଛଦ୍ମନାମରେ ଲେଖାଉଛି କିମ୍ବା ସେମାନଙ୍କ ସାଙ୍ଗରେ ରହି ଯେଉଁ କାମଟିକୁ ସୂଚେଇ ଦିଆଯାଇ ନ ପାରୁଛି, ତାହାକୁ ଏମିତି ଲେଖାସ୍ତ୍ର ମାଧ୍ୟମରେ ପ୍ରକାଶ କରୁଛି ସଂଶୋଧିତ ହେବାର ଆଶା ନେଇ ।

ଆଲୋଚନା କରୁଥିବା ବାବୁ ଜଣକ କହିଲେ, 'ସତ୍‌ସାହସ ନାହିଁ ପରିଚୟ ଦେବାକୁ ଛଦ୍ମନାମରେ ଲେଖିଲେ ମୂଲ୍ୟ କ'ଣ ?' ସଙ୍ଗେ ସଙ୍ଗେ କହିଲି, 'ତମର ନାମ ଅଛି, ତମେ ନାମ ଦେଇକି ଲେଖୁଛ ! ତା'ର ଇଚ୍ଛା ହେଲାନି ସେ ଲେଖିଲାନି । ସେ ଯାହା ଛଦ୍ମନାମରେ ଲେଖିଲା ତମେ ତାକୁ ନାମ ଦେଇକି ଲେଖୁନା ? ଲେଖିପାରିବନି, କାରଣ ବାଡି ଭାଙ୍ଗିବନି କି ସାପ ମରିବନି ନ୍ୟାୟରେ ଆମେ କଲମଚାଳନା କରୁଛୁ । ଲେଖାଲେଖି କରିବା ଗୋଟିଏ କଳା । ଆଉ ସମାଲୋଚନା କରି ଲେଖିବା ମୋ' ମତରେ ଭାରି ସାଂଘାତିକ ମାଡୁଆ କଳା । ଆକ୍ଷେପିତ ଚରିତ୍ରଙ୍କ ପ୍ରଶ୍ନବାଣ ସହିବା କେତେ ଯେ କଠିନ, ତାହା କେବଳ ସମାଲୋଚନା କରି ଲେଖୁଥିବା ସମାଲୋଚନାକାରୀ ଜାଣେ ।' ଏ ଅଧମ ସେ ବାବୁଙ୍କ ଜନୈକ ଛଦ୍ମନାମରେ ଲେଖୁଥିବା ଲେଖକଙ୍କର ଜଣେ ସଂପାଦକଙ୍କ ସହ ପାଟିତୁଣ୍ଡ ହେବାର କଥା କହିଲା । ସେ ସମ୍ପାଦକ ସେ ଛଦ୍ମନାମଧାରୀଙ୍କୁ କହିଲେ, 'ତୁମର ତ ସତ୍‌ସାହସ ନାହିଁ ନାମ ଦେଇ ଲେଖିବାକୁ, ତମେ ଲେଖିବ କ'ଣ ? ତମେ ତ ସମାଲୋଚିତ ହେବାକୁ ପସନ୍ଦ କରୁନା, ସମାଲୋଚନା କରିବ କ'ଣ ?' ଏହା ଶୁଣି ମୋ' ସହ ଥିବା ଆଲୋଚକ ମୋତେ କହିଲେ, 'ମୋ ମତ ସହ ଏହା ମେଳ ଖାଉନାହିଁ କି ?' ସଙ୍ଗେ ସଙ୍ଗେ କହିଲି, 'ସେ ଛଦ୍ମନାମଧାରୀ କି ଉତ୍ତର ଦେଲେ ଜାଣିଛ ?' ସେ କହିଲେ, 'ଲୋକେ ମୋ ନାମ ଜାଣନ୍ତୁ କି ନଜାଣନ୍ତୁ, ଆପଣ ତ ମୋ ନାଁ ଜାଣିଛନ୍ତି । ମୁଁ ଛଦ୍ମନାମୀ ହେଲି କେମିତି ? ଦ୍ୱିତୀୟ କଥା ହେଲା, ପାଖରେ ରହିଲେ, ମିଶିଲେ ସବୁ ନୈକଟ୍ୟର ନିଷ୍ଠୁରତା ଅନୁଭବ କରିହେବ ଏବଂ ତାହାକୁ ପ୍ରକାଶ କରିହେବ ଛଦ୍ମନାମରେ ସେଥିରୁ ନିସ୍ତାର ପାଇବା ପାଇଁ । ଦୂରରୁ ଯାହା ସୁନ୍ଦର ଦିଶେ, ତାହା ପାଖରୁ କେତେ କଦର୍ଯ୍ୟ, ତାହା କେବଳ ଅନୁଭବୀ ହିଁ ଜାଣେ । ଭାଷକ ହୋଇ ତାଳିମାଡ ଶୁଣିବା ଅପେକ୍ଷା ଶ୍ରୋତା ହୋଇ ନିନ୍ଦା କରିବା ଶତଗୁଣେ ଶ୍ରେୟସ୍କର, କାରଣ ଏବେ ସମସ୍ତେ ପ୍ରଶଂସାର ବଚସ୍କର । ଅସଲ କଥା ହେଲା, ସାମାନ୍ୟତମ ପ୍ରତିକ୍ରିୟାଶୀଳ ଯେ କେହି ବି ହେଲେ ଏହି ତଥାକଥିତ କ୍ରିୟାଶୀଳମାନେ ସେ କଥାକୁ ସହଜରେ ଗ୍ରହଣ କରିପାରନ୍ତି ନାହିଁ । ସତେ ଯେପରି ଦୁନିଆର ସମସ୍ତ କଥାକୁ ହଜମ କରିବାର ପଟା ପାଉତି ଏମାନେ କରି ନେଇଛନ୍ତି ଅବା ବଟିକା ଧରି ହଜମେଇବାକୁ ହଜମ କରିଛନ୍ତି ! ଆଉ ସବୁଠୁ ବଡ କଥା ହେଲା, ଯଦି କିଏ ସେମାନଙ୍କୁ ସମାଲୋଚନା କଲା ନାମ ନେଇ ଅବା ଛଦ୍ମନାମ ନେଇ, ତେବେ ଏମାନେ କେତେ ସୁନ୍ଦର ଉପଦେଶ, ମନଗଢା କାହାଣୀ ବା ପରୀ କାହାଣୀ ଶୁଣାଇ ସମାଲୋଚନାରୁ ନିବୃତ୍ତ ରହିବା ପାଇଁ ପ୍ରବର୍ତ୍ତାନ୍ତି ।'

କହିସାରି ପଚାରିଲି, 'ଉତ୍ତର କେମିତି ଲାଗିଲା ?' ଆଲୋଚକ କହିଲେ, 'ସେ ସମ୍ପାଦକ କ'ଣ କହିଲେ ?' କହିଲି, "ସମ୍ପାଦକ ନୀରବି ଗଲେ ।" ଆଲୋଚକ କହିଲେ, 'ଯଦିଓ ସେ ଛଦ୍ମନାମଧାରୀ ଭଲ କଥା କହିଲେ, ତଥାପି ଅନୁଷ୍ଠାନ ଗୋଟିଏ ବଢେଇବା କେତେ କଷ୍ଟ, ସେ ଛଦ୍ମନାମଧାରୀ ଜାଣିପାରିବେ ନାହିଁ । ଅନୁଷ୍ଠାନଟିଏ ହେଉ ସବୁ ଚାଲୁ ।'

ଏତେ ସବୁ କଥାରୁ ଏକଥା ସ୍ପଷ୍ଟ ଯେ ସମାଲୋଚନା ସଦାସର୍ବଦା ଏକ ଭୟଙ୍କର ବ୍ୟାପାର । ଆଉ ସମାଲୋଚନା ବ୍ୟାପାରୀ ନିଶ୍ଚିତ ଭାବରେ ସମାଲୋଚନାର ଶରବ୍ୟ ହେବ । ମଶାଣିରେ ଘର କରି ଡାହାଣୀକୁ ଡରିବା ଯାହା, ନଈରେ ଘର କରି କୁମ୍ଭୀରକୁ ଡରିବା ମଧ୍ୟ ଏକେଇ କଥା ଯେମିତି ସମାଲୋଚନା କରି ଲେଖିଲେ ସମାଲୋଚିତକୁ ! ଦାରିଦ୍ର୍ୟ ଯେପରି ଅଭିଶାପ, ସମାଲୋଚନାକାରୀ ମାନେ ମଧ୍ୟ ଏଠି ଅଭିଶପ୍ତ, ନାମ ନେଇ ଅବା ଛଦ୍ମନାମ ନେଇ ! ନା, କ'ଣ କହୁଛନ୍ତି ଆଜ୍ଞା ?

# ପରତେ ନଯିବ ଖାଲି ମତରେ

ସୌମେନ୍ଦ୍ର ଜେନା



ନୂଆବର୍ଷ ଅବସରରେ ୧ ଜାନୁଆରୀ ଦିନ ଚୀନର ଜାଲି ମୁଖପତ୍ର ଗ୍ଲୋବାଲ ଟାଇମ୍ସରେ ଯେଉଁ ଡୁପ୍ଲିକେଟ୍ ପ୍ଲାନ୍ ହୋଇଥିଲା ତାହା ଏବେ ଧରାପଡିଯାଇଛି । ଗଲଓ୍ୱାନ ଉପତ୍ୟକାରେ ନିଜ ସେନାଙ୍କ ସଶକ୍ତ ଉପସ୍ଥିତି ପ୍ରଦର୍ଶିତ କରିବାକୁ ଚୀନ ପକ୍ଷରୁ ଯେଉଁ ଭିଡିଓ ପ୍ରଦର୍ଶିତ ହୋଇଥିଲା, ତାହା ଚୀନର କଳାକାରଙ୍କୁ ନେଇ ସୁଟିଂ କରାଯାଇଥିଲା ଏବଂ ସ୍ଥାନଟି ମଧ୍ୟ ବହୁ ପଛରେ ରହିଥିଲା ।

ଏହି ଭିଡିଓ ପ୍ରକାଶ ପାଇଲାପରେ ଭାରତରେ ଥିବା ଋଇନା ଲବି ବହୁତ ନାଚକୁଦ କଲେ । ଗ୍ଲୋବାଲ ଟାଇମ୍ସର କୁଣ୍ଡିଆ ପାଇଁ ଭାରତ ସରକାରଙ୍କଠାରୁ ମଲମ ଋହିଁଲେ । ହେଲେ ଶେଷରେ ଡୁପ୍ଲିକେଟ ମାଷ୍ଟରକୁ ଡୁପ୍ଲିକେଟ ପିଲା, ସବୁକିଛି ଧରା ପଡିଗଲେ । କଥା ହେଲା, ଚୀନ ସେନା ନିଜର ଲଢୁଆପଣ ବଦଳରେ ଡ୍ରିଲ ଦୃଶ୍ୟ ଦେଖାଇବାକୁ ରିଲଲୋକଙ୍କୁ ନେଇ ଭିଡିଓ ସୁଟିଂ କରିଥିଲା ଯାହାକୁ ଖୋଦ୍ ଚୀନର ଲୋକେ ଏବେ ଲଙ୍ଗଳା କରିଛନ୍ତି । ଚୀନର ଇଣ୍ଟରନେଟ ଓ୍ୱେଇବୋର ବ୍ୟବହାରକାରୀ-ମାନେ ଚୀନା ସାମ୍ବାଦିକ ସେନ୍ ସିଓ୍ୱେଇ ଏବଂ ଗ୍ଲୋବାଲ ଟାଇମ୍ସ ଦ୍ୱାରା ପ୍ରସାରିତ ସେହି ଭିଡିଓରେ ଚୀନା କଳାକାର ୟୁ ଜୁଙ୍ଗ ଏବଂ ତାଙ୍କ ପତ୍ନୀ ଜି ନାନ୍ ରହିଥିବା ପ୍ରମାଣ ଦେଇଛନ୍ତି ।

ଋରି ଘଣ୍ଟା ଧରି ଋଲିଥିବା ଉକ୍ତ ଭିଡିଓଟିର ସୁଟିଂ କାର୍ଯ୍ୟ ଗଲଓ୍ୱାନ ନଦୀଠାରୁ ୨୮କି.ମି ପଛକୁ ଚୀନ ଅଧିକୃତ ଅକ୍‌ସାଇ ଚୀନ ଅଞ୍ଚଳରେ କରାଯାଇଥିଲା । ୟୁ ଜୁଙ୍ଗ ଅନେକ ଚୀନା ସିନେମାରେ ପିଏଲ୍‌ଏ ଯବାନଭାବେ ଅଭିନୟ କରିଛନ୍ତି । ତାଙ୍କ ଅଭିନୀତ "ଦି ବାଟଲ ଆଟ ଲେକ୍ ଋଙ୍ଗନିଜ୍" ସେଥିରୁ ଅନ୍ୟତମ, ଯାହାର ନିର୍ମାଣ ପାଇଁ ବହୁ ଅର୍ଥ ବ୍ୟୟ ହୋଇଥିଲା । ତାଙ୍କ ପତ୍ନୀ ଜି ନାନ୍ ଜଣେ ଟିଭି ଉପସ୍ଥାପିକା । ୨୦୦୭ରେ ସେ ଧାରାବାହିକ ଜିଆନଜିଙ୍ଗ୍ ଡିଆନଜିଆରେ ଅଭିନୟ କରି ପରିଚିତ ହୋଇଥିଲେ । ସୂଚନା ଅନୁଯାୟୀ ୨୪ ଡିସେମ୍ବର ଦିନ ଦଳେ ନିର୍ଦ୍ଦେଶକ, କନିଷ୍ଠ କଳାକାରଗଣଙ୍କ ସହ ୟୁ ଜିଙ୍ଗ୍, ଜି ନାନ୍ ଏବଂ କେତେକ ଚୀନ ସେନାଧିକାରୀ ପ୍ରଋର ପାଇଁ ସେହି ଭିଡିଓଟିକୁ ସୁଟିଂ କରିଥିଲେ । ୪୫ ସେକେଣ୍ଡର ସେହି ଭିଡିଓଟିକୁ ସାମ୍ବାଦିକ ସେନ୍ ସିଓ୍ୱେଇ ଏବଂ ଗ୍ଲୋବାଲ ଟାଇମ୍ସ ମାଧ୍ୟମରେ ପ୍ରସାରିତ କରାଯାଇ ଉକ୍ତ ସ୍ଥାନଟିକୁ ଗଲଓ୍ୱାନ ବୋଲି ଦର୍ଶାଗଲା ।

ଚୀନର ଏହି ମିଛ ଭିଡିଓ ଦେଖି ଭାରତର ସତ ମିଡିଆର ଲୋକେ ମୁଣ୍ଡ ବାଡେଇଲେ । ଭାରତ ସରକାର ସୁରକ୍ଷା ଦେବାକୁ ଅକ୍ଷମ ବୋଲି ଇଟାଲୀ ଭ୍ରମଣରେ ଯାଇଥିବା କଂଗ୍ରେସୀ ନେତା କହିଲେ । ଏହାର ଉତ୍ତରରେ ଭାରତୀୟ ସେନା ପକ୍ଷରୁ ଗଲଓ୍ୱାନର ଏକ ଭିଡିଓକୁ କେନ୍ଦ୍ର ଆଇନ ଓ ନ୍ୟାୟମନ୍ତ୍ରୀ କିରେନ ରିଜିଜୁ ୪ ଜାନୁଆରୀ ଦିନ ଛାଡିଥିଲେ । ସେଥିରେ ଭାରତୀୟ ଯବାନମାନେ ବନ୍ଧୁକ ସହ ତ୍ରିରଙ୍ଗା ପ୍ରଦର୍ଶିତ କରିଥିଲେ । ଏଥିରୁ ଚୀନ ପାଇଁ ବ୍ୟାଟିଂ କରୁଥିଲା ଲୋକେ କିପରି ମିଛର ଭିଡିଓ ନେଇ ସକ୍ରିୟ ଷଡଯନ୍ତ୍ରରେ ଲିପ୍ତ ରହିଛନ୍ତି ତାହା ବେଶ୍ ଭଲଭାବେ ବୁଝିହେବ ।

ଚୀନର ମାଲ ଗୁଣବତ୍ତାପୂର୍ଣ୍ଣ ନୁହେଁ ବୋଲି ସମସ୍ତେ ଜାଣନ୍ତି, ଠିକ୍ ଚୀନର ବାହାଦୂରୀ ପ୍ରଋର ପରି । ଶ୍ରୀଲଙ୍କାକୁ ଜୈବିକ ତରଳ ସାର ଦେବାପାଇଁ ଚୀନ ଠିକା ପାଇ ରାସାୟନିକ ସାର ଯୋଗାଇ ଗୋଟିଏ ବର୍ଷର ଋଷକୁ ବରବାଦ କରିବାକୁ ଯାଉଥିବା ବେଳେ ଭାରତ ସରକାର ବିମାନ ଯୋଗେ ଜୈବିକ ସାର ଯୋଗାଇ ଶ୍ରୀଲଙ୍କାର ଋଷକୁ ରକ୍ଷାକଲେ । ଏକଥା ଯେ ସମସ୍ତେ ଜାଣନ୍ତି ଆର୍ମେନିଆ, ମଣ୍ଟେନିଗ୍ରୋ ପରି ଅନେକ ଦେଶରେ ଏବେ ବି ଚୀନର ଠକାମୀ ଏବଂ ଦୁଇ ନମ୍ବରୀ ଟେକ୍‌ନୋଲୋଜିର ପ୍ରମାଣ ଦେଖିବାକୁ ମିଳିବ । ନେପାଳକୁ ଶସ୍ତା ବିମାନ ନାମରେ ଭାଲୁ ଧରାଇବା କଥା ଚର୍ଚ୍ଚାରେ ରହିଛି ।

ଦକ୍ଷିଣ ଆମେରିକା ଓ ଆଫ୍ରିକାରେ ଚୀନର କସକୋ ମୋଟର ସାଇକେଲ ଭାରତର ବଜାଜ୍, ଟିଭିଏସ୍ ଏବଂ ହିରୋ ସହ ରହିପାରିଲା ନାହିଁ । ପାକିସ୍ଥାନକୁ ବିକ୍ରୀ ହୋଇଥିବା ଚୀନା ଯୁଦ୍ଧବିମାନର ଦକ୍ଷତା ସମସ୍ତଙ୍କୁ ଜଣା । ଅନ୍ୟ ଦେଶର ଅସ୍ତ୍ର କିଣି ଡୁପ୍ଲିକେଟ କରିବାରେ ମାଷ୍ଟର ହୋଇଥିବା ଚୀନ ଯେତେ ଅସ୍ତ୍ରଶସ୍ତ୍ର, ଯୁଦ୍ଧବିମାନ, ଯୁଦ୍ଧପୋତ ଆଦି ବିଷୟରେ ପ୍ରଋର କରୁଛି ତନ୍ମଧ୍ୟରୁ ଅନେକ ପ୍ରକୃତରେ କାର୍ଯ୍ୟକାରୀ ହେବା ଅବସ୍ଥାରେ ଅଛି କି ନାହିଁ ତାହା ପରୀକ୍ଷାଯୋଗ୍ୟ । ମାଲେସିଆ ଯୁଦ୍ଧ ବିମାନ ପ୍ରଦର୍ଶନୀରେ ଭାରତର ତେଜସ ଅଂଶଗ୍ରହଣ କରୁଥିବା ଖବରପାଇ ଚୀନ ପକ୍ଷରୁ ଆଗୁଆ ଜେ-ଥଣ୍ଡରକୁ ହଟାଇ ନିଆଯାଇଥିଲା । ହେଲେ ଚୀନର ମିଛ ଫଟୋ ବା ଭିଡିଓ ପ୍ରଋର ଦେଖି ଆମ ଦେଶରେ ବହୁନେତା ଅଯଥାରେ ମିଡିଆରେ ମାଙ୍କଡନାଚ କରିବା ଆମେ ଦେଖିବାକୁ ପାଉଛୁ । ସେଥିପାଇଁ କଥାରେ କହିଥା'ନ୍ତି ଯାହା ନ ଦେଖିବ ବେନି ନୟନେ ପରତେ ନଯିବ ଗୁରୁ ବଚନେ । କିନ୍ତୁ ବର୍ତ୍ତମାନ ଖାଲି ଦେଖିବାକୁ ନୁହେଁ, ସତ୍ୟାସତ୍ୟ ନ ଜାଣିଲେ ବିଶ୍ୱାସ କରିବା କଥା ନୁହେଁ । କାରଣ ଏବେ ସୋସିଆଲ ମିଡିଆରେ ଅନ୍‌ସୋସିଆଲ ଲୋକଙ୍କ ସଂଖ୍ୟା ବହୁତ ଅଧିକ । ସକାରାତ୍ମକ ବିଋର ତୁଳନାରେ ନକାରାତ୍ମକ ବିଋରଧାରାସଂପନ୍ନ ଲୋକଙ୍କ ଗହଳି ବେଶୀ । ତିନି ତୁଣ୍ଡରେ ଛେଳି କୁକୁର ହେବାର ସମ୍ଭାବନା ସବୁଠି, ସବୁବେଳେ ଥିବାରୁ ସମସ୍ତେ ସତର୍କ ରହିବା ଜରୁରୀ ହେଲାଣି ।

ଏବେ ଆମେ ସବୁ ପଦପାତରେ ମିଡିଆକୁ ସାମନା କରୁଛେ କିମ୍ବା ସଂପର୍କରେ ଆସୁଛେ, ତାହା ଛାପା ହେଉ କିମ୍ବା ଇଲେକ୍‌ଟ୍ରୋନିକ୍, ଇଣ୍ଟରନେଟ୍ ହେଉ ଅଥବା ମୋବାଇଲ, ସବୁଠି ତଥ୍ୟ ଓ ଖବରର ପ୍ରସାର ହେଉଛି । ଖବର ଯେପରି ବିଶ୍ୱାସଯୋଗ୍ୟ ଓ ଗ୍ରହଣୀୟ ହେବ, ତଥ୍ୟ ଯେପରି ସମାଜର କଲ୍ୟାଣରେ ସହାୟକ ହୋଇପାରିବ, ସେଥିପାଇଁ ସମସ୍ତଙ୍କ ଦୃଷ୍ଟି ରହିବା ଆବଶ୍ୟକ । ଏବେ ମତକୁ ପ୍ରସାରିତ କରିବା ପାଇଁ ସମସ୍ତେ ଆଗ୍ରହୀ ସତ, କିନ୍ତୁ ସତକୁ ପ୍ରାଧାନ୍ୟ ଦେବାପାଇଁ ସେତେଟା ଆଗ୍ରହ ନାହିଁ । ଏସବୁ ହେଉଛି ବର୍ତ୍ତମାନର ସମସ୍ୟା । ଏହି ସମସ୍ୟାକୁ ଦୂର କରିବାକୁ ପ୍ରତ୍ୟେକ ବ୍ୟକ୍ତିଙ୍କୁ ଏବେ ସତ୍ୟାନୁସନ୍ଧାନୀ ହେବାକୁ ପଡିବ, ଅନ୍ଧ ସମର୍ଥକ ନୁହେଁ ।

*-ଭାରତୀୟ ସମ୍ବାଦ ସେବା (ଭାସ୍), ଭୁବନେଶ୍ୱର-୭୫୧୦୦୩*




# ରାଜ୍ୟ ସରକାର ଯୁବପିଢ଼ୀଙ୍କୁ ନିଯୁକ୍ତିର ମରିଚିକା ଦେଖାଉଛନ୍ତି



ଭୁବନେଶ୍ୱର (ପିଏନ୍)- ଗତ ୧୦ ତାରିଖ ରାଜ୍ୟ କ୍ୟାବିନେଟର ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତି କ୍ରମରେ ସରକାରୀ ଚାକିରୀର ସର୍ବନିମ୍ନ ବୟସସୀମା ସାଧାରଣ ବର୍ଗଙ୍କ ପାଇଁ ୩୨ ବର୍ଷରୁ ୩୮ ବର୍ଷକୁ ବୃଦ୍ଧି କରିଥିବା ସ୍ଥଳେ ଅନୁସୂଚୀତ ଜାତି, ଜନଜାତି ମହିଳାମାନଙ୍କ ପାଇଁ ଅନୁରୂପ ଭାବେ ବୟସସୀମା ବୃଦ୍ଧି କରିଛନ୍ତି। ଏହାକୁ କଂଗ୍ରେସ ସ୍ୱାଗତ କରିଛି। ମାନ୍ୟବର ଉଚ୍ଚନ୍ୟାୟଳୟ ଆଉଟସୋର୍ସିଂ ମାଧ୍ୟମରେ କାମ କରୁଥିବା କର୍ମଚାରୀଙ୍କୁ ନିୟମିତ କରିବାପାଇଁ ସରକାରଙ୍କୁ ନିର୍ଦ୍ଦେଶ ଦେବାପରେ ସରକାରଙ୍କର ଅସଲ ଚେହେରାଟି ଏବେ ପଦାରେ ପଡ଼ିଛି ବୋଲି କଂଗ୍ରେସ କହିଛି। ଯେଉଁଦିନ ସରକାର ଚାକିରୀ ବୟସସୀମା ବଢ଼ାଇବା ପାଇଁ ରାଜ୍ୟ କ୍ୟାବିନେଟରେ ଅନୁମୋଦନ କରୁଛନ୍ତି ସେହିଦିନ ସରକାର ମାନ୍ୟବର ଉଚ୍ଚନ୍ୟାୟଳୟ ନିର୍ଦ୍ଦେଶକୁ ଅପିଲ କରିବାପାଇଁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ରାଜ୍ୟ ସରକାରଙ୍କ ତରଫରୁ ପ୍ରମୁଖ ଅର୍ଥ ସଚିବଙ୍କ ପକ୍ଷରୁ ସମସ୍ତ ବିଭାଗୀୟ ସଚିବ, ବିଭାଗୀୟ ମୁଖ୍ୟ ଏବଂ ଆଡଭୋକେଟ ଜେନେରାଲଙ୍କୁ ଚିଠି କରାଯାଇଛି। ଏଥିରୁ ସ୍ପଷ୍ଟ ଅନୁମେୟ ହେଉଛି ରାଜ୍ୟ ସରକାର ରାଜ୍ୟର ବେକାରୀ ଯୁବକ ମାନଙ୍କୁ ନିଯୁକ୍ତିର ମରିଚିକା ଦେଖାଇବା ସହିତ ପଂଚାୟତ ନିର୍ବାଚନ ପାଇଁ ଏକ ନିଯୁକ୍ତି ଥୋପ ପକାଇଛନ୍ତି କଂଗ୍ରେସ ମୁଖପାତ୍ର ଶ୍ରୀ ନିଶିକାନ୍ତ ମିଶ୍ର ସରକାରଙ୍କୁ ସିଧାସଳଖ ଟାର୍ଗେଟ କରିଛନ୍ତି। ଯଦି ସରକାରଙ୍କର ନ୍ୟାୟପାଳିକା ପ୍ରତି ତିଳେମାତ୍ର ସମ୍ମାନ ଅଛି ଆଉଟସୋସିଂ କମ୍ପାନୀ ପ୍ରତି ଅହେତୁକ ଅନୁକମ୍ପା ନଦେଖାଇ ମାନ୍ୟବର ଉଚ୍ଚନ୍ୟାୟାଳୟଙ୍କ ନିର୍ଦ୍ଦେଶକୁ କାର୍ଯ୍ୟକାରୀ କରି ରାଜ୍ୟରେ ଆଉଟସୋସିଂ ମାଧ୍ୟମରେ କାମକରୁଥିବା ସମସ୍ତ ଯୋଗ୍ୟ କର୍ମଚାରୀଙ୍କୁ ନିୟମିତ କରାନ୍ତୁ ବୋଲି ଶ୍ରୀ ମିଶ୍ର ଦାବି କରିଛନ୍ତି। କଂଗ୍ରେସ ଭବନରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ମନୋରଂଜନ ଦାଶ, ଚିନ୍ମୟ ସୁନ୍ଦର ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## କେନ୍ଦ୍ରାପଡା ସହରରେ ପୋଲିସର ଦୁଇ ଚକିଆ ଯାନ ଚେକିଂ



କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଟାଉନ ଥାନା ପୋଲିସ ପକ୍ଷରୁ ନିକଟରେ ନୂଆ ବସଷ୍ଟାଣ୍ଡରେ ଦୁଇ ଚକିଆ ଯାନ ଚେକିଂ ଆରମ୍ଭ କରାଯାଇଥିଲା। ଟାଉନ ଥାନା ଇନସପେକ୍ଟର ଗୌରାଙ୍ଗ ଚରଣ ପୃଷ୍ଟିଙ୍କ ନେତୃତ୍ୱରେ ଏହି ଚେକିଂ ଅନୁଷ୍ଠିତ ହୋଇଥିଲା। ଏହି ଚେକିଂରେ ଗୋଟିଏ ଦୁଇଚକିଆ ଯାନରେ ୩ଜଣ ବସି ଯାଉଥିବା ଓ ଅତ୍ୟଧିକ ସ୍ପିଡରେ ଯାଉଥିବା ୪ଜଣ ବାଇକ ଚାଳକଙ୍କଠାରୁ ୨ହଜାର ଟଙ୍କା ଜୋରିମାନା ଆଦାୟ କରାଯାଇଥିବା ଥାନା ଅଧିକାରୀ ଶ୍ରୀ ପୃଷ୍ଟିଙ୍କଠାରୁ ସୂଚନା ମିଳିଛି।

## ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଶୀତବସ୍ତ୍ର ବଣ୍ଟନ

କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ଜିଲ୍ଲାର ଅଗ୍ରଣୀ ଦାତବ୍ୟ ଅନୁଷ୍ଠାନ ବାଞ୍ଛାନିଧି ଦାସ ଓ ଶ୍ରୀମତୀ ଦେବୀ ଚାରିଟେବୁଲ ଟ୍ରଷ୍ଟ ପକ୍ଷରୁ ଜିଲ୍ଲାର ବିଭିନ୍ନ ସ୍ଥାନରେ ଗରିବ, ଅସହାୟ ଲୋକମାନଙ୍କୁ ଶୀତବସ୍ତ୍ର ବଣ୍ଟନ କରାଯାଉଛି। କେନ୍ଦ୍ରାପଡା ସହରରେ ରାସ୍ତାକଡରେ ରାତ୍ରୀଯାପନ କରୁଥିବା କେତେକ ଲୋକଙ୍କୁ ମଧ୍ୟ ଶୀତବସ୍ତ୍ର ପ୍ରଦାନ କରାଯାଇଛି। ସେହିଭଳି ଧାନବିଲରେ କାର୍ଯ୍ୟ କରୁଥିବା ଦିନମଜୁରିଆ ମହିଳାମାନଙ୍କୁ ମଧ୍ୟ



ଶୀତବସ୍ତ୍ର ବଣ୍ଟନ କରାଯାଇଛି। ଏହି କାର୍ଯ୍ୟ ଶୀତ ଥିବା ପର୍ଯ୍ୟନ୍ତ ଚାଲୁ ରଖିବାକୁ ଟ୍ରଷ୍ଟର ପୃଷ୍ଠପୋଷକ ସୁଦୂର ଆମେରିକାରେ ଥିବା ପ୍ରଫେସର ଡଃ. ଦେବେନ୍ଦ୍ର କୁମାର ଦାସ ସଂଯୋଜକ ପ୍ରଦିପ କୁମାର ମହାନ୍ତିଙ୍କୁ ପରାମର୍ଶ ଦେଇଛନ୍ତି। ସେହି ଅନୁଯାଇ ସଂଯୋଜକ ଶ୍ରୀ ମହାନ୍ତି ଓ ସଦସ୍ୟ ଚିତ୍ତରଞ୍ଜନ ଦାସ ବିଭିନ୍ନ ସ୍ଥାନରେ ପହଞ୍ଚି ଏହି କାର୍ଯ୍ୟକ୍ରମକୁ ଚାଲୁ ରଖିଛନ୍ତି।

## ଛାତ୍ରସଙ୍ଘ ପକ୍ଷରୁ ଶୀତକାଳୀନ ଆଲୋଚନାଚକ୍ର



କେନ୍ଦ୍ରାପଡ଼ା (ପିଏନ୍): ଆଜିର ଛାତ୍ର ଆସନ୍ତାକାଲିର ନାଗରିକ। ଦେଶର ସାମାଜିକ, ଆର୍ଥିକ ଓ ସାଂସ୍କୃତିକ ଅବସ୍ଥାରେ ପରିବର୍ତ୍ତନ ଆଣି ଏକ ସମୁନ୍ନତ ଭାରତବର୍ଷ ଗଠନ କରିବା ନିମନ୍ତେ ଆଜିର ଛାତ୍ରମାନଙ୍କୁ ଏବେଠୁଁ ବୌଦ୍ଧିକ, ବୈଷୟିକ ତଥା ନୈତିକ ଦୃଷ୍ଟିରୁ ଉପଯୁକ୍ତ ଭାବେ ଶିକ୍ଷିତ ହେବାକୁ ପଡିବ ବୋଲି "ଦେଶ ଗଠନରେ ଛାତ୍ରର ଭୂମିକା"ଶୀର୍ଷକ ଆଲୋଚନା ଚକ୍ରରେ ଅଂଶଗ୍ରହଣ କରି ଆଲୋଚକମାନେ ମତବ୍ୟକ୍ତ କରିଛନ୍ତି। ଦେଶର ସର୍ବପୁରାତନ ଛାତ୍ର ସଂଗଠନ ଅଖିଳ ଭାରତ ଛାତ୍ର ସଙ୍ଘ ପକ୍ଷରୁ ଗୁପ୍ତକ୍ଷେତ୍ର ସଖୀବଟ ପରିସରରେ ବଡଦିନ ଛୁଟି ଅବସରରେ ତନ୍ମୟ କୁମାର ରାଉତଙ୍କ ସଭାପତିତ୍ୱରେ ଏହି ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା। ଏଥିରେ ପ୍ରାଧ୍ୟାପକ ଅଜୟ କୁମାର ସାମଲ, ପ୍ରାକ୍ତନ ଛାତ୍ରନେତା ରମଣୀରଞ୍ଜନ ରାଉତରାୟ, ଆଦିକନ୍ଦ ରାଉଳ, ଅମୀୟ ନାୟକ, ରାଜେଶ ସ୍ୱାଇଁ, ରାଜେଶ ବେଉରା ପ୍ରମୁଖ ଅତିଥି ଆଲୋଚକ ଭାବେ ଯୋଗଦେଇ ବକ୍ତବ୍ୟ ପ୍ରଦାନ କରିବା ସହିତ ଡାକ୍ତରୀ ପାଠ ପଢିବାକୁ ଯୋଗ୍ୟ ବିବେଚିତ ହୋଇଥିବା କେନ୍ଦ୍ରାପଡାର ମେଧାବୀ ଛାତ୍ରୀ ଏମ.ଏସ. ସୌମ୍ୟଦର୍ଶୀ ଓ ଅନୀଲ ଜେନାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ଆହ୍ୱାନ ରାଉତରାୟ ଆଲୋଚନାର ଉଦେଶ୍ୟ ଜ୍ଞାପନ କରିଥିବା ବେଳେ ଲକ୍ଷ୍ମୀପ୍ରିୟା ଦାସ ଉଦଘାଟନୀ ସଂଗୀତ ଗାନ ଓ ଶିକ୍ଷକ ଭାଗୀରଥି ସେଠୀ ଧନ୍ୟବାଦ ଅର୍ପଣ କରିଥିଲେ। ଶିକ୍ଷକ ବସନ୍ତ ବାରିକ ଓ ମନୋଜ ଓଝା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ବିଷାକ୍ତ ସର୍ପ ଦଂଶନରେ ଦିନମଜୁରିଆଙ୍କ ମୃତ୍ୟୁ



କେନ୍ଦ୍ରାପଡ଼ା (ପିଏନ୍): ବଳରାମପୁର ପଞ୍ଚାୟତ ଅଧିନସ୍ଥ ସାତଘରିଆ ଗ୍ରାମର ଅଧିବାସୀ ବ୍ରହ୍ମାନନ୍ଦ ପରିଡା(୬୨) ନିଜ ବାଡିରେ ଥିବା ଘଷିଗଦାରୁ ଘଷି କାଢିବା ସମୟରେ ଏକ ବିଷଧର ସାପ ତାଙ୍କ ଦକ୍ଷିଣ ହସ୍ତର ଅଙ୍ଗୁଳିକୁ କାମୁଡି ଦେବାରୁ ପ୍ରବଳ ରକ୍ତସ୍ରାବ ହୋଇଥିଲା। ତାଙ୍କୁ ତୁରନ୍ତ ରାଜକନିକା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ଅବସ୍ଥା ଗୁରୁତର ହେବାରୁ ତାଙ୍କୁ କେନ୍ଦ୍ରାପଡା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ଅଣାଯାଇଥିଲା। କିନ୍ତୁ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଖବରପାଇ ଟାଉନ ଥାନା ସବଇନସପେକ୍ଟର ସୁଧସ୍ମିତା ପୃଷ୍ଟି ସେଠାରେ ପହଞ୍ଚି ଶବ ଜବତ କରି ବ୍ୟବଛେଦ କରାଇବା ପରେ ମୃତକଙ୍କ ପରିବାର ଲୋକଙ୍କୁ ଶବ ହସ୍ତାନ୍ତର କରିଥିଲେ। ଏନେଇ ଟାଉନ ଥାନାରେ ୩୯/୨୦୨୧ରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ସ୍ୱର୍ଗତ ପରିଡା ଜଣେ କୁଶଳି ଦିନମଜୁରିଆ ଭାବେ ନିଜ ପରିବାରର ଗୁଜୁରାଣ ମେଣ୍ଟାଉଥିଲେ। ତାଙ୍କୁ ସରକାରୀ ସହାୟତା ଯୋଗାଇ ଦିଆଯିବାକୁ ସରପଞ୍ଚ ସୁବଳ ସାହୁ, ନଳିନୀକାନ୍ତ ପୃଷ୍ଟି, ମନୋଜ ପରିଡା, ଅଚିନ୍ତ୍ୟ ସାହୁ,ସୁକାନ୍ତ ସାହୁ, ରୀତାଞ୍ଜଳୀ ନାଥ, ଅକ୍ଷୟ ଦାସ, ମନୋରଞ୍ଜନ ବିହାରୀ, ପୂର୍ବତନ ସରପଞ୍ଚ ସନ୍ଧ୍ୟାରାଣୀ ବିହାରୀ ପ୍ରମୁଖ ଜିଲ୍ଲାପାଳଙ୍କ ନିକଟରେ ଦାବି କରିଛନ୍ତି।

# ଜିଲ୍ଲାରେ ଆରମ୍ଭ ହେଲା ୧୫ରୁ ୧୮ ବର୍ଷ ବୟସ ପିଲାଙ୍କ ଟିକାକରଣ



ବାଲେଶ୍ୱର (ପିଏନ୍)-ଜିଲ୍ଲାରେ ଆରମ୍ଭ ହୋଇଛି ୧୫ରୁ ୧୮ ବର୍ଷ ବୟସ କିଶୋର, କିଶୋରୀଙ୍କୁ କୋଭିଡ୍ ଟିକାଦାନ। ଜିଲ୍ଲାର ୬୭ଟି କେନ୍ଦ୍ରରେ ଏହି ଟିକାକରଣ କାର୍ଯ୍ୟ ଆରମ୍ଭ ହୋଇଥିବା ବେଳେ ଉଭୟ ଅନଲାଇନ ଓ ଅଫଲାଇନ ପଞ୍ଜିକରଣ ମାଧ୍ୟମରେ କିଶୋର କିଶୋରୀମାନେ କୋଭାକ୍ସିନ ଟିକାର ପ୍ରଥମ ପାନ ଗ୍ରହଣ କରିଥିଲେ। ଜିଲ୍ଲାର ଉଭୟ ଗ୍ରାମାଂଚଳ ଓ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଏହି ଟିକାକରଣ ଚାଲିଛି। ଜିଲ୍ଲାର ପ୍ରାୟ ୧ଲକ୍ଷ ୩୦ହଜାର କିଶୋର, କିଶୋରୀଙ୍କ ଟିକାକରଣ ପାଇଁ ଲକ୍ଷ୍ୟ ରଖାଯାଇଥିବା ବେଳେ ପ୍ରଥମ ତିନି ଦିନରେ (ଜାନୁଆରୀ ୩,୪,୫) ୩୬ହଜାର ୧୬୦ ଟିକା ପ୍ରଦାନ ନିମନ୍ତେ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଥିଲା। ୨୮ଦିନ ପରେ ପିଲାମାନଙ୍କୁ ଟିକାର ଦ୍ୱିତୀୟ ପାନ ପ୍ରଦାନ କରାଯିବ। ସ୍କୁଲ,କଲେଜ ପରିଚୟପତ୍ର ସମେତ ଆଧାରକାର୍ଡ ମାଧ୍ୟମରେ ପିଲାମାନେ ଟିକାକରଣ ପାଇଁ ସେମାନଙ୍କ ନାମ ପଞ୍ଜୀକରଣ କରିପାରିବେ। ବାଲେଶ୍ୱର ସହରର ସହଦେବଖୁଂଟା, ଶୋଭାରାମପୁର ଏବଂ ସୁନହଟ୍ ସହରାଂଚଳ ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ର ସମେତ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଟିକାଦାନ ବ୍ୟବସ୍ଥା କରାଯାଇଛି। ଟିକାଦାନ ଆରମ୍ଭ ହୋଇଥିବା ବେଳେ ସ୍ୱାସ୍ଥ୍ୟକେନ୍ଦ୍ରଗୁଡିକରେ କିଶୋର, କିଶୋରୀ ଏବଂ ଅଭିଭାବକମାନଙ୍କ ଭିଡ ପରିଲକ୍ଷିତ ହୋଇଥିଲା। ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ର ପରିଦର୍ଶନ କରି ଟିକାକରଣ ବ୍ୟବସ୍ଥାର ଅନୁଧ୍ୟାନ କରିଥିଲେ। କୋଭିଡ୍ ସଂକ୍ରମଣ ପ୍ରତିହତ ପାଇଁ ସମସ୍ତେ କୋଭିଡ୍ ଟିକା ନେବା ପାଇଁ ସେ ପିଲାମାନଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଦୁଲାଳସେନ ଜଗଦେବ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ମୃତ୍ୟୁଞ୍ଜୟ ମିଶ୍ର, ଏଡିଏମଓ ଡା. ଶଶାଙ୍କଶେଖର ଚୌଧୁରୀ, ଡିପିଏମ ଶ୍ରୀ ଅନୀଲ ମହାନ୍ତି, ଡିଏମଆରସିଏଚ୍ ଏଲିନା ସାମଲଙ୍କ ସମେତ ଅନ୍ୟାନ୍ୟ ସ୍ୱାସ୍ଥ୍ୟ ବିଭାଗ ଅଧିକାରୀମାନଙ୍କ ତତ୍ୱାବଧାନରେ ୧୫ରୁ ୧୮ ବର୍ଷ କିଶୋରଙ୍କ ପ୍ରଥମ ପର୍ଯ୍ୟାୟ ଟିକାକରଣ ଜାରି ରହିଛି।

## ଶିରିଡ଼ି ସାଇ ବୁଲିବାକୁ ଯାଇ ନିଖୋଜଥିବା ବ୍ୟକ୍ତିଙ୍କ ଶବ ମିଳିଲା



କେନ୍ଦ୍ରାପଡ଼ା (ପିଏନ୍): ଶିରିଡି ସାଇ ବୁଲିବାକୁ ଯାଇଥିବା କେନ୍ଦ୍ରାପଡ଼ା ଟାଉନ୍ ଥାନା ଅନ୍ତର୍ଗତ ଚାଟରାପାଟଣା ଗ୍ରାମର ମଧୁସୂଦନ ରାଉତ(୬୦)ଙ୍କ ଶବ ମିଳିଥିବାର ସୂଚନା ମିଳିଛି। ମଧୁସୂଦନ ଯେଉଁ ହୋଟେଲ ନିକଟରେ ରହୁଥିଲେ ସେଠାରୁ କିଛିବାଟ ଦୂରରେ ଥିବା ଏକ ବଣରୁ ତାଙ୍କ ମୃତଦେହ ମିଳିଥିଲା। ମହାରାଷ୍ଟ୍ର ପୋଲିସ ଶବ ଜବତ କରି ବ୍ୟବଚ୍ଛେଦ ପାଇଁ ସ୍ଥାନୀୟ ଡାକ୍ତରଖାନାକୁ ପଠାଇଥିଲା। ଶବ ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଥିବା ପୋଲିସ ପରିବାର ଲୋକଙ୍କୁ କହିଥିଲା। ଖବର ପାଇ ପରିବାର ଲୋକେ ଶିରିଡି ଯାଇଥିଲେ। ଗତବର୍ଷ ଡିସେମ୍ବର ୨୧ ତାରିଖରେ କେନ୍ଦ୍ରାପଡ଼ାର ଏକ ବ୍ୟବସାୟିକ ସଂସ୍ଥା ୪୦ ଜଣ ବରିଷ୍ଠ ନାଗରିକଙ୍କୁ ଶିରିଡି ବୁଲାଇବାକୁ ନେଇଥିଲା। ୨୨ ତାରିଖ ସନ୍ଧ୍ୟାରେ ସେ ପରିବାର ସହ କଥା ହୋଇଥିଲେ। ହେଲେ ୨୩ ତାରିଖରେ ତାଙ୍କ ପତ୍ତା ମିଳି ନ ଥିଲା। ହେଲେ ତାଙ୍କ ପତ୍ତା କିପରି ମିଳିବ ସେ ନେଇ ଏହି ବ୍ୟବସାୟିକ ସଂସ୍ଥାର ଯାଇଥିବା ୩ଜଣ ବ୍ୟକ୍ତି କୌଣସି ଉଦ୍ୟମ କରି ନ ଥିଲେ। ଫଳରେ ମଧୁସୂଦନଙ୍କ ଝିଅ ଓ ଜ୍ୱାଇଁ ଶିରିଡ଼ିରେ ପହଞ୍ଚିଥିଲେ। ବ୍ୟବସାୟିକ ସଂସ୍ଥାର ଲୋକମାନଙ୍କ ବ୍ୟବହାରରେ ସନ୍ଦେହ ସୃଷ୍ଟି ହୋଇଥିଲା। ସେମାନଙ୍କୁ ରହିବା ପାଇଁ ଝିଅ ଓ ଜ୍ୱାଇଁ ନିବେଦନ କରିଥିଲେ। ହେଲେ ଏହି ତିନିଜଣ କହିଥିଲେ ଆମେ ଅନ୍ୟ ଲୋକମାନଙ୍କୁ ଷ୍ଟେସନରେ ଛାଡିକି ଆସୁଛୁ ମିଶିକି ପୋଲିସ ସହାୟତାରେ ମଧୁସୂଦନଙ୍କୁ ଖୋଜିବା। କିନ୍ତୁ ଏହି ତିନିଜଣ ଶିରିଡିରୁ ପଳାଇ ଆସିଥିଲେ। ମଧୁସୂଦନଙ୍କ ଝିଅ ଓ ଜ୍ୱାଇଁଙ୍କ ସହ ଯୋଗାଯୋଗ କଲେନାହିଁ କି ସେମାନଙ୍କ ଫୋନ ଉଠାଇଲେ ନାହିଁ। ଏଠାକୁ ଆସି ମଧୁସୂଦନଙ୍କ ପରିବାର ଲୋକଙ୍କୁ ମଧ୍ୟ ସମବେଦନା ଜଣାଇଲେ ନାହିଁ। ତେଣୁ ଏହି ବ୍ୟବସାୟିକ ସଂସ୍ଥା ଉପରେ ଏବେ ସନ୍ଦେହ ସୃଷ୍ଟି ହୋଇଛି। ଏ ନେଇ ପରିବାର ପକ୍ଷରୁ ଟାଉନ୍ ଥାନାରେ ଏତଲା ଦିଆଯାଇଥିଲା। ଟାଉନ୍ ଥାନା ପୋଲିସ ସେଠାକାର ପୋଲିସ ସହ ଯୋଗାଯୋଗ କରିଥିଲା। ଓଡିଶା ଖଦୀ ବୋର୍ଡର ପୂର୍ବତନ ଅଧକ୍ଷ ତେଜେଶ୍ୱର ପରିଡ଼ା ମଧୁସୂଦନଙ୍କ ସଂକ୍ରାନ୍ତରେ ତଥ୍ୟ ଦେବାପାଇଁ ମହାରାଷ୍ଟ୍ର ପୋଲିସ ମହାନିର୍ଦ୍ଦେଶକ ଓ ମହାରାଷ୍ଟ୍ର ମୁଖ୍ୟମନ୍ତ୍ରୀଙ୍କୁ ନିବେଦନ କରିଥିଲେ। ସେବେଠାରୁ ମଧୁସୂଦନଙ୍କ ପତ୍ତା ମିଳି ନ ଥିଲା। ମଧୁସୂଦନଙ୍କ ଝିଅ ଜ୍ୱାଇଁ ସେଠାରେ ରହି ଖୋଜାଖୋଜି କରୁଥିଲେ। ତା'ର କିଛିଦିନ ପରେ ଏକ ବଣରୁ ତାଙ୍କ ମୃତଦେହ ମିଳିଥିବା ଜଣାପଡିଥିଲା।

## ପୂର୍ବତନ ଘାଘରା ସାରପଞ୍ଚଙ୍କ ବିୟୋଗରେ ସ୍ମୃତିସଭା





କେନ୍ଦ୍ରାପଡ଼ା (ପିଏନ୍): କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦ ଆନୁକୂଲ୍ୟରେ ଘାଗରା ପଞ୍ଚାୟତର ପୂର୍ବତନ ସରପଞ୍ଚ,ଆଦର୍ଶ ଶିକ୍ଷକ ଓ ସମାଜସେବୀ ସ୍ୱର୍ଗତ ବୃନ୍ଦାବନ ବେହୁରାଙ୍କ ଏକାଦଶାହ ଅବସରରେ ତାଙ୍କ ଜୟକୃଷ୍ଣପୁର ଗ୍ରାମସ୍ଥିତ ବାସଭବନରେ ବିଶିଷ୍ଟ ସାହିତ୍ୟିକ ଓ ସମାଲୋଚକ ପ୍ରଫେସର ବୈଷ୍ଣବ ଚରଣ ସାମଲଙ୍କ ସଭାପତିତ୍ୱରେ ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଇନ୍ଦୁପୁର ହାଇସ୍କୁଲ ପୁରାତନ ଛାତ୍ର ସଂସଦ ସମ୍ପାଦକ ଶିକ୍ଷାବିତ ପ୍ରଣବ କୁମାର ଜେନା, ପ୍ରାଧ୍ୟାପକ ମଦନ ମୋହନ ବେହେରା, ବରିଷ୍ଠ ସାମ୍ବାଦିକ ପରୀକ୍ଷିତ ପାତ୍ର ଓ ଧୂମାତ ସରପଞ୍ଚ ନରହରି ପାଣି ପ୍ରମୁଖ ଅତିଥି ଭାବେ ଯୋଗଦେଇ ସ୍ୱର୍ଗତ ବେହୁରାଙ୍କ ପ୍ରତି ଶ୍ରଦ୍ଧାସୁମନ ଅର୍ପଣ କରିଥିଲେ। ସଭାପତି ପ୍ରଫେସର ସାମଲ 'ବ୍ୟକ୍ତିର ମୃତ୍ୟୁ ଅଛି କିନ୍ତୁ ବ୍ୟକ୍ତିତ୍ୱର ମୃତ୍ୟୁ ନାହିଁ' ବୋଲି ତାଙ୍କ ବକ୍ତବ୍ୟରେ କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଶିକ୍ଷାବିତ ସୁବାଷ ଚନ୍ଦ୍ର ମଜୁମଦାର, ପୂର୍ବତନ ବିଧାୟକ ଚିନ୍ମୟ ପ୍ରସାଦ ବେହୁରା, ପ୍ରଫେସର ଡଃ. ଗିରିଶଚନ୍ଦ୍ର ପାତ୍ର, ଦେବେନ୍ଦ୍ର ରାଉତ, ପର୍ଶୁରାମ ସ୍ୱାଇଁ, ଧ୍ରୁବ ଚରଣ ପାତ୍ର, ଶିକ୍ଷକନେତା ତପନ କୁମାର ସିଂ, ତ୍ରିଲୋଚନ ଜେନା, ମଦନମୋହନ ସ୍ୱାଇଁ, ଚିରରଞ୍ଜନ ରାଉତ, କାଙ୍ଗାଳି ଚରଣ ଦାସ, ଚାରିଗାଁ ସରପଞ୍ଚ ଭାରତୀ ମଲିକ, ମୂରଲୀଧର ବିଶ୍ୱାଳ, ସୁଧାଂଶୁ ମୋହନ ଦାସ, କିଶୋର ସାମଲ, ସରୋଜକାନ୍ତ ଜେନା, ଶମ୍ଭୁନାଥ ମହାପାତ୍ର, ବ୍ରଜ କିଶୋର ପତି, ଉପେନ୍ଦ୍ର ରାଉତ, ପ୍ରଦୀପ ଦାସ ପ୍ରମୁଖ ସ୍ୱର୍ଗତ ବେହୁରାଙ୍କ ସ୍ମୃତିଚାରଣ କରିଥିଲେ। ଶେଷରେ ଅକ୍ଷୟ କୁମାର ବେହୁରା ଧନ୍ୟବାଦ ଅର୍ପଣ କରିଥିଲେ।

## କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜନ୍ମଜୟନ୍ତୀ ପାଳିତ




ବାଙ୍କୀ (ପିଏନ୍)- ବେଦପୁରସ୍ଥିତ କବିଚନ୍ଦ୍ର ମେମୋରିଆଲ୍ କ୍ଲବ ଓ କବିଚନ୍ଦ୍ର ସ୍ମୃତି ସଂସଦ ପକ୍ଷରୁ ପ୍ରତ୍ୟେକ ବର୍ଷ ଭଳି ଚଳିତ ବର୍ଷ କବିଚନ୍ଦ୍ର କାଳୀଚରଣ ପଟ୍ଟନାୟକଙ୍କ ଜନ୍ମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ। ସ୍ମୃତି ସଂସଦର ସଂପାଦକ ଭବାନୀ ପ୍ରସାଦ ପଣ୍ଡିତଙ୍କ ସଂଚାଳନରେ ବାଙ୍କୀର ବରିଷ୍ଠ ସମାଜସେବୀ ତଥା ବାଙ୍କୀ କେନ୍ଦ୍ର ସମବାୟ ବ୍ୟାଙ୍କର ପୂର୍ବତନ ସଭାପତି ସୁବାସ ଚନ୍ଦ୍ର ପାଢୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ କବି କାଳୀଚରଣ ପଟ୍ଟନାୟକଙ୍କର ବାଙ୍କୀ ପ୍ରତି ଥିବା ଅବଦାନକୁ ମନେପକାଇବା ସହ ତାଙ୍କର ଗୁଣଗାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ପ୍ରେସକ୍ଲବ ଉପସଭାପତି ସମରେନ୍ଦ୍ର ମହାପାତ୍ର, ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ତ୍ରିପାଠୀ, ଆଇନଜୀବି ସନ୍ତୋଷ କୁମାର ରଣା ପ୍ରମୁଖ ଯୋଗଦେଇ କାଳୀଚରଣ ପଟ୍ଟନାୟକଙ୍କ ସ୍ମୃତିଚାରଣ କରିଥିଲେ। ଏଥିରେ କବିଚନ୍ଦ୍ର ମେମୋରିଆଲ୍ କ୍ଲବର ସଭ୍ୟ ବୀରକିଶୋର ବେହେରା, ରୋହିତ ବେହେରା ପ୍ରମୁଖ ସହଯୋଗ କରିଥିବା ବେଳେ ଶିକ୍ଷକ ବିଦ୍ୟାଧର ଖଟୁଆ, ଡାକ୍ତର ଜଗଦିଶ ପଣ୍ଡା ପ୍ରମୁଖ ଯୋଗଦେଇଥିଲେ।

### ନବନିର୍ମାଣ କୃଷକ ସଂଗଠନର ବନ୍ଧୁ ମିଳନ

ଚଣ୍ଡିଖୋଲ (ପିଏନ )-ନବନିର୍ମାଣ କୃଷକ ସଂଗଠନନ ବଡ଼ଚଣା ତରଫରୁ ଏକ ବନ୍ଧୁ ମିଳନ ଉତ୍ସବ ଧାନମଣ୍ଡଳସ୍ଥିତ ଧନଘର ଖୋଲଠାରେ ଅନୁଷ୍ଠିତ ହୋଇଯାଇଛି। ବଡଚଣାର ବିଭିନ୍ନ ପ୍ରାନ୍ତରୁ ୨୦୦ରୁ ଉର୍ଦ୍ଧ୍ୱ କୃଷକ ସଂଗଠନର ସଭ୍ୟମାନେ ଏଥିରେ ଯୋଗ ଦେଇଥିଲେ। ସଂଗଠନର ବରିଷ୍ଠ ସଦସ୍ୟ ଅଭିରାମ ନାୟକଙ୍କ ସଭାପତିତ୍ୱରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହେଇଥିଲା। ସାମ୍ପ୍ରତିକ ପରିସ୍ଥିତିରେ ଚାଷୀମାନଙ୍କର ବିଭିନ୍ନ ସମସ୍ୟା ଓ ସଂଗଠନର ଆଗାମୀ କାର୍ଯ୍ୟପନ୍ଥା ଉପରେ ମତବିନିମୟ କରିଥିଲେ। ଏହି ବନ୍ଧୁ ମିଳନ ଉତ୍ସବରେ ଜିଲ୍ଲା ସଂଯୋଜକ ଦୁର୍ଗାପ୍ରସାଦ ଦାଶ, ସହସଂଯୋଜକ ଅଶୋକ ଶାନ୍ତି, ବଡଚଣାର ସଂଯୋଜକ ନଗେଶ କୁମାର ଜେନା, ସହ ସଂଯୋଜକ ସୁବାଷ ଚନ୍ଦ୍ର ଖଣ୍ଡେଇ, ମାନଗୋବିନ୍ଦ ଦାଶ, ଚର୍ଚିତ ମାହାଲା, ଉମେଶ ଜେନା, କେଶବ ଦାସ ଓ ପ୍ରଫୁଲ୍ଲ ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି କାର୍ଯ୍ୟକ୍ରମକୁ ସଂଗଠନର ବରିଷ୍ଠ ସଦସ୍ୟ ଅରୁଣ କୁମାର ପ୍ରଧାନ ପରିଚାଳନା କରିଥିଲେ।

### ନିର୍ଲିପ୍ତାନନ୍ଦ ସରସ୍ୱତୀଙ୍କ ୭୯ତମ ସ୍ୱନକ୍ଷତ୍ର ଦିବସ



ଭୁବନେଶ୍ୱର (ପିଏନ୍): ଅନ୍ତରାଷ୍ଟ୍ରୀୟ ଦିବ୍ୟଜୀବନ ସଂଘର ଉପସଭାପତି ତଥା ସ୍ୱାମୀ ଶିବାନନ୍ଦ ସନ୍ଥ ପରମ୍ପରାର ଅନନ୍ୟ ସନ୍ଥ ପୂର୍ବାଶ୍ରମରେ ଭାରତୀୟ ପ୍ରଶାସନିକ ସେବାର ବରିଷ୍ଠ ଅଧିକାରୀ ସ୍ୱାମୀ ନିର୍ଲିପ୍ତାନନ୍ଦ ସରସ୍ୱତୀ ମହାରାଜ ୭୯ବର୍ଷରେ ପଦାର୍ପଣ କରିଥିବାରୁ ତାଙ୍କର ଦୀର୍ଘ ଓ ନିରାମୟ ଜୀବନ କାମନା କରି ଆର୍ଯ୍ୟସମାଜ, ଓଡ଼ିଶା ପକ୍ଷରୁ ସତ୍ୟନଗର ପାର୍କ ପ୍ରିମିୟମ ସଭାଗୃହରେ ପ୍ରଦୀପ ପ୍ରଜ୍ୱଳନ ପୂର୍ବକ ପ୍ରାର୍ଥନା କରାଯାଇଥିଲା। ଅନୁଷ୍ଠାନର ସଭାପତି ଡଃ ଆର୍ଯ୍ୟକୁମାର ଜ୍ଞାନେନ୍ଦ୍ରଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଶିକ୍ଷାବିତ୍ ଡଃ ବଦ୍ରୀନାଥ ପଟ୍ଟନାୟକ, ବୁଦ୍ଧମନ୍ଦିର ଟ୍ରଷ୍ଟି ଡ଼ଃ ସୌରେନ୍ଦ୍ର କୁମାର ମହାପାତ୍ର, ସିକିମ୍ ବିଶ୍ୱବିଦ୍ୟାଳୟର କୁଳପତି ଡଃ ଜଗନ୍ନାଥ ପଟ୍ଟନାୟକ, ଶ୍ରମତୀ ମିତ୍ର ରାୟ, ରୋଟାରରିୟାନ ଜ୍ୟୋତିଶଙ୍କର ମହାନ୍ତି, ଶ୍ରୀମତୀ ଆରତୀ ଜ୍ଞାନେନ୍ଦ୍ର, ଡଃ ନିବେଦିତା ପଟ୍ଟନାୟକ, ଡଃ ଶ୍ରାବଣୀ ପଟ୍ଟନାୟକ, ଶ୍ରୀମତୀ ଲୋରା ରାୟ, ଶ୍ରୀମତୀ ନମିତା ମହାପାତ୍ର ପ୍ରମୁଖ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ଆଡ଼ଭୋକେଟ ଅଂଶୁମାନ ରାୟ ପରିଚାଳନା କରିଥିଲେ।

### ଖଡ଼ିଅଙ୍ଗ ଉଚ୍ଚବିଦ୍ୟାଳୟ ୧୯୭୦ ବ୍ୟାଚର ବନ୍ଧୁମିଳନ

ଚଣ୍ଡିଖୋଲ(ପିଏନ)-ବଡ଼ଚଣା ବ୍ଲକ ଖଡ଼ିଅଙ୍ଗ ଉଚ୍ଚ ବିଦ୍ୟାଳୟ ୧୯୭୦ ମାଟ୍ରିକ ବ୍ୟାଚର ବନ୍ଧୁମିଳନ ପ୍ରସିଦ୍ଧ ଶୈବପୀଠ ମହାବିନାୟକ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ର ବିଜୟ କୁମାର ଦାସଙ୍କ ଆବାହକତ୍ୱରେ ଏହି ବନ୍ଧୁମିଳନ ଉତ୍ସବରେ ବହୁ ପୁରାତନ ଛାତ୍ରଛାତ୍ରୀମାନେ ଉପସ୍ଥିତ ରହି ପୁରୁଣା ଦିନର ସ୍ମୃତି ସାଉଣ୍ଟିବା ସହ ନିଜନିଜ ଭିତରେ ଭାବର ଆଦାନପ୍ରଦାନ କରିଥିଲେ। ଉପସ୍ଥିତ ଥିବା ପୁରାତନ ଛାତ୍ରଛାତ୍ରୀମାନେ କରୋନା ମହାମାରୀରେ ମୃତ୍ୟୁବରଣ କରିଥିବା ଆତ୍ମୀୟସ୍ୱଜନଙ୍କ ଉଦ୍ଦେଶ୍ୟରେ ଦୁଇ ମିନିଟ ନିରବ ପ୍ରାର୍ଥନା କରିଥିଲେ। ଏଥିରେ ପୁରାତନ ଛାତ୍ର ଶରତ ଚନ୍ଦ୍ର ସାମଲ,ମହେଶ୍ୱର ବେହେରା, ଦିଗମ୍ବର ଗନ୍ତାୟତ, ନଟବର ଗନ୍ତାୟତ, ଜୟନ୍ତ ମହାପାତ୍ର, ନିତ୍ୟାନନ୍ଦ ସାମଲ,ନିରଞ୍ଜନ ଦଳେଇ, ନାରାୟଣ ଚନ୍ଦ୍ର ଗନ୍ତାୟତ, ରମେଶ ଚନ୍ଦ୍ର ଗଡ଼ନାୟକ,କାର୍ତିକ ଚନ୍ଦ୍ର ରାଉତ, ଉମାକାନ୍ତ ମିଶ୍ର ,ଦୁର୍ଲ୍ଲଭ ନାୟକ, ବସନ୍ତ ବଳସାମନ୍ତ ଆଦି ପୁରାତନ ଛାତ୍ରମାନେ ଯୋଗଦେଇ ସାମ୍ପ୍ରତିକ ସମାଜର ସ୍ଥିତି, କୋଭିଡ ସମସ୍ୟା ଉପରେ ଆଲୋକପାତ କରିଥିଲେ। ଏହିପରି ବନ୍ଧୁମିଳନ ଉତ୍ସବ ପ୍ରତିବର୍ଷ କରିବାପାଇଁ ସର୍ବସମ୍ମତିକ୍ରମେ ସ୍ଥିର କରାଯାଇଥିଲା। ଶେଷରେ ବରିଷ୍ଠ ନାଗରିକ ହିସାବରେ ସମସ୍ତ ପୁରାତନ ଛାତ୍ରମାନେ ସାମାଜିକ ଓ ଦେଶସେବାରେ ନିୟୋଜିତ ହେବାପାଇଁ ସଂକଳ୍ପ ନେଇଥିଲେ।


# DISPLAY CLASSIFIED

FOR ADVERTISEMENT CONTACT
Phone No. (0674) 2555116/9853400829
Fax: (0674) 2550504
E-mail : paryabekhyak@gmail.com
editorpbkc@gmail.com

TARIFF: 10c.m.x 4cm: Rs.8,000/- (One Month)
10c.m.x 4cm: Rs. 350/- (One day)
5c.m.x 4cm: Rs. 5,000/- (One Month)
5c.m.x 4cm: Rs. 200/- (One day)

ADMISSION ON
MPS PLAY HOME
Where awareness nurtured, innocence blossoms.
For
PRE-NURSERY, NURSERY, L.K.G. & U.K.G.
N-3B-14/15, Ekamra Kanan Road,Nayapalli, BBSR
Tel : (0674) 2556225, 2558884, Fax : 2550504
Email : maharishipublicschool@yahoo.com
Web : www.maharishipublicschool.com

Mahaditya Publication

VED BHAWAN
Creating Peace, Progress & Prosperity
For all Vedic Performances like Rudravishek, Mahalaxmi Pujan, Grahashanti Anusthan, Chandipatha, Vishnu Sahasranama Patha, Birthday Celebration, Griha Prabesh, Vastu Pujan, Bhumi Pujan, Astrological Consultation & Prediction etc.
DO YOU NEED PUNDITS / ASTROLOGERS / VASTU EXPERTS ?
Contact :
Near Mukteswar Temple, Sarbodaya Nagar, Puri.
N-3, B-14/15, MPS Campus, Nayapalli, Bhubaneswar
Ph. 0674-2550786, Fax : 0674-2550504
Email.: yagyaanusthan@sify.com

Phagun Communication

ADMISSION ON
MAHARISHI PUBLIC SCHOOL
your gateway to complete education
For
PRE-NURSERY, NURSERY, L.K.G., U.K.G., Std-1 to Std-VIII
Baghra Road, Baripada
Tel-06792-255227
Email : maharishipublicschool@yahoo.com
Web : www.maharishipublicschool.com




# ପରିବେଶ ସୁରକ୍ଷା ଓ ବିରଳ ପକ୍ଷୀ ସୁରକ୍ଷା ପାଇଁ ବସା ସ୍ଥାପନ




ପାରାଦ୍ୱୀପ ,(ପି.ଏନ): ପାରାଦ୍ୱୀପ କଲେଜ ପରିସରରେ ସୋମବାର ଆଦର୍ଶ ପ୍ରୟାସ ଅନୁଷ୍ଠାନ ପକ୍ଷରୁ ସୃଷ୍ଟି କରାଯାଇଥିବା ବନୀକରଣ ସ୍ଥଳରେ ବିରଳ ପ୍ରଜାତିର ଜୀବଜନ୍ତୁ ଓ ପକ୍ଷୀମାନଙ୍କ ନମନ୍ତେ କୃତ୍ରିମ ବସା ସ୍ଥାପନ କରାଯାଇଛି। ଦୀର୍ଘ ୫ବର୍ଷ ତଳେ ଆରମ୍ଭ କରାଯାଇଥିବା ଏହି ବନୀକରଣ ପ୍ରକ୍ରିୟାରେ ବଣା ବାନ୍ଧୀ ରଖିବା ସହିତ କ୍ରମାନୟରେ ଖାଦ୍ୟ ଓ ପାନୀୟ ଜଳର ସୁବିଧା ଯୋଗାଇ ଦିଆଯିବା ପାଇଁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଆଜି ଅନୁଷ୍ଠିତ ଏହି ସ୍ୱତନ୍ତ୍ର ଉତ୍ସବରେ କଲେଜର ଅଧ୍ୟକ୍ଷା ସସ୍ମିତା ଶତପଥି, ମୁନୁସିପାଲିଟିର କାର୍ଯ୍ୟନିର୍ବାହୀ ଅଧିକାରୀ ସୌରିନ୍ଦ୍ର କୁମାର ରାଉତରାୟ, ବନ୍ଦର ଚିକତ୍ସାଳୟର ମୁଖ୍ୟ ଚିକିତ୍ସାଧିକାରୀ ଡ.ପ୍ରହଲ୍ଲାଦ ପଣ୍ଡା, ପୂର୍ବତନ ପୌରପାଳ ତଥା ପାରାଦ୍ୱୀପ ବିଜେଡ଼ି ସଭାପତି ବସନ୍ତ ବିଶ୍ୱାଳ, ଶ୍ରମିକ ନେତା ବାପି ସାର୍ଖେଲ, ଅଧ୍ୟାପକ ଅକ୍ଷୟ ମିଶ୍ର, ଗଣେଶ୍ୱର ପାତ୍ର, ପାରାଦ୍ୱୀପ ଅଫିସର୍ସ କ୍ଲବର ସମ୍ପାଦକ ପ୍ରୀତି ପରିଜାଙ୍କ ସମେତ ବିଭିନ୍ନ ସ୍ୱେଚ୍ଛାସେବୀ ସଙ୍ଗଠନ, ସାମ୍ବାଦିକ ବନ୍ଧୁ ଉପସ୍ଥିତ ରହି ଆଦର୍ଶ ପ୍ରୟାସର ଏଭଳି ବିରଳ ପଦକ୍ଷେପକୁ ଉଚ୍ଚପ୍ରସଂସା କରିଥିଲେ। ଏହି ଅବସରରେ ପରିବେଶ ସୁରକ୍ଷା ଓ ବିଭିନ୍ନ ସାମାଜିକ ସଙ୍ଗଠନ, ବ୍ୟକ୍ତିବିଶେଷଙ୍କୁ ସମାଜ ପାଇଁ ସେମାନଙ୍କ ବଳିଷ୍ଠ ଅବଦାନ ନିମନ୍ତେ ସମ୍ବର୍ଦ୍ଧିତ କରାଯାଇଥିଲା । ଆଦର୍ଶ ପ୍ରୟାସର ସଭାପତି ଅମୀୟ ଦାସ ଓ ସମ୍ପାଦକ ଦେବକଲ୍ୟାଣ ମହାପାତ୍ରଙ୍କ ସହିତ ବରିଷ୍ଠ ସଭ୍ୟ ଦେବ ମଣ୍ଡଳ, ଦେବୀ ପ୍ରସାଦ ସାହୁ, ବିଷ୍ଣୁ ପ୍ରସାଦ ମୁଦୁଲି ପ୍ରମୁଖ ଉପସ୍ଥିତ ରହି ପକ୍ଷୀ ମାନଙ୍କ ନିମନ୍ତେ ବସା ବାନ୍ଧିବା ସହିତ ବୃକ୍ଷରୋପଣ କାର୍ଯ୍ୟକ୍ରମରେ ଅତିଥି ମାନଙ୍କୁ ସହଯୋଗ କରିଥିଲେ।

## ନିଶା ନିବାରଣ ଓ ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ଟେଣ୍ଡର କାର୍ଯ୍ୟ ବନ୍ଦ ରଖିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଦାବି

ଆନନ୍ଦପୁର,(ପି.ଏନ):ନିଶା ନିବାରଣ ଓ ଶିଶୁ ପରିଚର୍ଯ୍ୟା କେନ୍ଦ୍ରର ଟେଣ୍ଡର କାର୍ଯ୍ୟ ବନ୍ଦ ରଖିବାକୁ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପତ୍ରରୁ ଦାବି ହେଉଛି । ସୂଚନାଯୋଗ୍ୟ ଯେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ ଜିଲ୍ଲା ଖଣିଜ ପାଣ୍ଠିରୁ ୧୫ଶଯ୍ୟା ବିଶିଷ୍ଟ ନିଶା ନିବାରଣ ଚିକିତ୍ସା କେନ୍ଦ୍ର ଓ ଶିଶୁ ପରିଚର୍ଯ୍ୟା କେନ୍ଦ୍ର ପାଇଁ ଏକ ବିଜ୍ଞାପନ ରେ ନଂ.୨୯୮୪/ଡିଏସ୍ଏସ୍ଓ ତା-୨୯.୧୨.୨୦୨୧ରେ ଆହ୍ୱାନ କରାଯାଇଥିଲା । ବିଜ୍ଞାପନରେ ଯେଉଁ ନିୟମ ଗୁଡିକ ଆହ୍ୱାନ କରାଯାଇଛି ଜିଲ୍ଲାରେ ଥିବା ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ସେହି ନିୟମକୁ ପୂରଣ କରିବା କଷ୍ଟସାଧ ଥିବାବେଳେ ବାହାର ଜିଲ୍ଲାରୁ ଟେଣ୍ଡର ପକାଇଥିବା ସ୍ୱେଚ୍ଛାସେବୀ ସଂଗଠନ ଗୁଡିକ ଏଥିରେ ଉପକୃତ ହେବେ ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ବର୍ତ୍ତମାନ ପୌର ନିର୍ବାଚନ ଘୋଷଣା ହୋଇଥିବା ବେଳେ ଏହି ଟେଣ୍ଡର କାର୍ଯ୍ୟ ବନ୍ଦ ରଖିବାକୁ ଜିଲ୍ଲାର ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ପକ୍ଷରୁ ଜିଲ୍ଲାପାଳଙ୍କ ଠାରେ ଦାବି କରାଯାଇଥିବା ଜଣାପଡିଛି ।

## ଅତା ଗ୍ରାମରେ ୪୨ତମ ମହିମା ମେଳା ପାଳନ

ଘଷିପୁରା,(ପି.ଏନ):ଘଷିପୁରା ବ୍ଲକ ବାତୋ ପଞ୍ଚାୟତ ଅନ୍ତର୍ଗତ ଅତା ଗ୍ରାମରେ ସିଦ୍ଧି ସାଧକ ବାବା ନାଣ୍ଡୁ ଦାସଙ୍କର ୪୨ତମ ଶ୍ରାଦ୍ଧ ଉତ୍ସବ ଓ ମହିମା ମେଳା ମହାସମାରୋହରେ ପାଳିତ ହୋଇଯାଇଛି । ବାବା ଅଭୟ ଦାସଙ୍କ ତତ୍ତ୍ୱାବଧାନରେ ମହିଳା ଧର୍ମ ସମ୍ମଳିତ ଏକ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିବା ବେଳେ ରବିବାର ଦିବା ୧ ଘଟିକା ସମୟରେ ସ୍ଥାନୀୟ ଅଲେଖ ମଠ ଠାରୁ ଅଖଣ୍ଡ ଜ୍ୟୋତି ଶୋଭାଯାତ୍ରା ବାହାରି ଗ୍ରାମ ପରିକ୍ରମା କରିଥିଲା । ଏଥିରେ ବହୁ ମହିଳା ଧର୍ମାଲମ୍ବୀ ଯୋଗ ଦେଇଥିଲେ । ସନ୍ଧ୍ୟା ୫ଟା ସମୟରେ ଅଖଣ୍ଡ ଧୁନୀ ଜଳାଯାଇ ଗ୍ରାମର ଶତାଧିକ ନରନାରୀ ଘୃତ ନଡିଆ ଆହୁତି ସହ ଅହରାତ୍ର ନାମ ସଙ୍କୀର୍ତ୍ତନରେ ଭାଗ ନେଇଥିଲେ । ଉକ୍ତ କାର୍ଯ୍ୟକ୍ରମରେ ଗ୍ରାମର ମନମୋହନ ନାଥ, ବିଦ୍ୟାଧର ନାଥ,ଚତୁର୍ଭୁଜ ନାଥ,ନାରଦ ନାଥ, ବାବୁଲି ନାଥ, ଅରୁଣ କୁମାର ସାହୁ, ମଧୁସୂଦନ ସାହୁ, ରତ୍ନାକର ପାଗଳ,ନବଘନ ନାଥ ପ୍ରମୁଖ ସହଯୋଗ କରିଥିଲେ ।

# ଆହ୍ୱାନ କମ୍ବାଇନ୍ସ ଦ୍ୱାରା ଜିଲ୍ଲାସ୍ତରୀୟ କ୍ରୀଡା ଆୟୋଜିତ




ପାରାଦ୍ୱୀପ ,(ପି.ଏନ): ଆହ୍ୱାନ କମ୍ବାଇନ୍ସ ଦ୍ୱାରା ସ୍ଥାନୀୟ ହାଣ୍ଡିଆ ଗ୍ରାମର ଖେଳ ପଡ଼ିଆଠାରେ ୧୫ ଓ ୧୬ ଦୁଇଦିନ ଧରି ଜିଲ୍ଲାସ୍ତରୀୟ ଭଲିବଲ୍ ଟୁର୍ଣ୍ଣାମେଣ୍ଟ ଅନୁଷ୍ଠିତ ହୋଇଯାଇଛି। ଏହି ଟୁର୍ଣ୍ଣାମେଣ୍ଟ ଭାରତ ସରକାରଙ୍କ ନେହେରୁ ଯୁବ କେନ୍ଦ୍ର ସଙ୍ଗଠନ, ଜଗତସିଂହପୁର ସହଯୋଗରେ ଆୟୋଜିତ ହୋଇଥିଲା । ଏହି ଜିଲ୍ଲାସ୍ତରୀୟ ପ୍ରତିଯୋଗିତାରେ ଜଗତସିଂହପୁର ଜିଲ୍ଲାର ବିଭିନ୍ନ ଅଞ୍ଚଳର ୮ଗୋଟି ଭଲିବଲ ଦଳ ଅଂଶଗ୍ରହଣ କରିଥିଲେ। ଦୁଇଦିନ ଧରି ଚାଲିଥିବା ଏହି ପ୍ରତିଯୋଗିତାରେ ପାରାଦୀପ ନିକଟସ୍ଥତ ରଙ୍ଗିଆଗଡର ମହାବିର କ୍ଲବ ବିଜୟ ହୋଇ ଟ୍ରଫି ସହ ୨୦୦୦ ଟଙ୍କା ଅର୍ଥରାଶି ଗ୍ରହଣ କରିଥିବା ବେଳେ କାଳିଆପାଟର ବାବା ବନବିହାରୀ କ୍ଲବ ଉପବିଜେତା ହୋଇ ୧୦୦୦ ଟଙ୍କା ଅର୍ଥରାଶି ସହ ଟ୍ରଫି ହାସଲ କରିଥିଲା। ଏହି ଟୁର୍ଣ୍ଣାମେଣ୍ଟରେ ଦୁଇ ଶ୍ରେଷ୍ଠ ଖେଳାଳିଙ୍କୁ ପୁରସ୍କୃତ କରାଯାଇଥିଲା। ଟୁର୍ଣ୍ଣାମେଣ୍ଟର ସମସ୍ତ ମ୍ୟାଚ ଗୁଡିକୁ ଜାତୀୟ ସ୍ତରର ଦୁଇ ରେଫ୍ରି ବିଶ୍ୱଜିତ ପରିଡ଼ା ଓ ସତ୍ୟଜିତ ବେହେରା ପରିଚାଳନା କରିଥିଲେ। ପ୍ରତିଯୋଗିତାକୁ ଆୟୋଜନ କରିବାରେ ସ୍ଥାନୀୟ ବାବା ବନବିହାରୀ କ୍ଲବ ତରଫରୁ ସହଯୋଗ କରାଯାଇଥିଲା। ଏହି କାର୍ଯ୍ୟକ୍ରମରେ ଜଗତସିଂହପୁର ନେହେରୁ ଯୁବ କେନ୍ଦ୍ର ର ଜିଲ୍ଲା ଅଧିକାରୀ ନିଖିଲ କୋକୁଲା ଓ ସଂଯୋଜକ ପବିତ୍ର ମୋହନ ସୁବୁଧି ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ପୁରସ୍କାର ବିତରଣ କରିଥିଲେ। ଏହି ଟୁର୍ଣ୍ଣାମେଣ୍ଟକୁ ଆହ୍ୱାନ କମ୍ବାଇନ୍ସ ତରଫରୁ ସଭାପତି ସାଗର କୁମାର ବିଶ୍ୱାଳ, ସମ୍ପାଦକ ପ୍ରଭାସ ଚନ୍ଦ୍ର ସ୍ୱାଇଁ, ମୀନକେତନ ରଥ, ଦୀପକ କୁମାର ଓଝା, ରୁଦ୍ର ମାଧବ ପଣ୍ଡା, ସତ୍ୟନାରାୟଣ ସ୍ୱାଇଁ, ନିର୍ଝର କୁମାର ଜେନା, ବିଶ୍ୱଜିତ ସ୍ୱାଇଁ, ସୁଜିତ କୁମାର ମହାନ୍ତି, ସୌମ୍ୟରଂଜନ ବିଶ୍ୱାଳ ପ୍ରମୁଖ ପରିଚାଳନା କରିଥିଲେ।

# ରାଜ୍ୟ ସ୍ତରୀୟ ମା ରାମଚଣ୍ଡୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦଯାପିତ,କାଇପଦରକୁ ହରାଇ ମଞ୍ଜେଶ୍ୱର ବିଜୟୀ

ଖୋର୍ଦ୍ଧା, (ପି.ଏନ): ବୋଲଗଡ଼ ବ୍ଲକ ଅନ୍ତର୍ଗତ କୋଦୁଅବେରେଣୀ ଗ୍ରାମର ଖେଳ ପଡିଆରେ ମା ରାମଚଣ୍ଡୀ କ୍ରିକେଟ କ୍ଲବ ଦ୍ୱାରା ଆୟୋଜିତ ୧୦ମ ରାଜ୍ୟ ସ୍ତରୀୟ କ୍ରିକେଟ ଟୁର୍ଣ୍ଣାମେଣ୍ଟର ଫାଇନାଲ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି । ଏ ନେଇ ଆଜିର ମ୍ୟାଚ୍‌ଟି କାଇପଦର କ୍ରିକେଟ କ୍ଲବ ଓ ମଞ୍ଜେଶ୍ୱର କ୍ରିକେଟ କ୍ଲବ ମଧ୍ୟରେ ଖେଳ ଅନୁଷ୍ଠିତ ହୋଇଥିଲା । ଏହି ଖେଳରେ କାଇପଦର କ୍ରିକେଟ କ୍ଲବ ପ୍ରଥମେ ବ୍ୟାଟିଂ କରି ନିର୍ଦ୍ଧାରିତ ଓଭରରେ ୧୭୬ ରନ ସଂଗ୍ରହ କରିଥିଲା । ମଞ୍ଜେଶ୍ୱର କ୍ରିକେଟ କ୍ଲବ ବିଜୟ ଲକ୍ଷ୍ୟରେ ୫ଉଇକେଟ ବିନିମୟରେ ୧୮୧ରନ ସଂଗ୍ରହ କରି ବିଜୟ ହାସଲ କରିଥିଲା ।ଏ ନେଇ ପୁରସ୍କାର ବିତରଣ ସଭାରେ ସ୍ଥାନୀୟ ବିଧାୟକ ରାଜେନ୍ଦ୍ର କୁମାର ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଜେତା ଓ ଉପ ବିଜେତା ଦଳକୁ ଯଥାକ୍ରମେ ୨୦ ହଜାର ଓ ୧୬ ହଜାର ନଗଦ ଅର୍ଥ ସହ ୫ଫୁଟ ଉଚ୍ଚତା ବିଶିଷ୍ଟ ୱାଲଡ଼ କପ ଓ ଟ୍ରଫି ପ୍ରଦାନ କରାଯାଇଥିଲା ।ଏହି ଖେଳରେ ରାକେଶ ସାହୁ ମ୍ୟାନ ଅଫ ଦି ମ୍ୟାଚ୍, ବେଷ୍ଟ ବ୍ୟାଟର ବିଶ୍ୱଜିତ ମହାପାତ୍ର,ଫିଲଡ଼ର ନିରଞ୍ଜନ ବେହେରା ଓ ଉଇକେଟ କିପର ଅଭୟ ମଲ୍ଲିକ ପୁରସ୍କାର ଲାଭ କରିଛନ୍ତି । ଖେଳକୁ ଚିତ ରଞ୍ଜନ ପଣ୍ଡା ଓ ମନୋଜ କୁମାର ମହାପାତ୍ର ପରିଚାଳନା କରିଥିବା ବେଳେ ବିଜୟାନନ୍ଦ ସାହୁ, ସୁଧି ରଞ୍ଜନ ପଣ୍ଡା, ରାକେଶ ମହାପାତ୍ର ଓ ସୁଦର୍ଶନ ପ୍ରଧାନ ପ୍ରମୁଖ ସହଯୋଗ କରିଥିଲେ ।

**ଘୋଷଣା**

ଯାନ୍ତ୍ରିକ ତ୍ରୁଟି ଯୋଗୁଁ 'ପର୍ଯ୍ୟବେକ୍ଷକ' ୧୭ ତାରିଖ ସଂସ୍କରଣ ପ୍ରକାଶିତ ହୋଇନଥିବାରୁ ଆମେ ଦୁଃଖିତ। -ପ୍ରକାଶକ

## ବିଜେପିର ପଞ୍ଚାୟତ ନିର୍ବାଚନୀ ବୈଠକ

ଆନନ୍ଦପୁର,(ପି.ଏନ): ଘଷିପୁରା ବ୍ଲକ ଗୋହିରା ପଂଚାୟତ ଠାରେ ବିଜେପିର ପ୍ରାକ୍ ନିର୍ବାଚନୀ ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ପଂଚାୟତର ଗୋହିରା, ଇନ୍ଦୁପୁରା, ତାଳଗାଁ, ଓସ୍ତପୁରା, ଭୋଳାନୂଆଗାଁ, କଲରାଗଡିଆ ସମେତ ୧୨ଗୋଟି ୱାର୍ଡରୁ ୫୦ରୁ ଉର୍ଦ୍ଧ୍ୱ ବରିଷ୍ଠ କର୍ମକର୍ତ୍ତା ଯୋଗ ଦେଇ ଆଗାମୀ ନିର୍ବାଚନ ରଣନୀତି ପ୍ରସ୍ତୁତ କରିଥିଲେ । ବରିଷ୍ଠ ବିଜେପି ନେତା ତଥା ସମାଜସେବୀ ଡ.ଶମ୍ଭୁନାଥ ରାଉତଙ୍କ ତତ୍ତ୍ୱାବଧାନରେ ସରକାରଙ୍କ କୋଭିଡ୍ କଟକଣାକୁ ଆଖି ଆଗରେ ରଖି ଶୃଙ୍ଖଳାର ସହ ପ୍ରାର୍ଥୀଙ୍କୁ ଜିତାଇବା ପାଇଁ ଉପସ୍ଥିତ ସମସ୍ତ ସଦସ୍ୟ/ସଦସ୍ୟା ଶପଥ ନେଇଥିଲେ । ବୈଠକରେ କୃଷ୍ଣଚନ୍ଦ୍ର ଧୀର, ତପନ ଧୀର, ବାବୁଲି ପାତ୍ର, ସୌଦାମିନୀ ଯେନା, ପୁଷ୍ପଲତା ମହାନ୍ତି, ମାମୁନି ହାସଦା, ରାଜୁ ନାୟକ, କେଶବ ମଲ୍ଲିକ, କାଳନ୍ଦୀ ଦାସ, ବଳଭଦ୍ର ନାୟକ, ଅଟଳ ମହାନ୍ତି, ପ୍ରାଣକୃଷ୍ଣ ପାତ୍ର, ବଳରାମ ନାୟକଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗ ଦେଇଥିଲେ ।

## ଆନନ୍ଦପୁର ଅବକାରୀ ବିଭାଗର ଚଢାଉ, ୩ ଗିରଫ

ଆନନ୍ଦପୁର,(ପି.ଏନ):କେନ୍ଦୁଝର ଜିଲ୍ଲା ଅବକାରୀ ଅଧିକ୍ଷକ ସୀତାକାନ୍ତ ମୁଦୁଲିଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଅବକାରୀ ନୀରିକ୍ଷକ ପ୍ରଫୁଲ ମହାନ୍ତି ଓ ଆନନ୍ଦପୁର ଅବକାରୀ ବିଭାଗର ଓଆଇସି ନରେନ୍ଦ୍ର ପ୍ରଧାନଙ୍କ ସମେତ କର୍ମଚାରୀ ସୀବ ସେଠୀ, ନିବେଦିତା ମାଝୀ, ସୁଶାନ୍ତ କୁମାର ରାଉତ ପ୍ରମୁଖ ଘଷିପୁରା ଥାନା ଅଧିନସ୍ଥ ଅନଳପାଳ, ପାଇକଛତ୍ର, ଗୋହିରା ଠାରେ ଆଜି ଚଢାଉ କରି ୪୯ଲିଟର ମଦ ସହ ୪୮୦କେ.ଜି. ମହୁଲ ପୋଚ ଜବତ କରିବା ସହ ୩ଜଣଙ୍କୁ ଗିରଫ କୋର୍ଟ ଚାଲାଣ କରିଛନ୍ତି ।

# ମୋବାଇଲ ନେଟୱର୍କ ଯୋଗାଇଦେବା ପାଇଁ ଛାତ୍ରଛାତ୍ରୀଙ୍କ ଦାବୀପତ୍ର

କେନ୍ଦୁଝର, (ପି.ଏନ): ତେଲକୋଇ ବ୍ଲକ ଅନ୍ତର୍ଗତ ତାଳପଦା ପଂଚାୟତ ଅଞ୍ଚଳରେ ମୋବାଇଲ ନେଟୱର୍କ ସୁବିଧା ନଥିବାରୁ ଛାତ୍ରଛାତ୍ରୀମାନେ ପାଠପଢାରୁ ବଂଚିତ ହେଉଛନ୍ତି। ବଣପାହାଡ ଘେରା ଏହି ଦୁର୍ଗମ ଅଞ୍ଚଳରେ ଅନଲାଇନ ପାଠପଢା ଏବଂ ପରୀକ୍ଷା ବ୍ୟାଘାତ ହୋଇଛି। ଅନଲାଇନରେ ପାଠ ପଢିବା ପାଇଁ ୫/୬ କିଲୋମିଟର ଚାଲି ଚାଲି ଉଚ୍ଚ ଜାଗାକୁ ଯିବାକୁ ପଡୁଛି। ତାଳପଦା ପଂଚାୟତ ର ଗୁରୁମ, ତାଳପଦା, ଶିମିଳିପାଳ, ରଙ୍ଗମାଟିଆ ଗ୍ରାମରେ ଆଦୌ ଟାୱାର ନାହିଁ ଓ ପଙ୍ଗା ଓ ବଡଖମଣରେ ବିଏସଏନଏଲ ଟାୱାର ଅଛି କିନ୍ତୁ ଇଣ୍ଟରନେଟ ନାହିଁ। ଏହାକୁ ନେଇ ସ୍ଥାନୀୟ ଲୋକମାନେ ତଥା ଛାତ୍ରଛାତ୍ରୀମାନେ ପୂର୍ବରୁ କେନ୍ଦୁଝର ଜିଲ୍ଲାପାଳ ଓ ତେଲକୋଇ ବିଡିଓଙ୍କୁ ଜଣାଇଥିଲେ ହେଁ ସମାଧାନ ହୋଇନାହିଁ। ତେଣୁ ସେମାନେ ଏ ନେଇ ଆଜି ପୁଣି ଜିଲ୍ଲାପାଳଙ୍କ ନିକଟକୁ ଆସି ଅଭିଯୋଗ କରି ମୋବାଇଲ ଟାୱାର ବସାଇବା ପାଇଁ ପଦକ୍ଷେପ ନେବାକୁ ଦାବୀ କରିଛନ୍ତି। ତାଳପଦା ଗ୍ରାମରେ ଜିଓ କମ୍ପାନୀର ଏକ ଟାୱାର ଦୀର୍ଘ ୧ ବର୍ଷ ହେବ ବସିଥିଲେ ମଧ୍ୟ କାର୍ଯ୍ୟକ୍ଷମ ହୋଇପାରିନାହିଁ। ଏହାକୁ କାର୍ଯ୍ୟକ୍ଷମ କରିବା ପାଇଁ ଅନେକ ଥର ପଂଚାୟତବାସୀ ଦାବୀ କରି ଆସୁଛନ୍ତି। ଜାନୁୟାରୀ ୩୧ ସୁଦ୍ଧା ସମାଧାନ ନ ହୁଏ ସେମାନେ ୧ ତାରିଖ ରୁ ତେଲକୋଇ ବିଡିଓଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଅନଶନ କରିବେ ବୋଲି ସ୍ନେହଲତା ବେହେରା,ଲିଖିଲ କୁମାର ପ୍ରଧାନ,ବିଭୂତି ସାହୁ,ଗାୟତ୍ରୀ ପ୍ରଧାନ, ଯାସେନୀ ବେହେରା, ରୀମାରାଣୀ ସାହୁ, ସଚ୍ଚିଦାନନ୍ଦ ପ୍ରଧାନ, ଶକ୍ତିମାନ ସାହୁ,ତ୍ରିଲୋଚନ ସାହୁ ଙ୍କ ସମେତ ବହୁ ଛାତ୍ରଛାତ୍ରୀମାନେ ଚେତାବନୀ ଦେଇଛନ୍ତି।

# ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନରେ ଆଜି ନାମାଙ୍କନପତ୍ର ପ୍ରଥମ ଦିନରେ ଦାଖଲ କଲେ ବାଙ୍କୀ ଓ ଡମପଡ଼ା ବ୍ଲକ , ୮୪ଜଣ ୱାର୍ଡ ସଭ୍ୟ, ୧୫ଜଣ ସରପଞ୍ଚ, ୩ଜଣ ସମିତି ସଭ୍ୟ ପାଇଁ ପ୍ରାର୍ଥୀପତ୍ର

ବାଙ୍କୀ,(ପି.ଏନ): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ରଣାଙ୍ଗନରେ ଅବତିର୍ଣ୍ଣ ପାଇଁ ବିଭିନ୍ନ ରାଜନୈତିକ ଦଳ ତା'ର ରଣ କୌଶଳ ଆରମ୍ଭ କରିଥିବା ବେଳେ ନିର୍ବାଚନ କମିଶନଙ୍କ ପକ୍ଷରୁ ଆଜି ନାମାଙ୍କନପତ୍ର ଦାଖଲର ପ୍ରଥମ ଦିନରେ ଡମପଡ଼ା ବ୍ଲକର ସମିତି ସଭ୍ୟ ପଦପାଇଁ ଡମପଡ଼ା ବ୍ଲକ କାର୍ଯ୍ୟାଳୟ ଠାରେ ବାଆଁରା, ଡମପଡ଼ା ଓ ଗୋପାଳପୁର ପଞ୍ଚାୟତର ଜଣେ ଲେଖାଏଁ ସମିତି ସଭ୍ୟ ପଦପାଇଁ ପାର୍ଥୀପତ୍ର ବ୍ଲକ ନିର୍ବାଚନ ଅଧିକାରୀଙ୍କ ଜରିଆରେ ଦାଖଲ କରିଛନ୍ତି । ସେହିପରି ସରପଞ୍ଚ ପଦ ପାଇଁ ଡମପଡ଼ା ବ୍ଲକର ଢଁସର, ହରିରାଜପୁର, ରଗଡ଼ି, କୁଶୁପଙ୍ଗି, ନରଗାଙ୍ଗ ପଞ୍ଚାୟତର ସରପଞ୍ଚ ପଦପାଇଁ ୧୧ଜଣ ପାର୍ଥୀ ନିଜର ନାମାଙ୍କନପତ୍ର ପଞ୍ଚାଳୟ କାର୍ଯ୍ୟାଳୟରେ ଦାଖଲ କରିଥିବା ସୂଚନା ମିଳିଛି। ସେହିପରି ଡମପଡ଼ା ବ୍ଲକର ୧୭ଗୋଟି ପଞ୍ଚାୟତର ୩୨ଜଣ ୱାର୍ଡ ମେମ୍ବର ପଦବୀ ପାଇଁ ପାର୍ଥପତ୍ର ଦାଖଲ କରିଥିବା ଜଣାପଡ଼ିଛି। ବାଙ୍କୀ ବ୍ଲକର ୨୦ଗୋଟି ପଞ୍ଚାୟତରୁ ସରପଞ୍ଚ ପଦବୀ ପାଇଁ ଓସ୍ତିଆ ୧ଜଣ, ସୁବର୍ଣ୍ଣପୁରରୁ ୨ଜଣ ଓ ଗୋଳାଗଣ୍ଡ ୧ଜଣ ପାର୍ଥୀପତ୍ର ଦାଖଲ କରିଥିବା ଜଣାପଡିଛି। ସମିତି ସଭ୍ୟ ପଦପାଇଁ କୌଣସି ପାର୍ଥୀପତ୍ର ଦାଖଲ ହୋଇନଥିବା ବାଙ୍କୀ ବ୍ଲକ କାର୍ଯ୍ୟାଳୟରୁ ଜଣାପଡିଛି। ବାଙ୍କୀ ବ୍ଲକର ୨୦ଟି ପଞ୍ଚାୟତରୁ ୫୨ଜଣ ୱାର୍ଡମେମ୍ବର ପଦବୀ ପାଇଁ ପାର୍ଥୀପତ୍ର ଦାଖଲ କରିଥିବା ବ୍ଲକ ପକ୍ଷରୁ ସୂଚନା ମିଳିଛି।

## ବାଙ୍କୀ ବିଜେଡିର ମିଶ୍ରଣ ପର୍ବ ଓ ପାର୍ଥୀପତ୍ର ଘୋଷଣା

ବାଙ୍କୀ,(ପି.ଏନ): ଆଗାମୀ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନକୁ ଦୃଷ୍ଟିରେ ରଖି ପ୍ରତ୍ୟେକ ଦଳ ନିଜ ନିଜର ରଣକୌଶଳ ଅପଣେଇଥିବା ବେଳେ ପ୍ରତ୍ୟେକ ଦଳ ଅନ୍ୟଦଳରୁ ନେତାମାନଙ୍କୁ ଆଣି ନିଜ ଦଳର ପତିଆରା ଜାହିର କରୁଥିବା ଦେଖିବାକୁ ମିଳିଛି। ଏହି ପରିପ୍ରେକ୍ଷୀରେ ଆଜି ବାଙ୍କୀ ବିଜୁ ଜନତା ଦଳ ପକ୍ଷରୁ ବାଙ୍କୀ ବ୍ଲକ ବଳଭଦ୍ରପୁର ଗ୍ରାମ ପଞ୍ଚାୟତ ଠାରେ ୩୪ନମ୍ବର ଜୋନ୍‌ର ଜିଲ୍ଲା ପରିଷଦ ସଦସ୍ୟା ଭାବେ ନିର୍ବାଚନରେ ପ୍ରତିନିଧିତ୍ୱ କରିବା ପାଇଁ ବାଙ୍କୀର ପୂର୍ବତନ ବିଧାୟକ ପ୍ରଭାତ କୁମାର ତ୍ରିପାଠୀ ଘୋଷଣା କରିଥିବା ବେଳେ ଉକ୍ତ ପଞ୍ଚାୟତ ସରପଞ୍ଚ ଭାବେ ସନ୍ଧ୍ୟାରାଣୀ ସାହୁ ଓ ସମିତି ସଭ୍ୟା ଭାବେ ବାଙ୍କୀ ବ୍ଲକର ପୂର୍ବତନ ଅଧ୍ୟକ୍ଷା ପୁଷ୍ପଲତା ସାମନ୍ତଙ୍କୁ ବିଜେଡି ସମର୍ଥିତ ପାର୍ଥୀ ରୂପେ ଘୋଷଣା କରାଯାଇଥିଲା।

# ଭାରତୀୟ ଭାଷା ଆନ୍ଦୋଳନ (ପଶ୍ଚିମବଙ୍ଗ)ରେ ସାଙ୍ଗଠନିକ ବିଚାର ବୈଠକ ଏବଂ ବିବେକାନନ୍ଦ ଜୟନ୍ତୀ ଅନୁଷ୍ଠିତ




ଭୁବନେଶ୍ୱର,(ପି.ଏନ): ଭାରତୀୟ ଭାଷା ଆନ୍ଦୋଳନ (ପଶ୍ଚିମବଙ୍ଗ)ର ରାଷ୍ଟ୍ରୀୟ କାର୍ଯ୍ୟକାରିଣୀ ସଦସ୍ୟ ଶ୍ରୀ ଶଙ୍କର ସିହ୍ନା ଏବଂ ଅନ୍ୟାନ୍ୟ ଆଇନଜୀବୀଙ୍କ ନେତୃତ୍ୱରେ ବିବେକାନନ୍ଦ ଜୟନ୍ତୀ ଏବଂ ସାଙ୍ଗଠନିକ ବିସ୍ତାର ସମ୍ପର୍କିତ ବୈଠକ ଆୟୋଜିତ ହୋଇଯାଇଛି। ରାଷ୍ଟ୍ରୀୟ ଅଧ୍ୟକ୍ଷ ଶ୍ରୀ ଅରୁଣ ଭରଦ୍ୱାଜ ଓ ରାଷ୍ଟ୍ରୀୟ ମହାମନ୍ତ୍ରୀ ପ୍ରଶାନ୍ତ ବର୍ମାଙ୍କ ସଂଗଠନର ନୂତନ ଓ ପୁରାତନ ନେତୃବର୍ଗଙ୍କ ଯଥା-ସର୍ବୋଚ୍ଚ ନ୍ୟାୟାଳୟର ଶ୍ରୀମାନ୍ ଶ୍ରାବଣୀ ଚକ୍ରବର୍ତ୍ତୀ, ପୂର୍ବ ମିଦିନାପୁର ବିଧାୟକଙ୍କ ପୁତ୍ର ଶ୍ରୀ ସଞ୍ଜୀବ କୁମାର ନାୟକ, ଉତ୍ତର-୧୪ ପ୍ରଗଣାର ପ୍ରଫେସର ପ୍ରବୀର ବାଗ, ଶ୍ରୀମାନ ଦେବନାଥ ପାର୍ଥ, ଉତ୍ତର ୧୪ ପ୍ରଗଣା (ଶ୍ରୀମାନ୍ ପାର୍ଥ ସରକାର) କଲିକତା ଉଚ୍ଚନ୍ୟାୟାଳୟ (ଶ୍ରୀମାନ୍ ଦେବନାଥ ପାର୍ଥ), ଉତ୍ତର ୧୪ ପ୍ରଗଣା (ଶ୍ରୀମାନ୍ ପାର୍ଥ ସରକାର), କଲିକତା ଉଚ୍ଚ ନ୍ୟାୟାଳୟ ଶ୍ରୀମାନ୍ ରଘୁନାଥ ମଣ୍ଡଳ, (ମେଦିନୀପୁର) ଆଦି ଉପସ୍ଥିତ ରହି ଆଗାମୀ ଦିନରେ ଭାରତୀୟ ଭାଷା ଆନ୍ଦୋଳନର କାର୍ଯ୍ୟାବଳୀ ବୃଦ୍ଧି ଓ ସମୟ ସମୟରେ ଜିଲ୍ଲାର ସ୍ତରରେ ସାଙ୍ଗଠନିକ ବୈଠକ ଆୟୋଜନ କରାଯିବ ବୋଲି ମତବ୍ୟକ୍ତ କରିଥିଲେ।

MAHARISHI PUBLIC SCHOOL

2021-2022



ADMISSION OPEN

Maharishi Public School, Baripada

STD-NURSERY TO VIII

ENROLL YOUR CHILD TODAY

(Special discount for new admission before 15.03.2021)

Find the Difference
- Small Classes
- Experienced, trained & loving teachers.
- Individual attention to each child.
- Regular meditation and yoga.
- Unique exam system, evaluation & Principles etc.

25% reservation as per RTE Act (2009)

MAHARISHI PUBLIC SCHOOL
Baghra Road, Baripada
For details
Contact :
Call-9438102188, 06792-255227
Time : 8.00 A.M. to 12.00 noon
E-mail- mps.bpd@gmail.com
Find us on
Facebook.com/Mps, Baripada




Bhubaneswar Tuesday January 18, 2022 ଭୁବନେଶ୍ୱର ମଙ୍ଗଳବାର, ଜାନୁଆରୀ ୧୮,୨୦୨୨ Daily Edition : R.N.I.No: ODIODI /1999/00717 Postal Regd. No: BN/57/18-20 www.paryabekhyak.com ୮


# ପ୍ରତାପନଗରୀ କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ : ତିନିଘରିଆକୁ ହରାଇ ମରିଚିଆ ଚମ୍ପିଆନ



ଫୁଲନଖରା,(ପି.ଏନ): ସଦର ଥାନା ଅନ୍ତର୍ଗତ ପ୍ରତାପନଗରୀଠାରେ ୫ଦିନ ଧରି ଚାଲିଥିବା ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଯାପିତ ହୋଇଛି। ଏଥିରେ ୧୬ଟି ଦଳ ଭାଗ ନେଇଥିଲେ। ଫାଇନାଲ ମ୍ୟାଚ କଟକର ତିନିଘରିଆ ଫୁଟବଲ ଟିମ ଓ ବାରଙ୍ଗ ମରିଚିଆ ଟିମ ମଧ୍ୟରେ ଖେଳା ଯାଇଥିଲା। ଏହି ସଂଘର୍ଷପୂର୍ଣ୍ଣ ଖେଳରେ କେହି କାହାରିକୁ ଗୋଲ ଦେଇନପାରିବାରୁ ରେଫରୀ ଟାଇ ବ୍ରେକର ମାଧ୍ୟମରେ ଫଇସଲା କରିଥିଲେ। ଏଥିରେ ମରିଚିଆ ଦଳ ୪-୩ ଗୋଲରେ ତିନିଘରିଆକୁ ହରାଇ ଚମ୍ପିଆନ ହୋଇଥିଲା। ଧାକୁଲେଇ ଯୁବକ ସଂଘ ସଭାପତି ନିରଂଜନ ରାଉତଙ୍କ ଅଧକ୍ଷତାରେ ଆୟୋଜିତ ପୁରସ୍କାର ବିତରଣୀ ଉତ୍ସବରେ କଟକ ସଦର ବିଧାୟକ ଚନ୍ଦ୍ରସାରଥି ବେହେରା ମୁଖ୍ୟ ଅତିଥିରୂପେ ଯୋଗଦେଇ ଚମ୍ପିଆନ ଦଳକୁ ୧୦ହଜାର ଓ ରନର୍ସ ଅପ ଦଳକୁ ୭ହଜାର ଟଙ୍କା ସହିତ ପ୍ରତାପନଗରୀ ଫୁଟବଲ କପ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସୁବାସ ପାତ୍ର, କୌଶିକ ଜେନା, ପ୍ରମୋଦ ସ୍ୱାଇଁ, ପ୍ରମୋଦ ବେହେରା, ବାଦଲ ଜେନା, ନିରନ ରାଉତ, ବିକ୍ରମ ରାଉତ, ପ୍ରମୋଦ ମହାପାତ୍ର, ସୁଶାନ୍ତ ମହାନ୍ତି, ବିକ୍ରମ ଶତପଥି ପ୍ରମୁଖ ସମ୍ମାନିତ ଅତିଥିଭାବେ ଉପସ୍ଥିତ ରହି ଖେଳାଳିଙ୍କୁ ଉତ୍ସାହିତ କରିଥିଲେ। ସୟ ମହାନ୍ତି, ସନାତନ ଦାସ, ତ୍ରିନାଥ ବେହେରା, ସାଗର ରାଉତ, ରିତ ସ୍ୱାଇଁ, ସୋମନାଥ ଜେନା, ଶିବୁନ ସେନାପତି, ରୋହିତ ସ୍ୱାଇଁ, ରାଜେଶ ରାଉତ, ଅତିଶ ସେନାପତି ଓ ସଂଜୟ ରାଉତ ଖେଳ ପରିଚାଳନା କରିଥିଲାବେଳେ ଧାକୁଲେଇ ଯୁବକ ସଂଘ ସଦସ୍ୟମାନେ ସହଯୋଗ କରିଥିଲେ।

## ଡିଙ୍କିଆରେ ପୋଲିସ ଜୁଲମ ପ୍ରତିବାଦରେ ଏସୟୁସିଆଇର ପ୍ରତିବାଦ

ଧର୍ମଶାଳା, (ପିଏନ୍): ଡିଙ୍କିଆ ଗାଁରେ ଘଟିଥିବା ପୋଲିସ ବର୍ବରତା ବିରୁଦ୍ଧରେ ରବିବାର ଏସୟୁସିଆଇ (କମ୍ୟୁନିଷ୍ଟ) ପକ୍ଷରୁ ଜାରକାସ୍ଥିତ ଶାନ୍ତି ବଜାରରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ଡିଙ୍କିଆର ଚାଷୀ, ମହିଳା,ବୃଦ୍ଧ, ବୃଦ୍ଧା ଓ ଶିଶୁମାନଙ୍କ ଉପରେ ହୋଇଥିବା ପୋଲିସର ବର୍ବରତା ବିରୁଦ୍ଧରେ ପ୍ରତିବାଦ କରାଯାଇଥିଲା । ଏହି ପ୍ରତିବାଦ ସଭାରେ କମ୍ରେଡ ମଧୁସ୍ମିତା ସାହୁ, ପ୍ରଭାତି ମଲିକ, ଦମୟନ୍ତୀ ମୁଦୁଲୀ, ବିଚିତ୍ର ଦାସ,ପ୍ରଶାନ୍ତ ସ୍ୱାଇଁ ପ୍ରମୁଖ କର୍ମୀଯୋଗଦେଇ ଜିନ୍ଦଲ କମ୍ପାନୀର ମଧୁଚନ୍ଦ୍ରିକାରେ ପୋଲିସ ଡିଙ୍କିଆରେ ବଳପୂର୍ବକ ଚାଷଜମି ପାନ ବରଜ ଓ ଭିଟାମାଟି ଦଖଲକରିବାକୁହିନ ଚକ୍ରାନ୍ତ ଚଳାଇ ନିରିହ ଲୋକଙ୍କ ଉପରେ ଲାଠିଚାଳନା କରାଯାଉଛି । ଯାହା ଫଳରେବହୁଲୋକଗୁରୁତରଭାବେ ଆହତ ହୋଇଛନ୍ତି ।

## ଜଗନ୍ନାଥପୁର ପଞ୍ଚାୟତରେ ୭ଜଣଙ୍କ ନାମାଙ୍କନ ପତ୍ର ଦାଖଲ



ଫୁଲନଖରା,(ପି.ଏନ): ଆସନ୍ତା ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପାଇଁ ଆଜିଠାରୁ ପ୍ରାର୍ଥୀମାନଙ୍କ ନାମାଙ୍କନ ପତ୍ର ଦାଖଲ ପ୍ରକ୍ରିୟା ଆରମ୍ଭ ହୋଇଛି। ଏହି କ୍ରମରେ ବାଲିଅନ୍ତା ବ୍ଲକ ଅନ୍ତର୍ଗତ ଜଗନ୍ନାଥପୁର ପଞ୍ଚାୟତ ପାଇଁ ପ୍ରଥମ ଦିନରେ ଜଣେ ସରପଞ୍ଚଙ୍କ ସମେତ ମୋଟ ୭ଜଣ ନିଜ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ପଞ୍ଚାୟତର ଯୁବ ସଂଗଠକ ତଥା ଶାସକ ବିଜେଡ଼ି ଦଳ ସମର୍ଥୀତ ପ୍ରାର୍ଥୀ ଭାବେ ରବିନ୍ଦ୍ରକୁମାର ସେଠୀ ସରପଞ୍ଚ ପଦବୀ ପାଇଁ ନିଜର ପ୍ରାର୍ଥୀ ପତ୍ର ଦାଖଲ କରିଛନ୍ତି। ଜନସାଧାରଣଙ୍କ ସ୍ନେହ, ଶ୍ରଦ୍ଧା ଓ ଭଲପାଇବାକୁ ପାଥେୟ କରି ସେ ଆଜି ନିର୍ବାଚନ ରଣାଙ୍ଗନରେ ଅବତୀର୍ଣ୍ଣ ହୋଇଛନ୍ତି ଏବଂ ପଞ୍ଚାୟତର ଜନ କଲ୍ୟାଣକାରୀ କାର୍ଯ୍ୟକୁ ସେ ଆଗେଇ ନେବାକୁ ସଂକଳ୍ପବଦ୍ଧ ବୋଲି ନାମାଙ୍କନ ପତ୍ର ଭରିବା ପରେ ଗଣମାଧ୍ୟମକୁ ସୂଚନା ଦେଇଛନ୍ତି। ଏତଦ ବ୍ୟତୀତ ଆଜି ପଞ୍ଚାୟତର ବିଭିନ୍ନ ୱାର୍ଡ଼ରୁ ମୋଟ ୬ଜଣ ୱାର୍ଡ଼ ମେମ୍ବର ପଦବୀ ପାଇଁ ନିଜର ପ୍ରାର୍ଥ ପତ୍ର ଦାଖଲ କରିଥିବା ଜଣାପଡ଼ିଛି। ସୂଚନାଯୋଗ୍ୟ ଜଗନ୍ନାଥପୁର ପଞ୍ଚାୟତର ସରପଞ୍ଚ ଆସନଟି ତଫସିଲଭୁକ୍ତ ଜାତି ବର୍ଗଙ୍କ ପାଇଁ ସଂରକ୍ଷିତ ରହିଛି।

# ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ପ୍ରସ୍ତୁତି ବୈଠକ

ବାଲେଶ୍ୱର,(ପି.ଏନ): ଆଜି ଅପରାହ୍ଣ ୩ଘଟିକା ସମୟରେ ସ୍ଥାନୀୟ ସଦଭାବନା ସଭାଗୃହରେ ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ-୨୦୨୨ ପାଳନ ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଶ୍ରୀ କେ.ସୁଦର୍ଶନ ଚକ୍ରବର୍ତୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ବୈଠକରେ କୋଭିଡ୍-୧୯ କଟକଣାକୁ ଦୃଷ୍ଟିରେ ରଖି ଓଡିଶା ସରକାରଙ୍କ ସ୍ୱରାଷ୍ଟ୍ର ବିଭାଗ ତରଫରୁ ଜାରି କରାଯାଇଥିବା ମାର୍ଗଦର୍ଶିକା ଅନୁଯାୟୀ ସାଧାରଣତନ୍ତ୍ର ଦିବସ ପାଳନ ନିମନ୍ତେ ନିଷ୍ପତି ନିଆଯାଇଥିଲା । ଗତବର୍ଷର ବିବରଣୀ ଉପସ୍ଥାପନ କ୍ରମେ ବୈଠକରେ ଆଲୋଚନା କରାଯାଇ ଏହି ଜାତୀୟ ଦିବସ ପାଳନ ସମ୍ପର୍କିତ ନିଷ୍ପତିମାନ ନିଆଯାଇଥିଲା । ସାଧାରଣତନ୍ତ୍ର ଦିବସ ଦିନ ପ୍ରତ୍ୟୁଷରେ ଜିଲ୍ଲା ସୂଚନା ଓ ଲୋକସଂପର୍କ କାର୍ଯ୍ୟାଳୟ ତରଫରୁ ଡାକବାଜି ଯନ୍ତ୍ର ଦ୍ୱାରା ବାଲେଶ୍ୱର ପୌରାଂଚଳରେ ରାମଧୂନ ପରିବେଷଣ କରାଯିବ। ସରକାରୀ ଓ ବେସରକାରୀ ଅନୁଷ୍ଠାନମାନଙ୍କରେ କୋଭିଡ ନିୟମାବଳୀର ଅନୁପାଳନ ପୂର୍ବକ ସକାଳ ଘ୭.୩୦ ମିନିଟ ସୁଦ୍ଧା ଜାତୀୟ ପତାକା ଉତୋଳନ କରାଯିବ । ଜିଲ୍ଲାସ୍ତରୀୟ ସାଧାରଣତନ୍ତ୍ର ଦିବସ ସ୍ଥାନୀୟ ପୋଲିସ ପଡିଆଠାରେ ଅନୁଷ୍ଠିତ ହେବାକୁ ଥିବା ବେଳେ ଦିବସର ମୁଖ୍ୟ ଅତିଥି ଜାତୀୟ ପତାକା ଉତୋଳନ କରିବେ ।

## ଧର୍ମଶାଳାବ୍ଲକ ଅଧ୍ୟକ୍ଷ କୁମାରୀ ପଂଚାୟତ ସମିତି ସଭ୍ୟ ପ୍ରାର୍ଥୀ

ଧର୍ମଶାଳା,(ପିଏନ୍): ଧର୍ମଶାଳା ବ୍ଲକ ଅଧ୍ୟକ୍ଷ ପ୍ରଭାତ କୁମାର ବଳବନ୍ତରାୟ କୁମାରୀ ପଂଚାୟତର ସମିତି ସଭ୍ୟ ପ୍ରାର୍ଥୀ ଭାବେ ଘୋଷଣା କରାଯାଇଛି। ସେ ବିଜୁଜନତା ଦଳର ସମର୍ଥୀତ ପ୍ରାର୍ଥୀ ଭାବେ ଚଳିତ ନିର୍ବାଚନରେ କୁମାରୀ ପଂଚାୟତରୁ ପ୍ରତିଦ୍ୱନ୍ଦିତା କରିବେ। ଶ୍ରୀବଳବନ୍ତରାୟ ଗତ ୨୦୧୭ ପଂଚାୟତ ନିର୍ବାଚନରେ ଭବାନୀପୁର ପଂଚାୟତରୁ ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ସେହିପରି ଧର୍ମଶାଳାବ୍ଲକର ପାଟପୁର ପଂଚାୟତର ସରପଂଚ ପ୍ରାର୍ଥୀ ଭାବେ ମମତା ଦାସ ଓ ସମିତି ସଭ୍ୟ ଶୁଭସ୍ମିତା ମିଶ୍ର, ସୁନ୍ଦରିଆ ପଂଚାୟତର ସରପଂଚ ପ୍ରାର୍ଥୀ ଭାବେ ନିର୍ମଳ ଦାସ ଓ ସମିତି ସଭ୍ୟ ନିତ୍ୟାନନ୍ଦ ବିଶ୍ୱାଳ, ଆରୁହା ପଂଚାୟତର ସରପଂଚ ପ୍ରାର୍ଥୀଭାବେ ବନ ପ୍ରଭାବଳ ଓ ସମିତି ସଭ୍ୟ ମମତା ମାଝୀ, ପାଖର ସରପଂଚ ପ୍ରାର୍ଥୀ ଭାବେ ସବ୍ୟସାଚୀ ଦାସ ଓ ସମିତି ସଭ୍ୟ ମଲିକା ପରିଡା, ଚୋରମୁହାଁ ପଂଚାୟତର ସମିତି ସଭ୍ୟ ଭାବେ ପ୍ରିୟବ୍ରତ ପ୍ରଧାନ ପ୍ରମୁଖଙ୍କୁ ଦଳୀୟ ସମର୍ଥନ ମିଳିଥିବା ଅସମର୍ଥିତ ସୂତ୍ରରୁ ପ୍ରକାଶ।

# ପଶ୍ଚିମ ବଡ଼ଚଣାରେ ହାତୀ ଉପଦ୍ରବ



ଚଣ୍ଡିଖୋଲ,(ପିଏନ) : ବଡ଼ଚଣା ବ୍ଲକ ଅନ୍ତର୍ଗତ ପଶ୍ଚିମ ବଡ଼ଚଣାର ଶାଳପଡ଼ା ପଂଚାୟତ ଅଧିନ ଜୋଗଡ଼ିଆ ଗ୍ରାମର କୁଳମଣି ସାହୁ ଓ ମାଗୁ ପାତ୍ରଙ୍କ ଧାନଖଳା ଉପରେ ହାତୀଉପଦ୍ରବ କରିଅଛି। ଅଦିନିଆ ବର୍ଷା ହେବା ଦ୍ୱାରା ଚାଷୀମାନେ ବହୁ ଅସୁବିଧାର ସମ୍ମୁଖିନ ହୋଇ ଚାଷ ଜମିରୁ ନିଜ ଖଳାକୁ ଆଣି ଧାନ ଅମଳ କରିଥିଲେ। ଚାଷୀ ଉକ୍ତ ଧାନକୁ ଅମଳ କରି ଧାନକୁ ଅଖାରେ ଭର୍ତ୍ତିକରି ବିକ୍ରି ପାଇଁ ରଖିଥିଲେ। ଅଧିକନ୍ତୁ ସେ ଅଂଚଳରେ ବାରମ୍ବାର ହାତୀ ଉପଦ୍ରବ କରିଥାନ୍ତି। ବିଭିନ୍ନ ପ୍ରକାର ଫସଲ, ନିଜର ବାସଗୃହ, ଫଳ ଫସଲ ମଧ ହାତୀମାନେ ଉଜାଡ଼ି ଦେଇଥାନ୍ତି। ହାତୀ ତାଙ୍କ ଖଳାରେ ପସି ବନ୍ଧା ହୋଇଥିବା ଧାନ ଅଖାକୁ ନିଜ ଶୁଣ୍ଢରେ ଟେକିନେଇ କିଛି ଖାଇବା ସହ ବହୁ ଧାନକୁ ନଷ୍ଟ କରିବାର ଦେଖାଯାଇଛି। ଏ ସମ୍ପର୍କରେ ପୂର୍ବରୁ ମଧ ବନାଂଚଳ ଅଧିକାରୀ ବୈରୀ ଓ ଚଣ୍ଡିଖୋଲ ଫରେଷ୍ଟରଙ୍କୁ ଜଣାଇଲେ ପରେ ମଧ ସେମାନେ ହାତୀକୁ ରୋକିବା ପାଇଁ ଚେଷ୍ଟା କରିଥାନ୍ତି। ଅଧିକନ୍ତୁ ଚାଷିମାନେ ଆଜିପର୍ଯ୍ୟନ୍ତ ବହୁ ଅସୁବିଧାର ସମ୍ମୁଖିନ ହେଉଛନ୍ତି। ହତୀ ଧାନ ଖାଇବା ଓ ନଷ୍ଟ କରିବା ସମ୍ପର୍କରେ କୁଳମଣୀ ସାହୁ ଓ ମାଗୁପାତ୍ର ଚଣ୍ଡିଖୋଲ ଫରେଷ୍ଟରଙ୍କୁ କ୍ଷତି ପୂରଣ ପାଇଁ ଏକ ଲିଖିତ ଆବେଦନ କରିଛନ୍ତି। ତାଙ୍କର ଦାବି ପୂରଣ ପାଇଁ ଉକ୍ତ ଗ୍ରାମର ବାସୀନ୍ଦାମାନେ ଯାଜପୁର ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

# ନୂଆସୁଙ୍ଗୁଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ଦାବି ନେଇ ସମୂହ ଭୋଟ ବର୍ଜନ ନିଷ୍ପତ୍ତି




ଚଣ୍ଡିଖୋଲ,(ପିଏନ): ଦର୍ପଣ ତହସିଲ ଅନ୍ତର୍ଗତ ସୁଙ୍ଗୁଡ଼ା ମୌଜାର ନୂଆ ସୁଙ୍ଗୁଡ଼ା ଗ୍ରାମଟି ରହିଥିବା ଏକ ପଡ଼ା ଗ୍ରାମରେ ଆଜି ପର୍ଯ୍ୟନ୍ତ ପରିଗଣିତ ହୋଇ ଆସୁଅଛି। ସ୍ୱାଧିନତାର ୭୫ବର୍ଷ ପରେ ମଧ ଆଜି ସୁଦ୍ଧା ଉକ୍ତ ନୂଆସୁଙ୍ଗୁଡ଼ା ପ୍ରଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ଭାବେ ସରକାର ପରିଗଣିତ କରିପାରିନାହାଁନ୍ତି। ରାଜସ୍ୱ ଗ୍ରାମ ଭାବେ ଦାବି ରଖି ଆଜି ନୂଆସୁଙ୍ଗୁଡ଼ା ଗ୍ରାମ କମିଟି ପକ୍ଷରୁ ଶିବ ମନ୍ଦିର ପରିସରରେ ଏକ ସାମ୍ବାଦିକ ସମ୍ମିଳନୀ କରାଯାଇଥିଲା। ସାମ୍ବାଦିକ ସମ୍ମିଳନୀରେ ନୂଆସୁଙ୍ଗୁଡ଼ା ଗ୍ରାମ୍ୟ ଗ୍ରାମ୍ୟ କମିଟିର ସଭାପତି ପ୍ରସନ୍ନ ମାହାଲା, କୁଳମଣୀ ନାୟକ, ଆଇନଜୀବୀ ଦିନବନ୍ଧୁ ନାୟକ, ଲୋକନାଥ ସେନାପତି, ଶରତ କୁମାର ନାୟକ, ଦୁଷ୍ମନ୍ତ କୁମାର ସ୍ୱାଇଁ , ବନମାଳୀ ସେନାପତି ଓ ମାନଗୋବିନ୍ଦ ଦଶ ଉପସ୍ଥିତ ଥିଲେ। ଦୀର୍ଘ ୭୫ବର୍ଷ ଅତିକ୍ରମ କରିଥିଲେ ମଧ ନୂଆସୁଙ୍ଗୁଡ଼ା ଗ୍ରାମକୁ ଏକ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯାଇନାହିଁ। ତ୍ୱରିତ ରାଜପଥ ଦଇତାରୀ ଠାରୁ ପାରାଦ୍ୱୀପ ପର୍ଯ୍ୟନ୍ତ ଜିବା ସମୟରେ ନୂଆ ସୁଙ୍ଗୁଡ଼ା ଗ୍ରାମର ଥିବା ଜମିକୁ ସରକାର ତ୍ୱରିତ ରାଜପଥରେ ଗ୍ରହଣ କରାଇ ଅନ୍ୟ ସ୍ଥାନରେ ଗୋଚର ଦେଖାଇଥିଲେ। ସେଠାରେ ଚାଲିଥିବା ଶ୍ମଶାନ ଜରାଜୀର୍ଣ୍ଣ ଅବସ୍ଥାରେ ପଡ଼ିରହିଅଛି। ଶ୍ମଶାନ ମଧରେ ଶବ ବ୍ୟବଛେଦପାଇଁ ଆଜି ପର୍ଯ୍ୟନ୍ତ ଗୃହଟିଏ ନିର୍ମାଣ ହୋଇପାରିନାହିଁ। ହାଇଲେବୁଲ କେନାଲ ପାଖରେ ଯାଇଥିଲେ ମଧ ଉକ୍ତ ଗ୍ରାମକୁ କେନାଲ ଦ୍ୱାରା ଜଳ ଆସିବାର ସୁବିଧା ହେଉନାହିଁ । ଯଦ୍ୱାରା ବହୁ ଚାଷ ଜମି ଧାନ ଚାଷରୁ ବଂଚିତ ହେଉଅଛି। ସରକାରଙ୍କର ଆର୍ଥିକ ସାହାଯ୍ୟ ଗ୍ରାମ୍ୟ ଭିତର ରାସ୍ତା ପାଇଁ ମିଳିବା ସମ୍ଭବପର ହେଉନାହିଁ। ଉକ୍ତ ଗ୍ରାମରେ ୧୧ଶହରୁ ଉର୍ଦ୍ଧ୍ୱ ଭୋଟର ନିର୍ବାଚନ ସମୟରେ ଭୋଟ ଦେଇଥାନ୍ତି । ଅଧିକନ୍ତୁ ଯେଉଁ ଗ୍ରାମରେ ଗଣତନ୍ତ୍ର ଦ୍ୱାରା ସାଧାରଣ ଭୋଟର ଭୋଟ ଦେବାପାଇଁ ସକ୍ଷମ ହେଉଛନ୍ତି କିନ୍ତୁ ରାଜସ୍ୱ ଗ୍ରାମ୍ୟ ମାନ୍ୟତା ପାଇଁ ହତାଶ ହୋଇ ପଡ଼ି ରହିଛନ୍ତି। ନୂଆସୁଙ୍ଗୁଡ଼ା ମୌଜାକୁ ଏକ ରାଜସ୍ୱ ଗ୍ରାମର ମାନ୍ୟତା ଦେବାପାଇଁ ସମସ୍ତ ଗ୍ରାମବାସୀ ଆସନ୍ତା ତ୍ରିସ୍ତରୀୟ ପଂଚାୟତ ନିର୍ବାଚନରେ ଭୋଟ ବର୍ଜନ କରିବାପାଇଁ ନିଷ୍ପତ୍ତି ଗ୍ରହଣ କରିଛନ୍ତି। ରାଜସ୍ୱ ମାନ୍ୟତା ପାଇବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଦୀର୍ଘ ୨୫ବର୍ଷ ପୂର୍ବରୁ ରାଜ୍ୟ ସରକାର, ଜିଲ୍ଲାପ୍ରଶାସନ ଓ ରାଜନେତା ମାନଙ୍କୁ ବାରମ୍ବାର ଆପତ୍ତିଅଭିଯୋଗ କଲେ ମଧ ସେମାନେ କର୍ଣ୍ଣପାତ କରିନାହାଁନ୍ତି। ରାଜ୍ୟସରକାର ୨୦୨୧ରେ ଘୋଷଣା କଲେ ବିଭିନ୍ନ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ଦିଆଯିବ। ସେ ସମ୍ପର୍କରେ ଗ୍ରାମବାସୀମାନଙ୍କ ପକ୍ଷରୁ ଏକ ଲିଖିତ ଆବେଦନ ଯାଜପୁର ଜିଲ୍ଲାପାଳ, ଦର୍ପଣ ତହସିଲଦାରଙ୍କୁ ଆବେଦନ କରିଥିଲେ ମଧ ଦର୍ପଣ ତହସିଲଦାର ଆମ ଦାବିକୁ ଅଣଦେଖାକରି ଯାଜପୁର ଜିଲ୍ଲାପାଳଙ୍କ କାର୍ଯ୍ୟାଳୟକୁ ଆମ ଗ୍ରାମ ସମ୍ପର୍କରେ କୌଣସି ଆବେଦନ ପତ୍ର ପଠାଇ ନାହାଁନ୍ତି। ସରକାର ଅନ୍ୟ ପଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ପାଇଁ ଚିଠା ପ୍ରକାଶ ପାଇବାରେ ଲାଗିଛି ହେଲେ ମଧ ନୂଆସୁଙ୍ଗୁଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମ ନକରିବାର କାରଣ କଣ? ସରକାର ଯଦି ଆମ ଦାବିକୁ ଗ୍ରହଣ କରି ନୂଆ ସୁଙ୍ଗୁଡ଼ା ଗ୍ରାମକୁ ରାଜସ୍ୱ ଗ୍ରାମର ମାନ୍ୟତା ନ ଦିଅନ୍ତି ତାହାହେଲେ ଆମେ ନିଶ୍ଚିତ ଭାବେ ଭୋଟ ବର୍ଜନ କରିବୁ। ଶେଷରେ ବନମାଳୀ ସେନାପତି ଉପସ୍ଥିତ ଥିବା ଗ୍ରାମର ସମସ୍ତ ଜନସାଧାରଣ ଓ ସାମ୍ବାଦିକମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।







Printed & Published by Budhadev Mohapatra on behalf of Hiranmayee Media Pvt. Ltd. & Printed at Mayur Offset Printers, Plot No. D-1/1, Mancheswar Industrial Estate, Bhubaneswar-751010 & Published at N-4, F/24, IRC Village, Nayapalli, Bhubaneswar, Dist-Khordha, Pin-751015, Phone : (0674© 2550751/2555116, Fax No. : 2550504, E-mail :editorpbkc@gmail.com, paryabekhyak@gmail.com

ସମ୍ପାଦକ : ଡକ୍ଟର ପବିତ୍ର ମୋହନ ସାମନ୍ତରାୟ
EDITOR : Dr. Pabitra Mohan Samantaray